


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net


email: pratidhwani.dhwani@gmail.com



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ମଙ୍ଗଳବାର ୦୪ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 04 FEBRUARY 2025
Vol.No. 36 ■ No.33 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


## ବଦଳିବ ବହୁ ରାଜସ୍ୱ ନିୟମ: ସୁରେଶ ପୂଜାରୀ

ଝାରସୁଗୁଡ଼ା, ୩/୨ (ନି.ପ୍ର): ରାଜ୍ୟରେ ରାଜସ୍ୱ ସେବାର ବହୁ ନିୟମର ଖୁବଶୀଘ୍ର ସରକାର ପରବର୍ତ୍ତନ ଆଣିବେ। ସେଥିମଧ୍ୟରେ ଓଡ଼ିଶା ପ୍ରିଭେନସନ ଅଫ୍ ଲ୍ୟାଣ୍ଡ୍ ଏନକ୍ରୋଚ୍‌ମେଣ୍ଟ ଆକ୍ଟ ଏବଂ ଓଡ଼ିଶା ଲ୍ୟାଣ୍ଡ୍ ସେଟଲମେଣ୍ଟ ଆକ୍ଟରେ ଅନେକ ସଂଶୋଧନ ରହିଛି। ସୋମବାର ଝାରସୁଗୁଡ଼ା ଜିଲ୍ଲା ଗସ୍ତ ସମୟରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ସଂଶୋଧନ ପରେ ୪ ଡେସିମିଲରୁ କମ୍ ଜମି ଥିବା ଲୋକଙ୍କୁ ଭୂମିହୀନ ଭାବରେ ପରିଗଣିତ କରାଯିବ। ଯାହାର ୨ ଡେସିମିଲ ଜମି ଥିବ ତାଙ୍କୁ ଅତିରିକ୍ତ ଦୁଇ ଡେସିମିଲ ଜମି ଦେବୁ। ଯାହାର ୩ ଡେସିମିଲ ଥିବ ତାକୁ ୧ ଡେସିମିଲ ଜମି ଦିଆଯିବ। ସେମାନଙ୍କ ଜମିଥିବା ସ୍ଥାନରେ ଅତିରିକ୍ତ ଜମି ଦେବାକୁ ସରକାରଙ୍କ ପକ୍ଷରୁ ଚେଷ୍ଟା କରାଯିବ। ସରକାରଙ୍କ ଠାରୁ ମିଳୁଥିବା ଏହି ଜମିକୁ ୧୦ ବର୍ଷ ପରେ ହିତାଧିକାରୀମାନେ ପୂର୍ବରୁ ବିକ୍ରି କରି ପାରୁଥିଲେ। ▶▶ପୃଷ୍ଠା ୭

# ରେଳ ବଜେଟ୍‌ରେ ଓଡ଼ିଶାକୁ ୧୦,୫୯୯ କୋଟି

## ୧୦ ବର୍ଷରେ ରାଜ୍ୟରେ ନିର୍ମାଣ ହୋଇଛି ୨୦୪୬ କିମି ନୂଆ ଟ୍ରାକ୍



ନୂଆଦିଲ୍ଲୀ, ୩/୨ : ଓଡ଼ିଶାରେ ଏବେ ୬ଟି ବନ୍ଦେ ଭାରତ ଚାଲୁଛି। ଆଗକୁ ଆହୁରି ଅନେକ ନୂଆ ଟ୍ରେନ୍ ଓଡ଼ିଶାକୁ ଗଡ଼ିବ । ଓଡ଼ିଶାରେ ଏବେ ୭୮ ହଜାର କୋଟିର ପ୍ରକଳ୍ପ ନିର୍ମାଣ କାମ ଚାଲିଛି । ରେଳ ବଜେଟରେ ଏଥର ଓଡ଼ିଶା ଭାଗରେ ପଡ଼ିଲା ୧୦ ହଜାର ୫୯୯ କୋଟି। ଏନେଇ ସୂଚନା ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ କହିଛନ୍ତି, ରାଜ୍ୟରେ ବିଗତ ୧୦ ବର୍ଷରେ ୨ ହଜାର ୪୬ କିଲୋମିଟର ନୂଆ ଟ୍ରାକ୍ ନିର୍ମାଣ ହୋଇଥିବାବେଳେ ୧୮ ଶହ ୯୮ କିଲୋମିଟର ଟ୍ରାକରେ ଚାଲିଛି କବଚ କାମ। ଯାହା ମାଲେସିଆ ଭଳି ଦେଶର ସମ୍ପୂର୍ଣ୍ଣ ରେଳ ଲାଇନ ଠାରୁ ମଧ ଅଧିକ ବୋଲି କହିଛନ୍ତି ରେଳମନ୍ତ୍ରୀ। ଓଡ଼ିଶାରେ ରେଳବାଇ କ୍ଷେତ୍ରରେ ଏବେ ୭୮ ହଜାର କୋଟି ଟଙ୍କାର ନୂଆ ନିବେଶ ହୋଇଛି । ବଡ଼ କଥା ହେଉଛି ଗତ ଜୁଲାଇରୁ ଏଯାଏଁ ୨୦ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ମୋଦୀ ଅନୁମୋଦନ କରିଛନ୍ତି । ଅମୃତ ଭାରତ ଯୋଜନାରେ ୫୯ଟି ନୂଆ ରେଳଷ୍ଟେସନ କାମ ଚାଲିଛି । ଏବେ ରାଜ୍ୟରେ ୬ ବନ୍ଦେ ଭାରତ ଟ୍ରେନ ଚାଲିଥିବା ବେଳେ ଖୁବଶୀଘ୍ର ଆହୁରି ନୂଆ ଟ୍ରେନ ଚାଲିବ । ସେହିପରି ୪ ଲେନ୍ ହେବ କୋଲକାତା-ଚେନ୍ନାଇ ରେଳପଥ । ଏବେ ବିଶାଖାପାଟଣା ପର୍ଯ୍ୟନ୍ତ ୩ ଲେନ୍ କାମ ଚାଲିଛି । ଯେଉଁଥିରୁ କୋଲକାତାରୁ ଭଦ୍ରକ କାମ ଖୁବଶୀଘ୍ର ସରିବ । ଜୁଲାଇ ୨୦୨୪ରେ ଆରମ୍ଭ ହୋଇଥିବା କବଚ ଇନଷ୍ଟଲେସନ କାମ ୬ ବର୍ଷ ଭିତରେ ସରିବ ବୋଲି ରେଳମନ୍ତ୍ରୀ ସୂଚନା ଦେଇଛନ୍ତି । ଓଡ଼ିଶାରେ ୧୮ ଶହ ୮୮ କିଲୋମିଟର ରେଳଲାଇନରେ ଚାଲିଛି କବଚ ଇନଷ୍ଟଲେସନ । ଏବର୍ଷ ବଜେଟରେ ୧ ଲକ୍ଷ ୫୪ ହଜାର କୋଟି ଟଙ୍କା କେବଳ ରେଳବାଇ କ୍ଷେତ୍ରରେ ସୁରକ୍ଷା ପାଇଁ ବ୍ୟୟବରାଦ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ୨୩୪ଟି ଷ୍ଟେସନରେ ୱାଇଫାଇ କାମ ସରିଥିବା କହିଛନ୍ତି ରେଳମନ୍ତ୍ରୀ । ତା'ସହ ଓଡ଼ିଶାକୁ ପୂର୍ବବର୍ଷର ଅନୁଦାନ ତଥ୍ୟ ଦେଇ ରେଳମନ୍ତ୍ରୀ କହିଛନ୍ତି, ୨୦୨୪ରେ ୧୦ ହଜାର ୫୮୬ କୋଟି ଟଙ୍କା, ୨୦୨୩ରେ ୧୦ ହଜାର ୧୨ କୋଟି ଟଙ୍କା ଅନୁଦାନ ମିଳିଥିଲା । ୟୁପିଏ ସରକାର ସମୟରେ ୮୩୮ କୋଟି ଟଙ୍କା ମିଳୁଥିଲା ।

## ଓଡ଼ିଶା ଗସ୍ତରେ ଷୋଡ଼ଶ ଅର୍ଥ କମିଶନ: ସରକାରଙ୍କ ଦାବି ଉପରେ ରହିଛି ନଜର

ଭୁବନେଶ୍ୱର, ୩/୨ (ନି.ପ୍ର): ଫେବ୍ରୁଆରୀ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିବେ ଷୋଡ଼ଶ ଅର୍ଥ କମିଶନ । ଗସ୍ତ ସମୟରେ କମିଶନଙ୍କ ଆଗରେ ରାଜ୍ୟ ସରକାର ଆଗାମୀ ୫ବର୍ଷ ଲାଗି କଣ ଦାବି ରଖୁଛନ୍ତି ତାକୁ ନେଇ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଯାଇଛି । ମିଳିଥିବା ସୂଚନା ଅନୁସାରେ ଷୋଡ଼ଶ ଅର୍ଥ କମିଶନରେ ଦାବି ସମ୍ଭାବନା । ୨ ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କା ଦାବି ରଖିବେ ସରକାର । ଏହାକୁ ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ ମିଳିସାରିଛି ।ପ୍ରାକୃତିକ ବିପର୍ଯ୍ୟୟ ଲାଗି ସ୍ୱତନ୍ତ୍ର ପ୍ୟାକେଜ ଦାବି ହେବ । ଗ୍ରମାଞ୍ଚଳକୁ ଉନ୍ନତ କରିବା ପାଇଁ ସମସ୍ତ ଅଞ୍ଚଳରେ ନେଟୱର୍କ ସଂଯୋଗ ପରି କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ରଖିପାରନ୍ତି ସରକାର । ସେପଟେ ରାଜ୍ୟ ଅର୍ଥ କମିଶନ ଗଠନରେ ବିଳମ୍ବ ହୋଇଥିବା କାରଣରୁ ରାଜ୍ୟ ସରକାରଙ୍କ ଦାବି ଉପରେ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ୨୦୨୧-୨୬ ବର୍ଷ ଲାଗି ତତ୍କାଳୀନ ରାଜ୍ୟ ସରକାର ଅର୍ଥ କମିଶନ ଆଗରେ ୮ ଲକ୍ଷ ୨୪ ହଜାର କୋଟି ଟଙ୍କାର ଦାବି ରଖିଥିବାବେଳେ ୨ ଲକ୍ଷ ୨୨ ହଜାର କୋଟି ଟଙ୍କାର ଅନୁଦାନ ମିଳିଥିଲା । ତେବେ ଅର୍ଥ କମିଶନଙ୍କ ଗରୁତ୍ୱ କଣ ? ପ୍ରାକୃତୀକ ଦୁର୍ବିପାକ ପ୍ରବଣ ଓଡ଼ିଶାକୁ ସ୍ୱତନ୍ତ୍ର ଅନୁଦାନ ଦାବି କରିଆସୁଥିଲେ ପୂର୍ବ ବିଜେଡି ସରକାର । ହେଲେ ତାହାକୁ ଅଣଦେଖା କରିଆସୁଥିଲେ କେନ୍ଦ୍ରରେ ବିଜେପି ସରକାର । ଏଥର ଷୋଡଶ ଅର୍ଥ କମିଶନରୁ ଅଧିକ ଆଶା ରଖିଛି ଓଡ଼ିଶା । କାରଣ ରାଜ୍ୟରେ ପ୍ରଥମଥର ପାଇଁ ଡବଲ ଇଞ୍ଜିନ ସରକାର ହୋଇଛି ଏବଂ ରାଜ୍ୟ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ମିଳିବ ବୋଲି ଆଶା କରାଯାଉଛି ।

## ଅଶ୍ଳୀଳ ନୃତ୍ୟକୁ ନା: ନିୟମ ନମାନିଲେ ଖାଇବେ ପାହାର, ମା' ବାରଭୁଜାଙ୍କ ପାଖରେ ପୂଜା ହେଲା ୧୦୦ ଠେଙ୍ଗା



ଭୁବନେଶ୍ୱର, ୩/୨(ନି.ପ୍ର) : ଅଶ୍ଳୀଳ ପ୍ରଦର୍ଶନ ନେଇ ଯେଉଁମାନେ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି ସେମାନଙ୍କୁ ସଠିକ ଜବାବ ଦିଆଯିବ। ଏଥିପାଇଁ ଆଜି ମା' ବାରଭୁଜାଙ୍କ ପାଖରେ ଏକାମ୍ର ବିଧାୟକଙ୍କ ନେତୃତ୍ୱରେ ଶହେ ଠେଙ୍ଗା ପୂଜା କରାଯାଇଛି । କେବଳ ଖଣ୍ଡଗିରି ନୁହେଁ ସାରା ଓଡ଼ିଶାରେ ଯୁବକ ଯୁବତୀଙ୍କ ନେତୃତ୍ୱରେ ଏଭଳି ପଦକ୍ଷେପ ନିଆଯିବ । ଅଶ୍ଳୀଳ ପ୍ରଦର୍ଶନକାରୀଙ୍କୁ ଖଣ୍ଡଗିରିରେ ପଶିବାକୁ ଦିଆଯିବ ନାହିଁ । ସେମାନଙ୍କ ସମେତ ଅନ୍ୟ ଯେଉଁମାନେ ଏଭଳି ଚେଷ୍ଟା କରିବେ ସଠିକ ଉତ୍ତର ପାଇବେ ବୋଲି କହିଛନ୍ତି ବିଧାୟକ ବାବୁ ସିଂ । ସେପଟେ ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ନେଇ ବିଏମସି କମିଶନର ଚେତାବନୀ ଦେଇଛନ୍ତି । ପରମ୍ପରା ଓ ମର୍ଯ୍ୟାଦା ଭିତରେ ଯାତ୍ରା ପରିବେଶଣ ପାଇଁ ସେ କହିଛନ୍ତି । ସବୁ ଯାତ୍ରା କମିଟି ଏନେଇ ଅବଗତ ରହିଛନ୍ତି । ଆଶା କରୁଛୁ ଗାଇଡଲାଇନ ଅନୁସାରେ ଯାତ୍ରା ହବ ବୋଲି ବିଏମସି କମିଶନର କହିଛନ୍ତି । ଏହା ସହ ଖଣ୍ଡଗିରିରେ ପରିମଳ ବ୍ୟବସ୍ଥା, ସ୍ଥାୟୀ ଆଲୋକୀକରଣ, ପାନୀୟ ଜଳକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ପଞ୍ଚକୁଣ୍ଡର ଖୁବଶୀଘ୍ର ପୁନରୁଦ୍ଧାର ହେବ ବୋଲି ମଧ ସେ କହିଛନ୍ତି । ୧୦୦ ମିଟରରେ ଜଣେ ଲେଖାଏଁ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ହେବେ । ପରିବେଶ ସଫା ସୁତରା ରଖିବାକୁ ଜନସାଧାରଣଙ୍କୁ ବିଏମସି କମିଶନର ଅନୁରୋଧ କରିଛନ୍ତି ।

## ଝାରପଡ଼ା ଜେଲରେ ଆୟକର ବିଭାଗ: ଠକ ଦମ୍ପତି ହଂସିତା-ଅନୀଲଙ୍କୁ କଲା ମାରାଥନ ଜେରା




ଝାରପଡା, ୩/୨ (ନି.ପ୍ର): ଝାରପଡା ଜେଲରେ ଆଇଟି । ହଂସିତା-ଅନୀଲକୁ ମାରାଥନ ଜେରା, ବଡବଡିଆଙ୍କ ଛାତି ଧଡ଼ଧଡ଼ । ଧୀରେ ଧୀରେ ଖୋଲୁଛି ଠକ ଯୋଡିଙ୍କ ଠକ ସାମ୍ରାଜ୍ୟର ଗୁମର । ସ୍ପଷ୍ଟ ହେଉଛି ବେନାମୀ ସଂପତ୍ତିର ମାଲିକାନା । ପୁଣି ଆକ୍ଟିଭ ହେଲା ହାଇପ୍ରୋଫାଇଲ ଠକ ଦମ୍ପତି ହସିଂତା-ଅନୀଲ ମାମଲା । ଜେଲରେ ଆୟକର ବିଭାଗ କଲା ମାରାଥନ ଜେରା । ବେନାମୀ ସମ୍ପତ୍ତି ଠାରୁ ରାଜନେତାଙ୍କ ସଂପୃକ୍ତି ସବୁ ନେଇ ହୋଇଛି ପଚରାଉଚରା। ▶▶ପୃଷ୍ଠା ୭

## ଖଣ୍ଡଗିରି ମେଳା ପୂର୍ବରୁ ସ୍ଥିତି ସମୀକ୍ଷା କଲେ ବିଏମସି କମିଶନର

ଭୁବନେଶ୍ୱର, ୩/୨ (ନି.ପ୍ର): ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ଖଣ୍ଡଗିରି ମେଳା । ଏହାପୂର୍ବରୁ ସ୍ଥିତି ସମୀକ୍ଷା କରିଛନ୍ତି ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ । ଖଣ୍ଡଗିରିରେ ବଳବତ୍ତର ରହିବ ପରିମଳ ବ୍ୟବସ୍ଥା। ସ୍ଥାୟୀ ଆଲୋକିକରଣ, ପାନୀୟ ଜଳକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ପବିତ୍ର ପଂଚକୁଣ୍ଡର ଖୁବ ଶୀଘ୍ର ହେବ ପୁନରୁଦ୍ଧାର । ▶▶ପୃଷ୍ଠା ୭

# ଲୋକଙ୍କ ଦୁଃଖ ଶୁଣିଲେ ମୁଖ୍ୟମନ୍ତ୍ରୀ: ପ୍ରତ୍ୟୁଷାର ଚିକିତ୍ସା ପାଇଁ ଦେଲେ ୫ ଲକ୍ଷ ଟଙ୍କା





ଭୁବନେଶ୍ୱର, ୩/୨(ନି.ପ୍ର) : ଦୀର୍ଘଦିନ ପରେ ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ । ଆଉ ଅଭିଯୋଗ ପ୍ରକୋଷ୍ଠରେ ପାଦ ଦେଉ ଦେଉ ଦୂରଦୂରାନ୍ତରରୁ ଆସିଥିବା ରୋଗୀଙ୍କ ଦୁଃଖ ବୁଝିଛନ୍ତି ମୋହନ । କିନ୍ତୁ ଭୁବନେଶ୍ୱରକୁ ଆସି ଖର୍ଚ୍ଚାନ୍ତ ହେବା ଅପେକ୍ଷା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଅପିଲ କରିଛନ୍ତି ମୁଖ୍ୟମନ୍ତ୍ରୀ । ୩୦ ଡିସେମ୍ବର ୨୦୨୪, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବହୁ ଆଶା ବିଶ୍ୱାସ ନେଇ କୁନି ଝିଅ ପ୍ରତ୍ୟୁଷାକୁ ଏସସିବି ମେଡିକାଲ ନେଇଥିଲେ ବାପା ମାଆ । ଭାବିଥିଲେ ଏସସିବିରୁ ଝିଅ ନିଶ୍ଚୟ ଭଲ ହୋଇ ଫେରିବ । କିନ୍ତୁ ମାସେ ପରେ କୁନି ଝିଅକୁ ଧରି ପୁଣି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଧାଇଁ ଆସିଛନ୍ତି ପ୍ରତ୍ୟୁଷାଙ୍କ ମାଆ । ଜନ୍ମରୁ ଜିରୋଡର୍ମା ପେଗମେଣ୍ଟସନ ରୋଗରେ ପୀଡିତ ପ୍ରତ୍ୟୁଷାଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାର ଆସୁନି । ବରଂ ଆଖି ଦୁଇଟି ଖରାପ ହୋଇଗଲାଣି । ଏସବୁ ଭିତରେ ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟୁଷାକୁ ଦେଖିବା କ୍ଷଣି ବଡ ମେଡିକାଲରେ ସମସ୍ତ ଚିକିତ୍ସା ▶▶ପୃଷ୍ଠା ୭

## କୁମ୍ଭମେଳାରେ ସୃଷ୍ଟି ହୋଇଥିବା ଦଳାଚକଡ଼ା ପରିସ୍ଥିତିକୁ ନେଇ ଜୟାଙ୍କ ପ୍ରତିକ୍ରିୟା



ନୂଆଦିଲ୍ଲୀ, ୩/୨ : ପ୍ରୟାଗରାଜରେ ଆୟୋଜିତ ହୋଇଥିବା ମହାକୁମ୍ଭ ମେଳାରେ କିଛିଦିନ ତଳେ ଦଳାଚକଡ଼ା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଦୁଃଖଦ ଘଟଣାକୁ ନେଇ ବିଭିନ୍ନ ଲୋକ ବିଭିନ୍ନ ପ୍ରକାର ପ୍ରତିକ୍ରିୟା ଦେଉଛନ୍ତି। ଏହି କ୍ରମରେ ସାମାଜବାଦୀ ପାର୍ଟିର ସାଂସଦ ଜୟା ବଚ୍ଚନ ପ୍ରୟାଗରାଜ ସଙ୍ଗମରେ ସୃଷ୍ଟି ହୋଇଥିବା ଦଳାଚକଡା ପରିସ୍ଥିତିକୁ ନେଇ ଉତ୍ତରପ୍ରଦେଶ ସରକାର ଉପରେ ବଡ଼ ଅଭିଯୋଗ କରିଛନ୍ତି। ସମାଜବାଦୀ ପାର୍ଟି ସାଂସଦ ଜୟା ବଚ୍ଚନ ଫେବ୍ରୁଆରି ୩ ତାରିଖ ସୋମାବର ▶▶ପୃଷ୍ଠା ୭

## ଦିଲ୍ଲୀ ବିଧାନସଭା ପ୍ରଚାର ଶେଷ: ଦିଲ୍ଲୀ ଶିକ୍ଷା ମଡେଲର ପୋଲ୍ ଖୋଲିଦେଲେ ମୋଦି




ନୂଆଦିଲ୍ଲୀ, ୩/୨ : ଦିଲ୍ଲୀ ବିଧାନସଭା ନିର୍ବାଚନ ନିର୍ବାଚନ ପାଇଁ ଆଜି ସଂଧ୍ୟାରୁ ଥମିଯାଇଛି ପ୍ରଚାର ତାତି। ଦିନକ ପରେ ସମସ୍ତ ୭୦ ଆସନରେ ଭୋଟ୍। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲା ବେଳେ ଶେଷ ମୁହୂର୍ତ୍ତରେ ଭୋଟରଙ୍କୁ ମନେଇବାକୁ ଜୋରଦାର କସରତ୍ କରିଛନ୍ତି ତିନି ପ୍ରମୁଖ ଦଳ ବିଜେପି, ଆପ୍ ଓ କଂଗ୍ରେସ। ହାଇଭୋଲଟେଜ୍ କ୍ୟାମ୍ପେନରେ କମ୍ପିଛି ଦେଶର ରାଜଧାନୀ। ଭୋଟ୍ ଗ୍ରହଣର ଦିନକ ପୂର୍ବରୁ ଦିଲ୍ଲୀ ଦଖଲ ପାଇଁ ତିନି ଦଳର ଇଏ ଅନ୍ତିମ ପ୍ରଚାର ଲଢ଼େଇ। ଶେଷ ମୁହୂର୍ତ୍ତରେ ଜନତାଙ୍କୁ ମନାଇ ଦୀର୍ଘ ୨୫ ବର୍ଷ ପରେ କ୍ଷମତାକୁ ଫେରିବାକୁ ତ ସାରା ଦିଲ୍ଲୀରେ ଯେମିତି ପୂରା ରଣନୀତି ସହ ଛାଇ ଯାଇଥିଲେ କେନ୍ଦ୍ରୀୟ ବିଜେପିର ଟପ୍ ବ୍ରିଗେଡ୍। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଲି ଆର.କେ ପୁରମ୍ ସଭାରେ ଦିଲ୍ଲୀରେ ବିକାଶର ନୂଆ ବସନ୍ତ ଆସିବ ବୋଲି କହିବା ପରେ ଆଜି ଦିଲ୍ଲୀର ଛାତ୍ରଛାତ୍ରୀଙ୍କ ସହ କଥା ହେବା ଛଳରେ ଦିଲ୍ଲୀ ସରକାରର ଶିକ୍ଷା ମଡେଲର କଡ଼ା ସମାଲୋଚନା କରିଛନ୍ତି। କହିଛନ୍ତି,

## ୩ ଦେଶ ଉପରେ ଟ୍ରମ୍ପ ଟାରିଫ ଲଗାଇବା ପରେ ଚିନ୍ତାରେ ଅନ୍ୟଦେଶ: ଭାରତୀୟ ବଜାରରେ ବଡ ପ୍ରଭାବ



ନୂଆଦିଲ୍ଲୀ, ୩/୨ : ସେୟାର ମାର୍କେଟରେ ଲାଗିଛି ନିଆଁ । ମାତ୍ର କିଛି ସମୟ ମଧ୍ୟରେ ନିବେଶକଙ୍କ ୫ ଲକ୍ଷ କୋଟି ଟଙ୍କା ବୁଡ଼ି ଯାଇଛି । ସୂଚନା ଅନୁସାରେ ଆଜି ସେୟାର ବଜାରରେ ବଡ଼ ଧରଣ ହ୍ରାସ ଘଟିଛି । ଉଭୟ ନିଫ୍ଟି ଏବଂ ସେନସ୍କ୍ସରେ ହ୍ରାସ ଘଟିଛି । ତେବେ ଏହାର ମୁଖ୍ୟ କାରଣ ଟ୍ରମ୍ପ ବୋଲି କୁହାଯାଉଛି । ଆମେରିକାର ରାଷ୍ଟ୍ରପତିଙ୍କ ଘୋଷଣା ପରେ ଏଭଳି ଘଟିଥିବା କୁହାଯାଉଛି । ଚୀନ, କାନାଡ଼ା ଏବଂ ମେକ୍ସିକୋ ଉପରେ ଆମେରିକାର ଟ୍ୟାକ୍ସ ବୃଦ୍ଧି ପରେ ସେୟାର ମାର୍କେଟରେ ବଡ଼ ଧରଣର ହଇଚଇ ସୃଷ୍ଟି ହୋଇଛି । ସେନସ୍କ୍ସ ୭୦୦ ଅଙ୍କ ହ୍ରାସ ହୋଇ ୭୬, ୮୨୭.୯୫ରେ ପହଞ୍ଚି ଥିବାବେଳେ ନିଫ୍ଟି ୨୦୭.୯୦ ଅଙ୍କର ହ୍ରାସ୍ ହୋଇ ୨୩,୨୭୪.୨୫ ଅଙ୍କରେ ପହଞ୍ଚିଛି । ତେବେ ସୋମବାର ସେୟାର ବଜାର ଖୋଲୁ ଖୋଲୁ ମାର୍କେଟ ଦ୍ରୁତ ଗତିରେ ହ୍ରାସ ହେବା ଆରମ୍ଭ ହୋଇଥିଲା । ସେୟାର ମାର୍କେଟର ପ୍ରମୁଖ ସୂଚକାଙ୍କ ମଧ ଏବେ ହ୍ରାସ ଘଟିଛି । ଏପରିକି ପ୍ରମୁଖ କମ୍ପାନୀମାନଙ୍କର ସେୟାରରେ ମଧ ହ୍ରାସ ଘଟିଛି । ତେବେ ସେୟାର ମାର୍କେଟରେ ବଡ଼ ଧରଣର କ୍ଷତି ସହିଛନ୍ତି ନିବେଶକ । ବିଏସଇ ତାଲିକାଭୁକ୍ତ କମ୍ପାନୀ ଗୁଡ଼ିକର ଗତ ବାଣିଜ୍ୟ ଅଧିବେଶନରେ ୪୨୪ ଲକ୍ଷ କୋଟିରୁ ୪୧୯ କୋଟ ଲକ୍ଷକୁ ହ୍ରାସ ପାଇଛି । ଏହି କାରଣରୁ ନିବେଶକଙ୍କ ୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି । ତେବେ ବଜେଟ ଘୋଷଣା ହେବା ପରେ ଆଶା ରହିଥିଲା କି ସେୟାର ମାର୍କେଟରେ ନିବେଶକମାନେ ଭଲ ଲାଭ ପାଇବେ । ମାତ୍ର ଆମେରିକାର ଟ୍ୟାକ୍ସ ବୃଦ୍ଧି ଘୋଷଣା ପରେ ସବୁକିଛି ଓଲଟ ପାଲଟ ହୋଇଯାଇଛି।

## ନିରଂଜନ ପଟ୍ଟନାୟକ ଘରୁ ଲୁଟ୍ ଘଟଣା: ୧୦ଦିନ ପରେ ପୁଲିସ ହାତ ଖାଲି

ଭୁବନେଶ୍ୱର, ୩/୨ (ନି.ପ୍ର): ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଲୁଟ ଘଟଣା । ୧୦ଦିନ ପରେ ପୋଲିସ ହାତ ଖାଲି। ଏ ସଂପର୍କରେ ନିରଞ୍ଜନ କହିଛନ୍ତି ଆଶା ମଉଳି ଯାଉଛି । ରାତି ହେଲେ ଛାତି ଥରୁଛି । ପୋଲିସ ମୋ ଘରକୁ ବାରମ୍ବାର ଆସୁଛି ହେଲେ ଚୋର ଧରୁଛି କି ନାହିଁ ଜଣାପଡିନି । ରାଜଧାନୀ ଏବେ ଅସୁରକ୍ଷିତ ହୋଇପଡିଛି । ଲୋକଙ୍କୁ ସୁରକ୍ଷା ଦେବାକୁ ନିବେଦନ କଲେ ନିରଞ୍ଜନ । ପୋଲିସ ଚୋର ଧରିବାର ଦକ୍ଷତା ବଢାଉ । ଲୁଟ ସମ୍ପତ୍ତି ମିଳିବା ଉପରେ ଧିରେ ଧିରେ ଆଶା ମଉଳି ଯାଉଛି ବୋଲି କହିଛନ୍ତି ନିରଂଜନ।

# ଗୋଟିଏ ନଳକୂପ ଉପରେ ୨୦ ପରିବାରର ଭରସା: ଟୋପାଏ ପିଇବା ପାଣି ପାଇଁ ହନ୍ତସନ୍ତ ଗାନିପଡା ସାହି ବାସିନ୍ଦା

ଘୁ.ଉଦୟଗିରି, ୩/୨ (ନି.ପ୍ର): ଆଗକୁ ଗ୍ରୀଷ୍ମ ଋତୁ। ପ୍ରବଳ ଖରାକୁ ପାଣି ସମସ୍ୟା ଅଧିକ ଜଟିଳ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ହେଲେ ପ୍ରଶାସନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ନକରି ହାତ ଯୋଡି ବସିଥିବା ବେଳେ ଗ୍ରାମାଞ୍ଚଳରେ ଲୋକେ ଟୋପାଏ ପିଇବା ପାଣି ପାଇଁ ହନ୍ତସନ୍ତ ହେବା ଦୃଶ୍ୟ ଦେଖିବାକୁ ମିଳିଲାଣି।
ଏହିଭଳି ଦୃଶ୍ୟ କନ୍ଧମାଳ ଜିଲ୍ଲା କନୂଆଗାଁ ବ୍ଲକ୍ ଅନ୍ତର୍ଗତ ସାଇନପଡ଼ା ପଞ୍ଚାୟତ ଗାନିପଡ଼ା ସାହିରେ ଦେଖିବାକୁ ମିଳିଛି। ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପରିବାର ଏହି ସାହିରେ ରହୁଥିବା ବେଳେ ମାତ୍ର ଗୋଟିଏ ନଳକୂପ ଏବଂ ଗୋଟିଏ କୂଅ ରହିଛି।



କୂଅରେ ବର୍ଷ ତମାମ ପାଣି ରହୁ ନଥିବା ଯୋଗୁ ସମସ୍ତ ସାହି ବାସିନ୍ଦା ଗୋଟିଏ ନଳକୂପ ଉପରେ ଭରସା କରୁଛନ୍ତି । ଯାହାକି ସମୁଦ୍ରକୁ ଶଙ୍ଖେ ଭଳି ମନେହେଉଛି। ଫଳରେ ଗାନିପଡ଼ା ସାହିରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପରିବାର ପାଣି ବୁନ୍ଦେ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।
ବର୍ଷ ବର୍ଷ ଧରି ସାହିରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାକୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ ଦାବି କରିଥିଲେ ମଧ୍ୟ ଆଜିଯାଏଁ ସମାଧାନ ହୋଇପାରୁ ନଥିବା କହିଛନ୍ତି ଗ୍ରାମବାସୀ।
ତେଣୁ ସାହିରେ ଏକ ନୂତନ ନଳକୂପ କିମ୍ବା ସୋଲାର ପମ୍ପ ପ୍ରକଳ୍ପ ନିର୍ମାଣ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ରାଜନ୍ତି ସାହୁ, ରାଇମତି ପ୍ରଧାନ, ଲକିନା ସାହୁ, ଲକ୍ଷ୍ମୀ ପ୍ରଧାନ, ରିତା ସାହୁ, ଜଛନା ସାହୁ, ସୁକୁଲା ସାହୁ, ରମେଶ ପ୍ରଧାନ, ଜାନୁ ସାହୁ,ସହ ଗାନିପଡ଼ା ସାହି ବାସିନ୍ଦା ଦାବି କରିଛନ୍ତି।

# ଇକୋ ଟୁରିଜିମ୍: ଆୟ ବଢୁଛି, ରକ୍ଷଣାବେକ୍ଷଣ ହେଉନି

ଭୁବନେଶ୍ୱର, ୩/୨ (ନି.ପ୍ର): ୨୦୧୬-୧୭ ଆର୍ଥିକ ବର୍ଷରେ ପରିବେଶ ପର୍ଯ୍ୟଟନ(ଇକୋ ଟୁରିଜିମ୍) ଯୋଜନା ଆରମ୍ଭ ହୋଇଥିଲା। ଲକ୍ଷ୍ୟ ଥିଲା ଜଙ୍ଗଲୀ ପରିବେଶ ସହ ପର୍ଯ୍ୟଟକଙ୍କୁ ଯୋଡ଼ିବା ଏବଂ ସ୍ଥାନୀୟ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା। ପ୍ରଥମେ ପ୍ରଥମେ ଏହାର ଭବିଷ୍ୟତ ନେଇ ଅନିଶ୍ଚିତତା ଲାଗିରହିଥିଲା। ତେବେ ସୁଦୃଢ଼ ଭିତ୍ତିଭୂମି ସାଙ୍ଗକୁ ପର୍ଯ୍ୟଟକଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ ଦ୍ୱାରା ଏବେ ଏହା ବେଶ୍ ଆଦୃତ ହେବାରେ ଲାଗିଛି। ହାତଗଣତି ଇକୋ ଟୁରିଜିମ୍ ସ୍ଥଳକୁ ଛାଡ଼ି ଦେଲେ ଅଧିକାଂଶ ଏବେ ଲାଭଦାୟକ ସାବ୍ୟସ୍ତ ହୋଇଛି। ଯେଉଁ କେତେକ ସ୍ଥାନରେ ମ୍ୟାନେଜର ନିଯୁକ୍ତ ହୋଇଛନ୍ତି ସେଠାରେ ବର୍ଷକୁ ବର୍ଷ ଆୟ ବଢ଼ିବାରେ ଲାଗିଛି। ଲାଭଦାୟକ ସାବ୍ୟସ୍ତ ହେଉଥିବା ରାଜ୍ୟ ସରକାରଙ୍କ ଏହି ଯୋଜନାରେ ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ଯେଉଁଭଳି ବିକାଶ ହେବା କଥା ତାହା ହେଉ ନାହିଁ। ଆୟର ୧୦% ଇକୋ ଟୁରିଜିମ୍ ସ୍ଥଳର ଭିତ୍ତିଭୂମି ବିକାଶ ପାଇଁ ଖର୍ଚ୍ଚ ହେବାକୁ ଥିବା ବେଳେ ତାହା ହେଉ ନାହିଁ। ଠିକ୍ ସମୟରେ ଦରମା ମିଳୁ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିୟମ ଅନୁଯାୟୀ ମୋଟ ଆୟର ୩୫% ଇକୋ ଟୁରିଜିମ୍‌ରେ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକଙ୍କ ଦରମା ବାବଦରେ ଖର୍ଚ୍ଚ ହେବ। ଏହା ବ୍ୟତୀତ ୨୫% ଅର୍ଥ ଖାଦ୍ୟପାନୀୟ ବାବଦରେ, ୧୦% ଲେଖାଏଁ ଭିତ୍ତିଭୂମି ବିକାଶ, ନିକଟସ୍ଥ ଗ୍ରାମର ବିକାଶ, କର୍ପସ୍ ପାଣ୍ଠି, ସରକାରୀ ଖାତାକୁ ଯିବ। ତେବେ ଇକୋ-ଟୁରିଜିମ୍ କଟେଜ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉ ନାହିଁ କି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଆଖିଦୃଶିଆ କାର୍ଯ୍ୟ କରାଯାଉ ନଥିବା ଅଭିଯୋଗ ହୋଇଛି। ୨୦୧୬-୧୭ ଆର୍ଥିକ ବର୍ଷରେ ୧୧ଟି ଇକୋ-ଟୁରିଜିମ୍ ସ୍ଥଳରେ ଚୁକ୍ତିଭିତ୍ତିକ ଭାବେ ୧୧ଜଣ ମ୍ୟାନେଜରଙ୍କୁ ନିଯୁକ୍ତ କରାଯାଇଥିଲା। ଦରମା ବୃଦ୍ଧି ନ ହେବା, ଅଧିକାରୀଙ୍କ ନିର୍ଯାତନା ଯୋଗୁଁ ୪ଜଣ ଇତିମଧ୍ୟରେ ଛାଡ଼ି ପଳାଇଲେଣି। ଏବେ ଆଉ ୭ଜଣ ରହିଛନ୍ତି। ଯେଉଁମାନେ କି ଇକୋ-ଟୁରିଜିମ୍ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏମାନେ ୭ରୁ ୮ ବର୍ଷ ଧରି ସଫଳତାର ସହ କାର୍ଯ୍ୟ କରିବା ପରେ ମଧ୍ୟ ଏବେ ସେମାନଙ୍କ ଯୋଗ୍ୟତା ନେଇ ବନ ବିଭାଗ ପ୍ରଶ୍ନ ଉଠାଇଛି। ସେମାନେ କିଭଳି ଭାବେ କାର୍ଯ୍ୟ କରୁଛନ୍ତି ତାହାର ରିପୋର୍ଟ ଦେବାକୁ ପିସିସିଏଫ୍(ବନ୍ୟପ୍ରାଣୀ) ୨୮ ତାରିଖରେ ଡିଏଫ୍‌ଓଙ୍କୁ କହିଛନ୍ତି। ହଠାତ୍ ଏଭଳି ଚିଠିକୁ ନେଇ ମ୍ୟାନେଜରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗୋଟିଏ ପଟେ ଇକୋ-ଟୁରିଜିମ୍‌ରୁ ବନ ବିଭାଗ ପ୍ରଚୁର ଅର୍ଥ ପାଉଥିବା ବେଳେ ଅନ୍ୟପଟେ ମ୍ୟାନେଜରମାନଙ୍କ ଦରମା ବୃଦ୍ଧି ଦିଗରେ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ। ଜଙ୍ଗଲ ବିଭାଗ ତଥ୍ୟ ଅନୁଯାୟୀ ପ୍ରଥମ ବର୍ଷରେ ୧୧ହଜାର ୫୦୦ ଜଣ ଇକେ ଟୁରିଜିମ୍‌ର ମଜା ଉଠାଇଥିଲେ। ଏହାର କଳେବର ବଢ଼ିବା ସହ ଏବେ ପରିବେଶ ପର୍ଯ୍ୟଟନସ୍ଥଳୀ ସଂଖ୍ୟା ୫୦ ଡେଇଁଗଲାଣି। ଉଭୟ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ଆସୁଛନ୍ତି। ପ୍ରଥମ ବର୍ଷରେ ମାତ୍ର ୧ କୋଟି ୫୭ ଲକ୍ଷ ଟଙ୍କା ଆୟ ହୋଇଥିଲା, ଯାହାକି ୨୦୨୩-୨୪ ଆର୍ଥିକ ବର୍ଷରେ ୧୫ କୋଟି ୧୭ ଲକ୍ଷରେ ପହଞ୍ଚିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ମଧ୍ୟ ଭଲ ରୋଜଗାର ହୋଇଛି।

# ପାଇପ ଚୋରକୁ ଧରି ପୋଲିସ ଜିମାରେ ଦେଲେ ଗ୍ରାମବାସୀ

ଖଇରା, ୩/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରଟିଣା ଅଞ୍ଚଳରେ ପାନିୟ ଜଳ ପ୍ରକଳ୍ପ ପାଇଁ ବିଛା ଯାଇଥିବା ଜିଆଇ ପାଇପକୁ କାଟି ଅଟୋରେ ବିକ୍ରି କରୁଥିବା ନେଉଥିବା ବେଳେ ସୋମବାର ଗ୍ରାମବାସୀ ମାନେ ଧରି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି । ଧରାପଡିଥିବା ଚୋରଙ୍କ ମଧ୍ୟରେ ଗାଡି ଡ୍ରାଇଭର ରଞ୍ଜନ କୁମାର ସିଂ ଓ ଅନ୍ୟ ବାଂଲାଦେଶୀ ଯୁବକ ରହିଛନ୍ତି । ଚୋରି ର ମୁଖ୍ୟସୂତ୍ରଧର ରଟିଣା ବାସିନ୍ଦା ହୋଇଥିବା ବେଳେ ସେ ଫେରାର ଅଛି । ବର୍ତ୍ତମାନ ରଟିଣା ଅଞ୍ଚଳରେ ୮୦କୋଟି ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ କାମ ଚଲିଥିବା ବେଳେ ଏହି ର୍ୟାକେଟ ପ୍ରତ୍ୟେକ ରାତିରେ ଜିଆଇ ପାଇପକୁ କାଟି ଜଣେ ବ୍ୟକ୍ତିଙ୍କ ଘରେ ଜିମାରଖି ସୁବିଧା ଅନୁସାରେ ବିକ୍ରି କରିବାକୁ ନେଉଥିଲେ ।

# ଶ୍ରୀନିବାସ ଓ ସୀମାଞ୍ଚଳ ଦ୍ୱିତୀୟ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କଳିଙ୍ଗ ମହାବିଦ୍ୟାଳୟ ଚମ୍ପିଅନ

ଘୁ ଉଦୟଗିରି, ୩/୨ (ନି.ପ୍ର): ଘୁ ଉଦୟଗିରି ବ୍ଲକ ଅନ୍ତର୍ଗତ କଳିଙ୍ଗା ପଞ୍ଚାୟତ ପକ୍ଷରୁ ଶ୍ରୀନିବାସ ଓ ସିମାଞ୍ଚଳ ଦ୍ୱିତୀୟ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଏହି ପ୍ରତିଯୋଗିତା ୧୬ଟି ଦଳକୁ ନେଇ ଆୟୋଜିତ ହୋଇଥିବା ବେଳେ ଶେଷ ଦିବସରେ ଡେ ନାଇଟ୍ ଖେଳ ଅନୁଷ୍ଠିତ ହୋଇଥିଲା।




ଉଦ୍‌ଯାପନୀ ଦିବସରେ କଳିଙ୍ଗା ମହାବିଦ୍ୟାଳୟ ସହିତ ରୁଦାଙ୍ଗିଆ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା ଓ ଶେଷରେ କଳିଙ୍ଗା ମହାବିଦ୍ୟାଳୟ ଦଳ ଚମ୍ପିଅନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଘୁ.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ,ସ୍ଥାନୀୟ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଟିକାବାଲି ବ୍ଲକ ଅଧକ୍ଷ ଦିଲୀପ କହଁର, ଭାରତୀୟ ଜନତା ପାର୍ଟି ରାଜ୍ୟ ଅନୁସୂଚିତ ଜାତି ଉପସଭାପତି ରାମବିଶି ଦିଗାଲ, ଶିକ୍ଷକ ତଥା କ୍ରୀଡାବିତ୍ ରୁପେସ କୁମାର ନାୟକ, କଳିଙ୍ଗା ସରପଞ୍ଚ ବକ୍ସି ମଲ୍ଲିକ, ଜ୍ୟୋତି ମୋହନ ପ୍ରଧାନ , ସମାଜସେବୀ ପାପା ଭାଇ ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।
ଏହି ଖେଳ କଳିଙ୍ଗାବାସୀଙ୍କ ଭାଇଚାରାର ଖେଳ ଯାହା କଳିଙ୍ଗା ଭଲିବଲ ଆସୋସିଏସନ୍ ପକ୍ଷରୁ ଆୟାଜନ କରାଯାଇଥିବା ବେଳେ ଅଞ୍ଚଳର ସହ ସହ ଖେଳପ୍ରେମୀ ଏହାକୁ ଦେଖି ଉପଭୋଗ କରିଥିଲେ । ଦୀର୍ଘ ୬ ଦିନ ଧରି ଖେଳ ଅନୁଷ୍ଠିତ ହୋଇଥିଲା।
ଚମ୍ପିଅନ ଭାବରେ କଳିଙ୍ଗା ମହାବିଦ୍ୟାଳୟ ୧୫୦୦୧ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିବା ବେଳେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ରୁଦଙ୍ଗିଆ ଦଳ ୯୯୯୯ ଟଙ୍କା ଓ ଟ୍ରଫି ଗ୍ରହଣ କରିଥିଲା ।
ଆୟୋଜକ ଦଳ ଅନେକଙ୍କୁ ସମ୍ମାନିତ କରି ଶାନ୍ତି ଶୃଙ୍ଖଳା ସହିତ ଖେଳକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଆୟୋଜକ ଭାବରେ ଯୁବ ସମାଜସେବୀ ଆମନ୍ ଚନ୍ଦ୍ର ନାୟକ,ସଭାପତି ସୁବ୍ରତ ଆଚାର୍ଯ୍ୟ,ଉପ ସଭାପତି ଅରୁଣ କୁମାର୍ ସାହୁ, ସମ୍ପାଦକ ଶଙ୍କର କୁମାର୍ ସାହୁ, କୋଷାଧ୍ୟକ୍ଷ ବୁଦ୍ଧଦେବ ମହାରଣା ସମେତ କମିଟିର ଯୁବକମାନେ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବରେ ତୁଷାର କୁମାର୍ କହଁର, କେଶନ ଦିଗାଲ ଓ ଆସିସ ନାୟକ ସୁନ୍ଦର୍ ଭାବରେ ପରିଚାଳିତ କରିଥିବା ବେଳେ ରେଫରି ଭାବରେ ଅସିତ୍ କୁମାର୍ ପ୍ରଧାନ(ଲାପୁ ଭାଇ) ଏବଂ ସ୍ମୃତି ନାୟକ (କାଳିଆ) ସୁଚାରୁ ରୂପେ ଖେଳକୁ ପରିଚାଳିତ କରିଥିଲେ ।

# ସୁପ୍ରିମ୍‌କୋର୍ଟଙ୍କୁ ମାନିଲେନି: ଏଜି ବି ଉଠାଇଥିଲେ ଆପତ୍ତି, ଭୁଶୁଡ଼ିବା ସ୍ଥିତିରେ କଂସେଇଖାନା

ଭୁବନେଶ୍ୱର, ୩/୨ (ନି.ପ୍ର): ରାସ୍ତା କଡ଼ରେ କଟାଯିବନି ଛେଳି। ବିକ୍ରି ହେବନି ମାଂସ। ସ୍ୱତନ୍ତ୍ର କଂସେଇଖାନାରେ ମାଂସ କଟା ହେବ। ୨୦୧୪ ମସିହାରେ ଏନେଇ ସୁପ୍ରିମ୍‌କୋର୍ଟ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଗାଡ଼କଣରେ ୨୦୧୭ ମସିହାରେ ବିଏମ୍‌ସି ପ୍ରାୟ ଦେଢ଼କୋଟି ଟଙ୍କା ବ୍ୟୟରେ ଆଧୁନିକ କଂସେଇଖାନା ନିର୍ମାଣ କରିଥିଲା। କିନ୍ତୁ ୮ ବର୍ଷ ହେବ ତାହା କାର୍ଯ୍ୟକ୍ଷମ ହୋଇ ପାରିଲାନି। ଫଳରେ ଏହା ଭୁଶୁଡ଼ିବାକୁ ବସିଛି। ଗତବର୍ଷ ଏ ନେଇ ମହାହଲେଖାକାର(ଏଜି) ମଧ୍ୟ ଅଡିଟ୍ ରିପୋର୍ଟରେ ବିଏମ୍‌ସିର ଅପାରଗତାରୁ ଦେଢ଼କୋଟି ଟଙ୍କାର ପ୍ରକଳ୍ପ ଖତ ଖାଉଥିବା ରିପୋର୍ଟରେ ଦର୍ଶାଇଥିଲେ। ଗୋଟିଏ ପଟେ ସୁପ୍ରିମ୍‌କୋର୍ଟଙ୍କ ଆଦେଶକୁ ଗିଳିଦେଇଥିବା ବେଳେ ଅନ୍ୟପଟେ ଏଜି ଉଠାଇଥିବା ଆପତ୍ତି ଉପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ଗାଡ଼କଣରେ ଏହି କଂସେଇଖାନା ପ୍ରସ୍ତୁତ ହେବା ପରେ ଏହାକୁ ପରିଚାଳନା କରିବା ପାଇଁ ସଂସ୍ଥା ମିଳି ନଥିଲେ। ଏଣୁ ଏହା ଅବ୍ୟବହୃତ ହୋଇ ପଡ଼ିଥିଲା। ଏହା କାର୍ଯ୍ୟକ୍ଷମ ହୋଇଥିଲେ ବିଦ୍ୟୁତ୍ ବିଲ୍ ଭରଣା କରାଯାଇଥାନ୍ତା। କିନ୍ତୁ ଏଥିରୁ ଟଙ୍କାଟିଏ ରାଜସ୍ୱ ଆଦାୟ ହେଉ ନଥିବାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ୬ ମାସ ହେଲାଣି ଏହା ଅନ୍ଧାର ପଡ଼ିଛି। ଟ୍ରାନ୍ସଫରମର ଚାରିପଟେ ଗଛ ଲତା ମାଡ଼ିଗଲାଣି। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଥିବା ଯନ୍ତ୍ରାଂଶ ଅଚଳ ହୋଇପଡ଼ି ରହିଛି।



କଂସେଇଖାନା ପରିସରରେ ୪ଟି ଦୋକାନ ମାଂସ ବେପାରୀଙ୍କୁ ଦିଆଯାଇଥିଲେ ମଧ୍ୟ ସେଥିରୁ ଗୋଟିଏ ଖୋଲୁଛି। ପାଣିର ସୁବିଧା ନଥିବାରୁ ବ୍ୟବସାୟୀଜଣଙ୍କ ପାଖ ଘରୁ ପାଣି ଆଣି ବ୍ୟବହାର କରୁଛନ୍ତି। କର୍ପୋରେଟର ସୁଷମା ସାହୁଙ୍କ କହିବା କଥା, ସେ ଏ ନେଇ ବାରମ୍ବାର ବିଏମସି ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଦୁଇ ମାସ ତଳେ କମିସନର ପରିଦର୍ଶନ ପାଇଁ ଆସିଥିଲେ। ଏହା କାର୍ଯ୍ୟକ୍ଷମ ହେବାସହ ନିକଟରେ ଏକ ଆମିଷ ମାର୍କେଟ ତିଆରି ହେବ ବୋଲି କହିଛନ୍ତି। ଇଏ ତ ଗଲା କଂସେଇଖାନା କଥା। ୟୁନିଟ-୪ରେ ଥିବା ମାଂସ ମାର୍କେଟରେ ବିଚିତ୍ର ସ୍ଥିତି ଉପୁଜିଛି। ୭୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଏହି ୧୭ଟି ଆମିଶ ଦୋକାନ ଖୋଲୁନାହିଁ। ୨୦୧୮ ମସିହାରେ ନିର୍ମାଣ ହେବା ପରଠାରୁ ତାଲା ଝୁଲୁଛି। କେହି କେହି ଏହାକୁ ଗୋଦାମ ଭାବେ ବ୍ୟବହାର କରୁଛନ୍ତି। ରାସ୍ତା କଡ଼ରୁ ହଟାଇ ମାଂସ ବେପାରୀଙ୍କୁ ଗୋଟିଏ ଜାଗାରେ ଶୃଙ୍ଖଳିତ ଭାବରେ ବସାଇବା ପାଇଁ ଯେଉଁ ଯୋଜନା ହୋଇଥିଲା ତାହା ସଫଳ ହୋଇ ପାରିନାହିଁ। ଏହା ଭିତରକୁ ଯିବାକୁ ରାସ୍ତା ନାହିଁ। ମାଂସ ଗ୍ରାହକ ଏହା ଭିତରକୁ ଆସିବେ ନାହିଁ କହି ଦୋକାନ ପାଇଥିବା ବ୍ୟବସାୟୀ ଆସୁନାହାନ୍ତି। ବଡ଼କଥା ହେଉଛି ଦୋକାନ ଆବଣ୍ଟନରେ ପାତରଅନ୍ତର ହୋଇଛି। ଏହାକୁ ବିଏମ୍‌ସି ସମାଧାନ କରିନାହିଁ। ଆଉ ଗୋଟିଏ ବଡ଼ ସମସ୍ୟା ହେଉଛି ୧୫ କିମି ଦୂର ଗାଡ଼କଣ କଂସେଇଖାନାରେ ମାଂସ କାଟିବା ଓ ସେଠାରୁ ଆଣି ଏଠାରେ ବେପାର କରିବା କାଠିକର ପାଠ କହି ମଧ୍ୟ ବ୍ୟବସାୟୀ ଆସୁନାହାନ୍ତି। ଫଳରେ ଏହି ମାଂସ ବଜାର ମଧ୍ୟ ଖତ ଖାଇବାକୁ ବସିଛି। କର୍ପୋରେଟର ଅଲିଅଳି ମଲ୍ଲିକଙ୍କ କହିବା ଅନୁଯାୟୀ ବିଏମସି ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ବ୍ୟବସାୟୀଙ୍କ ସହ ଆଲୋଚନା ହୋଇଛି। ଏପରିକି ବିଏମସି ଅଧିକାରୀ ମଧ୍ୟ ସ୍ଥାନ ପରିଦର୍ଶନ କରିଛନ୍ତି। ଖୁବ ଶୀଘ୍ର ସମସ୍ୟାର ସମାଧାନ ହେବ।

# ବିକାଶରୁ କୋଶେ ଦୂରରେ ପାଦେରିମାହା ଗାଁ: ଆଜି ବି କାଠପୋଲ ଭରସା

ଘୁ.ଉଦୟଗିରି, ୩/୨ (ନି.ପ୍ର): ଗ୍ରାମାଞ୍ଚଳରେ ଯୋଗାଯୋଗକୁ ସୁଗମ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ପକ୍କାରାସ୍ତା ନିର୍ମାଣ ହେଉଛି। ହେଲେ ଆଜି ବି ଏଭଳି ଅନେକ ଦୁର୍ଗମ ଅଞ୍ଚଳ ଅଛି, ଯେଉଁଠି ପକ୍କାରାସ୍ତା ଲୋକଙ୍କ ପାଇଁ ସାତସପନ ପାଲଟିଛି। ରାସ୍ତା ନଥିବାରୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ବିଦ୍ୟୁତ୍‌ଠୁ ଆରମ୍ଭ କରି ବିଭିନ୍ନ ମୌଳିକ ସୁବିଧାରୁ ସେମାନେ ବଞ୍ଚିତ ହୋଇ ରହୁଛନ୍ତି। କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ୍ ଚାଞ୍ଜେଡ଼ି ଗ୍ରାମପଞ୍ଚାୟତର ପାଦେରିମାହା ଗ୍ରାମ ଏହାର ଜ୍ୱଳନ୍ତ ଉଦାହରଣ। ଆଜି ବି ଏହି ଗ୍ରାମର ଲୋକଙ୍କ ଗମନାଗମନ ପାଇଁ କାଠପୋଲ ଏକମାତ୍ର ଭରସା ପାଲଟିଛି। ନିଜେ ଏହି ପୋଲକୁ ସେମାନେ ତିଆରି କରି ବର୍ଷ ବର୍ଷ ଧରି ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି। ବାରମ୍ବାର



ଗୁହାରି କରିବା ସତ୍ତ୍ୱେ ପକ୍କାରାସ୍ତା ଓ ପୋଲ ନିର୍ମାଣ ପାଇଁ ପ୍ରଶାସନ ତତ୍ପରତା ଦେଖାଉ ନଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଏହି ଗାଁରେ ୧୮ପରିବାରରେ ୭୫ ଜଣ ସଦସ୍ୟ ବସବାସ କରୁଛନ୍ତି। ସମସ୍ତଙ୍କର ଜୀବିକା ହେଉଛି ଚାଷ। କିନ୍ତୁ ରାସ୍ତା ନଥିବାରୁ ଲୋକେ ବର୍ଷସାରା ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଁ ଦେଇ ଏକ ବିରାଟ ନାଳ ଯାଇଥିବା ବେଳେ ଏହା ଉପରେ ଆଜିଯାଏଁ ପୋଲ ନିର୍ମାଣ ହୋଇପାରିନି। ଫଳରେ ନିଜେ ଚାନ୍ଦା ଆଦାୟ କରି ନାଳ ଉପରେ ଗ୍ରାମବାସୀ କାଠପୋଲ ନିର୍ମାଣ କରିଛନ୍ତି। ଦୈନନ୍ଦିନ ଜୀବନଜୀବିକା, ପିଡିଏସ୍ ସାମଗ୍ରୀ, ଭତ୍ତା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଆବଶ୍ୟକତା ମେଣ୍ଟାଇବାକୁ ପ୍ରତିଦିନ ସେମାନେ ଏହି କାଠପୋଲ ଉପରେ ଯାତାୟାତ କରିଥା'ନ୍ତି। ସେହିପରି ପିଲାମାନେ ମଧ୍ୟ ଏହି ବିପଜ୍ଜନକ ପୋଲ ଦେଇ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇଥା'ନ୍ତି। ଆମ୍ବୁଲାନ୍ସ ଆସି ପାରୁ ନଥିବାରୁ ଗର୍ଭବତୀ ଓ ଅସୁସ୍ଥଙ୍କୁ ଦୋଳା କରି ଆଣିବାକୁ ପଡ଼ିଥାଏ। ଖରା ଓ ଶୀତଦିନରେ କଷ୍ଟେମଷ୍ଟେ ଯାତାୟାତ ସମ୍ଭବପର ହୋଇପାରୁଥିବା ବେଳେ ବର୍ଷାଦିନେ ନାଳରେ ପାଣି ଆସିଲେ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥାଏ। ଏହାମଧ୍ୟରେ ପୋଲ ଓ ରାସ୍ତା ନିର୍ମାଣ ପାଇଁ ବହୁବାର ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳୁ ନଥିବା ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। କିଛି ଅଘଟଣ ଘଟିଲେ, ଏଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅତି କମ୍‌ରେ ନୂଆ ସରକାର ଆମ ଗୁହାରି ଶୁଣନ୍ତୁ ବୋଲି ଗ୍ରାମବାସୀ କହିଛନ୍ତି।

# ଝାରସୁଗୁଡ଼ା-ରାୟପୁର ବିମାନ ସେବା ଆରମ୍ଭ

ଝାରସୁଗୁଡ଼ା, ୩/୨ (ନି.ପ୍ର): ଝାରସୁଗୁଡ଼ା ବିମାନବନ୍ଦରରୁ ତୃତୀୟ ରୁଟ୍ ଭାବେ ରାୟପୁରକୁ ରବିବାର ବିମାନ ସେବା ଆରମ୍ଭ କରିଛି ଷ୍ଟାର ଏୟାର। ବିମାନବନ୍ଦର ନିର୍ଦ୍ଦେଶକ ସନ୍ଦୀପ ତିୱାରୀ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଷ୍ଟାର ଏୟାରର ଷ୍ଟେସନ୍ ମ୍ୟାନେଜର ଓ ବିମାନବନ୍ଦର କର୍ମଚାରୀମାନେ ଉପସ୍ଥିତ ଥିଲେ। ଦୀପ ପ୍ରଜ୍ୱଳନ, କେକ୍ କାଟିବା ପରେ ପ୍ରଥମ ଯାତ୍ରୀଙ୍କୁ ବୋର୍ଡିଂ କାର୍ଡ ପ୍ରଦାନ କରାଯାଇଥିଲା। ପ୍ରଥମ ଦିନରେ ରାୟପୁରକୁ ୪୯ ଜଣ ଯାତ୍ରା କରିଥିବା ଜଣାପଡ଼ିଛି। ଝାରସୁଗୁଡ଼ା-ରାୟପୁର-ଝାରସୁଗୁଡ଼ା ରୁଟ୍‌ରେ ଏହି ବିମାନ ସେବା ସପ୍ତାହକୁ ୩ ଦିନ ସୋମବାର, ବୁଧବାର ଓ ରବିବାର ଚଳାଚଳ କରିବ। ସନ୍ଧ୍ୟା ୬ଟା୫ରେ ଏହି ବିମାନ ହାଇଦ୍ରାବାଦରୁ ଆସି ଝାରସୁଗୁଡ଼ାରେ ଅବତରଣ କରିବା ପରେ ୬ଟା ୩୫ରେ ରାୟପୁର ଅଭିମୁଖେ ଯାତ୍ରା କରିବ। ସନ୍ଧ୍ୟା ୭ଟା ୨୫ରେ ରାୟପୁରରେ ଅବତରଣ କରି ପୁଣି ସେଠାରୁ ସନ୍ଧ୍ୟା ୭ଟା ୫୫ ମିନିଟରେ ବାହାରି ସନ୍ଧ୍ୟା ୮ଟା ୪୫ରେ ଝାରସୁଗୁଡ଼ାରେ ଅବତରଣ କରିବ ବୋଲି ସୂଚନା ଦିଆଯାଇଛି।

# ଭାସ୍କର୍ଯ୍ୟ କଳା କର୍ମଶାଳା ଓ ଆଲୋଚନାଚକ୍ର ଉଦ୍‌ଘାଟିତ

ଜୟପୁର, ୩/୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଶ୍ରୀ ବିକ୍ରମ ସରକାରୀ ଚାରୁ ଓ କାରୁକଳା ବିଦ୍ୟାଳୟର ସିମାଦ୍ରୀ କଳାଭବନ ଠାରେ ଦୁଇଦିନିଆ ଭାସ୍କର୍ଯ୍ୟକଳା କର୍ମଶାଳା ଓ ଆଲୋଚନାଚକ୍ର ଉଦଘାଟିତ ହୋଇଛି । ଏହି ଉଦଘାଟନୀ ଉତ୍ସବରେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଡଃ. ସରୋଜ କୁମାର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ସହ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନିଜ ବକ୍ତବ୍ୟରେ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଭାସ୍କର୍ଯ୍ୟକଳା ଉପରେ ଆଲୋକପାତ କରିଥିଲେ । ଏହିପରି କଳାକ୍ଷେତ୍ରରେ 'ଷଡଙ୍ଗ ' ଆବଶ୍ୟକତା ଓ କଳାର ସୌନ୍ଦର୍ଯ୍ୟବୋଧ, ଭାରତୀୟ ଭାସ୍କର୍ଯ୍ୟକଳାରେ ଆଭ୍ୟନ୍ତରୀ ବିଭିନ୍ନ କଳାଉପରେ ଶିକ୍ଷା ଗ୍ରହଣ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଅଧକ୍ଷ ଯୁଧିଷ୍ଠିର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ କ୍ରୀଷ୍ଣା ପାଙ୍ଗୀ ସହଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ପୂର୍ବତନ ଛାତ୍ର ପଦ୍ମଚରଣ ଚୌଧୁରୀ, ପି.ଶ୍ରୀନିବାସ, ୨୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ମଙ୍ଗଳବାର ଏହାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ ।

# ଅବସର ନେଇ ଥିବା ସେନା ହାବିଲଦାରଙ୍କୁ ଧର୍ମଶାଳା ଡିଫେନ୍ସ କ୍ଲବ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

ଧର୍ମଶାଳା, ୩/୨ (ନି.ପ୍ର): ଭାରତୀୟ ସେନା ହାବିଲଦାର ସନ୍ତୋଷ କୁମାର ପ୍ରଧାନ ତାଙ୍କ ଚାକିରୀକାଳରୁ ଅବସର ନେଇଛନ୍ତି । ସେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ପଂହଚିବା ପରେ ତାଙ୍କୁ ସ୍ୱଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଧର୍ମଶାଳା ଡିଫେନ୍ସ କ୍ଲବ ପକ୍ଷରୁ ଜାରକାଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । କ୍ଲବର ସଭାପତି ତଥା ଅବସରପ୍ରାପ୍ତ ସେନା ଅଧିକାରୀ ଅନିଲ କୁମାର ସାମଲଙ୍କ ସଭାପତିତ୍ୱରେ ଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ,କ୍ଲବର ଚେୟାରମ୍ୟାନ କ୍ୟାପଟେନ ପ୍ରଭାତ ରଂଜନ ଜେନା,ସମ୍ପାଦକ ହାବିଲଦାର ତ୍ରିନାଥ କୁମାର ଦାସ ଓ କ୍ୟାପଟେନ ଅଭିରାମ ସାହୁ ପ୍ରମୁଖ ଯୋଗ ଦେଇ ସେନା ଚାକିରୀରୁ ଅବସର ନେଇଥିବା ଶ୍ରୀ ପ୍ରଧାନଙ୍କ ଭାରତୀୟ ସେନା ପ୍ରତି ଯେଉଁ ଦାୟିତ୍ୱ ନେଇ ଥିବା ତାହାକୁ ସେ ନିଷ୍ଠାର ସହ ସମ୍ପାଦକ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ । କ୍ଲବ ପକ୍ଷରୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ତାଙ୍କର ଦୀର୍ଘାୟୁ କାମନା କରିଥିଲେ । ପରେ ତାଙ୍କୁ ଏକ ଖୋଲା ଗାଡିରେ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା ପରେ ନିଜ ଗ୍ରାମ ନୂଆକୂଳ ଗ୍ରାମକୁ ନିଆଯାଇଥିଲା । ତାଙ୍କ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା ।

# ବଳକା ୫୫ହଜାର ୭୫୯ ଚାଷୀ ସହାୟତା ପାଇବେ କେବେ ?

କୋରାପୁଟ, ୩/୨ (ନି.ପ୍ର): ନୂଆ ସରକାର ଆସିବା ପରେ ପୂର୍ବ ସରକାର ଆରମ୍ଭ କରିଥିବା କାଳିଆ ଯୋଜନାକୁ ବନ୍ଦ କରିଥିଲେ ଏବଂ ନୂଆରେ ଗତ ଅକ୍ଟୋବର ମାସରେ ସିଏମ କିସାନ ଓ ଅତିରିକ୍ତ ଭାବେ ପିଏମ୍ କିସାନ ଆରମ୍ଭ କରିଛନ୍ତି। ଜିଲ୍ଲାର ୧୪ଟି ବ୍ଲକରେ ୧ଲକ୍ଷ ୧୫ହଜାର ୨୬୭ଜଣ ଚାଷୀ ଆବେଦନ କରିବା ସହ ଯୋଗ୍ୟ ବିବେଚିତ ହୋଇଥିଲେ। ବିଭିନ୍ନ ବ୍ୟାଙ୍କ ଜରିଆରେ ସେମାନଙ୍କ ଆକାଉଣ୍ଟରେ ଏହି ସହାୟତା ରାଶି ଜମା ହେବା କଥା। ଏଯାଏଁ ୫୯୫୦୮ଜଣ ଚାଷୀଙ୍କ ଅକାଉଣ୍ଟରେ ଟଙ୍କା ଜମା ହୋଇଛି। ଆବେଦନର ୩ମାସ ପରେ ବି ୫୫ହଜାର ୭୫୯ଜଣ ଚାଷୀ ଏହି ସହାୟତା ପାଇ ପାରିନାହାନ୍ତି। ଏମାନେ ଏହି ସହାୟତା ନ ପାଇବା ପଛରେ କାହାର ଅବହେଳା ରହିଛି। ବ୍ୟାଙ୍କ ନା କୃଷି ବିଭାଗର ନିହାତି ରୁପେ ଯାଂଚ କରିବା ଆବଶ୍ୟକତା ରହିଛି ବୋଲି ଚାଷୀ ମାନେ କହିଛନ୍ତି। ପ୍ରକାଶଯୋଗ୍ୟ, ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କ ଆକାଉଣ୍ଟକୁ ଚାଷୀ ପଂଜୀକରଣ କରିଥିବା ବ୍ୟାଙ୍କ ଆକାଉଣ୍ଟରେ ୨ହଜାର ଟଙ୍କା ଲେଖାଏଁ ଯିବ। ବନ୍ଧୁଗାଁ ବ୍ଲକରେ ୬୫୧୧ଜଣ ଚାଷୀଙ୍କ ମଧ୍ୟରୁ ୩୪୫୧ଜଣ ଏହି ସହାୟତା ରାଶି ପାଇଛନ୍ତି। ସେହିପରି ବେ?ପାରୀଗୁଡା ୯୪୯୪ରୁ ୪୬୨୧,ବୋରିଗୁମ୍ମା ୧୩୦୦୯ରୁ ୫୨୪୭, ଦଶମନ୍ତପୁର ୯୦୨୩ରୁ ୪୫୧୮, ଜୟପୁର ୭୬୫୨ରୁ ୨୬୦୧, କୋରାପୁଟ୬୨୪୭ରୁ ୪୧୪୨, କୋଟପାଡ଼ ୧୧୦୩୪ରୁ ୫୯୪୦, କୁନ୍ଦୁରା ୫୬୭୧ରୁ ୨୭୦୦, ଲମତାପୁଟ ୮୫୫୮ରୁ ୫୫୪୪ଜଣ, ଲକ୍ଷ୍ମୀପୁର ୭୧୫୨ରୁ ୪୧୨୭, ନନ୍ଦପୁର ବ୍ଲକରୁ ୧୦୧୩୪ରୁ ୫୧୩୩, ନାରାୟଣପାଟଣା ୪୨୦୦ରୁ ୨୪୭୬, ପଟାଙ୍ଗୀ ୬୨୭୮ରୁ ୩୦୬୬, ଓ ସେମିଳିଗୁଡା ୧୦୩୦୪ରୁ ୫୯୩୯ଜଣ ପ୍ରଧାନମନ୍ତ୍ରୀ କିସାନ ବିକାଶ ଯୋଜନାରେ ସହାୟତା ପାଇଥିବା ବେଳେ ବଳକା ୫୫୭୫୯ଜଣ ଚାଷୀ ବାକି ରହିଛନ୍ତି। ଜିଲ୍ଲା କୃଷି ବିଭାଗ ପକ୍ଷରୁ ଇ-କେଓ୍ୱାଇସି ୩୨ହଜାର ୬୫୦ଜଣ, ଲ୍ୟାଣ୍ଡ ସିଡିଙ୍ଗ ୩୩ହଜାର ୬୭୭, ଏନପିସିଆଇ ସିଡିଙ୍ଗ ୧୨ହଜାର ୭୦୫ଜଣଙ୍କର ବାକି ରଖିଥିବା ସୂଚନା ମିଳିଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଅଧିକା ବ୍ୟାଙ୍କ ଥିବା ଜୟପୁରରେ ହିଁ ସବୁ କ୍ଷେତ୍ରରେ ପଛୁଆ ରହିଛି। ଜୟପୁର ବ୍ଲକରେ ବଳକା ରହିଥିବା ଇ-କେଓ୍ୱାଇସି ୩୩୩୯, ଲ୍ୟାଣ୍ଡ ସିଡିଙ୍ଗ ୩୨୩୦, ଏନପିସିଆଇ ସିଡିଙ୍ଗ ୧୨୪୧। ସେହିପରି ବନ୍ଧୁଗାଁ ୧୬୨୧, ୨୦୪୩, ୫୮୫, ବୈପାରୀଗୁଡା ୩୨୪୮, ୨୭୮୬ , ୧୧୬୧, ବୋରିଗୁମ୍ମା ୪୨୬୭, ୫୪୬୭, ୧୬୧୧, ଦଶମନ୍ତପୁର ୨୪୬୩, ୨୬୪୨, ୧୨୮୯, କୋରାପୁଟ ୯୩୫,୧୩୮୮,୭୧୫, କୋଟପାଡ଼ ୩୦୯୨,୨୮୦୩, ୧୨୭୬, କୁନ୍ଦୁରା୧୪୨୮, ୨୧୨୮,୭୨୬, ଲମତାପୁଟ ୧୬୬୯, ୧୫୪୩, ୭୨୯, ଲକ୍ଷ୍ମୀପୁର ୧୬୯୯, ୧୯୨୧,୫୭୫, ନନ୍ଦପୁର ୩୧୪୯,୨୬୦୫, ୮୧୫, ନାରାୟଣପାଟଣା ୧୦୧୫, ୧୧୧୫, ୩୪୮, ପଟାଙ୍ଗୀ ୧୯୩୦, ୨୦୬୨, ୩୭୪ ଓ ସେମିଳିଗୁଡା ୨୭୯୫, ୧୯୪୪, ୧୨୬୦ଜଣଙ୍କର କାମ ବାକି ରହିଛି। ଅପରପକ୍ଷରେ ଚାଷୀଙ୍କୁ ଏହି ସହାୟତା ରାଶି ମିଳିନଥିବାକୁ ନେଇ ଜିଲ୍ଲା ଦିଶା ବୈଠକରେ ଏସବିଆଇ ଲିଡ୍ ପ୍ରବନ୍ଧକ ଓ କୃଷି ବିଭାଗର କର୍ମଚାରୀଙ୍କୁ ସାଂସଦ, ଓ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟାଙ୍ଗୀ ବିଧାୟକ ରାମ ଚନ୍ଦ୍ର କାଡ଼ମ ତାଗିଦ୍ କରିଛନ୍ତି। ଜିଲ୍ଲାପାଳ ଭି.କୀର୍ତ୍ତିଓ୍ୱାସନ୍ ତୁରନ୍ତ ସବୁ ବ୍ୟାଙ୍କକୁ ଡାକି ସହାୟତା ରାଶି ଦେବା ପଛରେ କାହିଁକି ବିଳମ୍ବ କରୁଛନ୍ତି ସମୀକ୍ଷା କରିବେ ବୋଲି କହିଛନ୍ତି। ସାଂସଦ ଓ ବିଧାୟକ ମୁଖ୍ୟ ବ୍ୟାଙ୍କ ଗୁଡିକରେ ବିଭିନ୍ନ ଯୋଜନା ପାଇଁ ଜମା କରାଯାଉଥିବା ସରକାରୀ ରାଶୀ ବନ୍ଦ କରାଯାଉ ବୋଲି କହିଥିଲେ।

# ଶିକ୍ଷା ଶିକ୍ଷକ ଓ ଶିକ୍ଷାୟତନ - ଏକ ମାର୍ମିକ ଅଧ୍ୟୟନ



ଭୋଳାନାଥ ସାହୁ

ମନୁଷ୍ୟ ସକଳ ସୃଷ୍ଟିର ଶ୍ରେଷ୍ଠ ବୁଦ୍ଧିଜୀବୀ ପ୍ରାଣୀ । ତାର ଚିନ୍ତା ଅଛି, ଚେତନା ଅଛି, କଳ୍ପନା ଅଛି; ଅଛି ମଧ୍ୟ ବିବେକ ଓ ବିଚାରବୋଧ ଶକ୍ତି । ଯାହାଦ୍ୱାରା ମଣିଷ ଠିକ୍-ଭୁଲ ନିର୍ଣ୍ଣୟ କରିବାକୁ ସମର୍ଥ ହୁଏ । ଏହାଦ୍ୱାରା ସେ ରୀତିନୀତି ଓ କାର୍ଯ୍ୟକଳାପ ସହିତ ସମଯୋଜନଶୀଳ ହୋଇ ପରିବର୍ତ୍ତନତାର ସୂତ୍ରପାତ କରାଏ । ଯାହାଦ୍ୱାରା ସେ କଞ୍ଚା ମାଂସ ଖିଆ ମଣିଷ ସଭ୍ୟତା ଠାରୁ ଦୂରେଇ ଆସି ବିଜ୍ଞାନ ତାରକା ଯୁଗରେ ପଦାର୍ପଣ କରିବାକୁ ସମର୍ଥ ହୋଇଛି । ସେଦିନର ମଣିଷ ଯେଉଁ ବୃକ୍ଷଲତା, ଜୀବଜନ୍ତୁ, ଗ୍ରହ ନକ୍ଷତ୍ର, ନଦୀ ନାଳ,, ଚନ୍ଦ୍ର ସୂର୍ଯ୍ୟ ପ୍ରଭୃତିକୁ ଦେବତାର ଆସନରେ ବସାଇ ପୂଜା ଆରାଧନା କରୁଥିଲା; ଆଜିର ମଣିଷ ତାର ପୃଷ୍ଠଭୂମି ଉପରେ ପଦସ୍ଥାପନ କରିବାକୁ ସମର୍ଥ ହୋଇଛି । ଏଥିରୁ ସ୍ପଷ୍ଟ ଯେ ଆଜିର ମାନବ ଆଦିମ ମାନବ ଠାରୁ ଯେତିକି ଭିନ୍ନ, ଆଜିର ମାନବ ଠାରୁ ଆଗାମୀ କାଲିର ମାନବ ସେତିକି ତଫାତ ହୋଇଯିବ – ଏହା ନିଃସନ୍ଦେହ । ଦୈନନ୍ଦିନ ଜୀବନଧାରାକୁ ତର୍ଜମା କଲେ ଏହା ସ୍ପଷ୍ଟ ଯେ ମଣିଷର ସୂକ୍ଷ୍ମତା ଓ କଳା ନୈପୁଣ୍ୟତାର ଅଭାବ ନାହିଁ । 'ଅପୂର୍ଣ୍ଣତାହିଁ ଅଭିବୃଦ୍ଧିର ପ୍ରେରଣା'- ଏହା ସ୍ପଷ୍ଟ କରେ । କବିଗୁରୁଙ୍କ ମତରେ-" ଏ ଜଗତ ଅପୂର୍ଣ୍ଣ ବୋଲି ତାହା ଚଳ ଚଞ୍ଚଳ, ମାନବ ସମାଜ ଅପୂର୍ଣ୍ଣ ବୋଲି ତାହା ସଚେଷ୍ଟ ଏବଂ ଏହି ଅପୂର୍ଣ୍ଣତାର ମଧ୍ୟ ଦେଇ ମଣିଷ ପୂର୍ଣ୍ଣତାର ସନ୍ଧାନ ପାଏ ।" ଏହି ପୂର୍ଣ୍ଣାଙ୍ଗ ଆବିଷ୍କାର ଓ ଉଦ୍‌ଭାବନର ସଫଳ ଅସ୍ତ୍ର ହେଉଛି ଶିକ୍ଷା । ସତରେ ଶିକ୍ଷା ଆକସ୍ମିକ ପରିବର୍ତ୍ତନ ଓ ପ୍ରଗତିର ସଫଳ ଚାବିକାଠି ।

ମନୁଷ୍ୟର ସକଳ ଅନୁଭୂତି ଓ ତଦନୁଯାୟୀ ତାର ଜୀବନକାଳ ମଧ୍ୟ ପରିବର୍ତ୍ତିତ ଓ ପରିମାର୍ଜିତ ଆଚାରବ୍ୟବହାର ପାଇଁ ଶିକ୍ଷା । ଏହା କେବଳ ଗତି ମୂଳକ ନୁହେଁ, ବରଂ ପ୍ରଗତି ବା ବିକାଶ ମୂଳକ । ଯାହା ମଣିଷକୁ ତାର ଜୀବନଯାତ୍ରାରେ ଉଚ୍ଚକୁ ଉନ୍ନୀତ କରିଥାଏ । ଫଳରେ ବ୍ୟକ୍ତିର ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ ସମ୍ଭବ ହୁଏ । ଶିକ୍ଷା ଆତ୍ମ ଉନ୍ନୟନ, ଆତ୍ମ ଜାଗରଣ ଓ ଆତ୍ମ ବିକାଶର ଏକ ସଫଳ ମନ୍ତ୍ର । ଏହାର ପରିସମାପ୍ତି ନାହିଁ । ଏହା ଏକ ଜୀବନବ୍ୟାପୀ ପ୍ରକ୍ରିୟା । ଏହା ଜନ୍ମରୁ ଆରମ୍ଭ ହୋଇ ମୃତ୍ୟୁରେ ପରିସମାପ୍ତି ହୁଏ । ଶିକ୍ଷା ଜ୍ଞାନର ଅନ୍ୱେଷଣ ଓ ଜୀବନ ମୂଲ୍ୟବୋଧର ଅନୁସନ୍ଧାନରେ ସହାୟ । ବ୍ୟକ୍ତି ମଧ୍ୟରେ ଥିବା ସୁପ୍ତ ଶକ୍ତିକୁ ଜାଗ୍ରତ କରି ବିଶ୍ୱ ସହିତ ସମ୍ପର୍କ ପ୍ରତିଷ୍ଠାର ମାର୍ଗ ପ୍ରସ୍ତୁତ କରେ । ଶିକ୍ଷା ସକଳ ଅନୁଭୂତି ଓ ପରିମାର୍ଜିତ ଆଚରଣ ଗଠନର ପ୍ରକୃତ ଉତ୍ସ । ଅଜ୍ଞାନ ଅନ୍ଧକାରରୁ ଯିଏ ଜ୍ଞାନାଲୋକକୁ ନେଇ ଆସେ ତାହାହିଁ ଶିକ୍ଷା ।

ଉପନିଷଦ କହେ- " ସା ବିଦ୍ୟା ଯା ବିମୁକ୍ତୟେ" ଶିକ୍ଷା ବ୍ୟକ୍ତି ସହିତ ବ୍ୟକ୍ତିର, ଦେଶ ସହିତ ଦେଶର ସୁସାମଞ୍ଜସ୍ୟ ପ୍ରତିଷ୍ଠା କରିବାରେ ବ୍ୟସ୍ତ । ଶିକ୍ଷା ହେଉଛି ବିଜ୍ଞାନ ଭିତ୍ତିକ । ଶିକ୍ଷା ବିନା ଆଧୁନିକ ପ୍ରଗତିଶୀଳ ସମାଜର ଅସ୍ତିତ୍ୱ କଳ୍ପନା କରିବା ଅସମ୍ଭବ । ମଣିଷର ସାମାଜିକ, ବୌଦ୍ଧିକ, ସାଂସ୍କୃତିକ, ଅଧ୍ୟାତ୍ମିକ, ନୈତିକ ବିକାଶ ଶିକ୍ଷା ଉପରେ ନିର୍ଭରଶୀଳ । ଶିକ୍ଷା ମାନବ ସମାଜ ନିମନ୍ତେ ଉତ୍ସର୍ଗୀକୃତ । ସମସ୍ତ ସମସ୍ୟା ସମାଧାନର ଏହା ଯଥାର୍ଥ ଚାବିକାଠି । ମାତ୍ର ରୁଗ୍‌ଣ ମାନସିକତା ବ୍ୟକ୍ତିକୁ ସନ୍ଦେହ, ଗ୍ଲାନି, ହିଂସା, ପରଶ୍ରୀକାତରତା, ଶତ୍ରୁତା ସର୍ବୋପରି ଅନୈତିକତାର ଶିକାର ଚାଲିଛି । ସଉତୁଣୀକୁ ରାଣ୍ଡ କରିବାକୁ ଯାଇ ସ୍ୱାମୀକୁ ମାରିବାକୁ ପଛାଉ ନାହିଁ । 'ଆର ଦେଖି ତାର ଦେଖି ଫରକିଲା ମୋ ଡ଼ାହାଣ ଆଖି'- ନ୍ୟାୟରେ ପରଧନ ହଡ଼ପ କରି ମନ୍ଦିର ତୋଳି ପୁଣ୍ୟ ଅର୍ଜନ କରିବାକୁ ପ୍ରୟାସ ଜାରି ରଖିଛି । ଗରିବ ଗୁରୁବାଙ୍କ ତଣ୍ଟି ଚିପି ବଡ଼ ମଣିଷ ହେବାର ସ୍ୱପ୍ନରେ ବିଭୋର ହୋଇ ପଡ଼ିଛି । ଏହି ଅଢ଼େଇ ଦିନିଆ ସୁଖରେ ବିଭୋର ନହୋଇ ବରଂ ସତ୍ ଚିନ୍ତନ, ସତ୍ ?ସଙ୍ଗ ଅନୁଗାମୀ ହେବା ବାଞ୍ଛନୀୟ । ନଚେତ ଶିକ୍ଷା ନ୍ୟାୟକୁ ଭୁଲିଯିବା ଅନୁଚିତ – "ଅନ୍ୟାୟ ଧନ ବଢ଼େ ବହୁତ, ଯିବା ବେଳେ ଯାଏ ମୂଳ ସହିତ, ଅଖା ଧୋଉଥିବୁ ଗୁଣ ଗାଉଥିବୁ ।" ସତ୍ ?ଶିକ୍ଷା ଲଭିବାକୁ ଗୁରୁ ଧରିବାକୁ ହେବ ।

ଶିକ୍ଷକ ଶିକ୍ଷା ବ୍ୟବସ୍ଥାର ପ୍ରାଣକେନ୍ଦ୍ର । ଶିକ୍ଷକ ବିନା ଶିକ୍ଷା ଅମୂଳକ, ମୂଲ୍ୟହୀନ । ଶିକ୍ଷକହିଁ ଶିକ୍ଷାର୍ଥୀକୁ ଅଜ୍ଞାନ ଅନ୍ଧକାରରୁ ଦୂରେଇଆଣି ଜ୍ଞାନର ଆଲୋକ ପ୍ରଦାନ କରନ୍ତି । ସେଥିପାଇଁ ଆଦର୍ଶବାଦୀମାନେ ଶିକ୍ଷକ ଉଚ୍ଚ ଆସନର ଅଧିକାରୀ ବୋଲି ମତ ଦିଅନ୍ତି । ବୈଦିକ ଗୁରୁଙ୍କ ପରି ସେମାନେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଭାବରେ ପୂଜା କରିଥାନ୍ତି । ଥମ୍‌ସନ୍‌ଙ୍କ ମତରେ - "ଗୁରୁ ସତ୍ୟର ପ୍ରତିମୂର୍ତ୍ତି ଓ ଇଶ୍ୱରଙ୍କର ପ୍ରତିରୂପ ।" ପ୍ରକୃତିବାଦୀଗଣ ଗୁରୁଙ୍କୁ ରଙ୍ଗମଂଚ ଅଢୁଆଳର ନାୟକ ଭାବରେ ଅଭିହିତ କରିଥାନ୍ତି । ମାତ୍ର ପ୍ରୟୋଗବାଦୀମାନେ ଶିକ୍ଷକଙ୍କୁ ବୁଦ୍ଧିରେ ବୁଦ୍ଧିରେ ଗଣେଶ, ବିଦ୍ୟାରେ ସରସ୍ୱତୀ, ଧୈର୍ଯ୍ୟରେ ଧରଣୀରାଣୀ, ସ୍ନେହରେ ଜନନୀ, ଜ୍ଞାନରେ ବୃହସ୍ପତି, ଦୀପ୍ତିରେ ସୂର୍ଯ୍ୟ, ଶୀତଳରେ ଚନ୍ଦ୍ର, ଉପଦେଶନରେ ଶୁକ୍ର ପରି ହେବା ଉଚିତ । ବେଦ କହେ- ଗୁରୁ ବିନା ଗତି ମୁକ୍ତି ଓ ପ୍ରଗତିର ପଥ ସମ୍ପୂର୍ଣ୍ଣ ଅବରୁଦ୍ଧ ।" ଗୁରୁହିଁ ଶିଷ୍ୟ ମଧ୍ୟରେ ବ୍ରହ୍ମ ବା ଆଧ୍ୟାତ୍ମିକ ଜ୍ଞାନର ଜ୍ୟୋତି ପ୍ରଜ୍ଜ୍ୱଳନ କରିଥାନ୍ତି । ବିବେକାନନ୍ଦ କହନ୍ତି –"ଗୁରୁଙ୍କୁ ଈଶ୍ୱର ଭାବରେ ଉପାସନା କର, ଯାହାଦ୍ୱାରା ଅନ୍ତର୍ନିହିତ ଜ୍ଞାନର ଉଦ୍‌ଗୀରଣ ସହିତ ଆବିଷ୍କାରର ପଥ ଉନ୍ମୋଚନ ହେବ ।

ଶିକ୍ଷକ ଉଚ୍ଚ ଆଦର୍ଶର ପ୍ରତୀକ । ତାଙ୍କ ନୈତିକ ଚରିତ୍ରର ଉଜ୍ଜ୍ୱଳତା, ଜ୍ଞାନର ଗଭୀରତା, ସ୍ନେହ ଶ୍ରଦ୍ଧାର ପରିପୂର୍ଣ୍ଣତା, ତ୍ୟାଗର ଅନୁପମତା ତାଙ୍କୁ ଗୁଣଗ୍ରାହୀ ଶିକ୍ଷକ ରୂପେ ଗଢ଼ି ତୋଳିଥାଏ । ଶିକ୍ଷକ ଭୋଗୀ ନୁହେଁ; ତ୍ୟାଗୀ ହେବା ବାଞ୍ଛନୀୟ । ତ୍ୟାଗ ପାଇଁ ଭାରତ ବର୍ଷର ଶିକ୍ଷକ ଉଚ୍ଚ ସମ୍ମାନର ଅଧିକାରୀ । ପ୍ରତିଟି ଛାତ୍ରଛାତ୍ରୀ ଅମୃତମୟ ପରମେଶ୍ୱର ପରମାତ୍ମାଙ୍କର ଅମୃତର ସନ୍ତାନ । ଅମୃତର ସନ୍ତାନଙ୍କ ପାଇଁ ଶିକ୍ଷକ ଜ୍ଞାନାମୃତର ଅବାରିତଧାରା ହେବା ଉଚିତ । ଶିକ୍ଷକ କେବଳ ଶାସ୍ତ୍ରଜ୍ଞ ହେଲେ ଚଳିବନି, ବରଂ ଶାସ୍ତ୍ରର ମର୍ମଜ୍ଞ ହେବା ଆବଶ୍ୟକ । ଶାସ୍ତ୍ରର ମର୍ମ ଜାଣିଲେ ଶିକ୍ଷକ ପ୍ରକୃତ ଧର୍ମାଚାର୍ଯ୍ୟରେ ପରିଣତ ହେବ । ଗୁରୁଙ୍କ ଠାରୁ ଶିଷ୍ୟ ପାଖକୁ ଗୋଟିଏ ଶକ୍ତି ଆସେ । ଏହି ଶକ୍ତିଦାନ ପାଇଁ ଗୁରୁଙ୍କ ଚିତ୍ତ ଶୁଦ୍ଧି ଆବଶ୍ୟକ । ଏଥିପାଇଁ ଶିକ୍ଷକ ଛାତ୍ର ସ୍ତରକୁ ଓହ୍ଲାଇ ଆସିବା ଉଚିତ । ଯାହା ଶିକ୍ଷାର୍ଥୀର ଆତ୍ମିକ ପରିବର୍ତ୍ତନରେ ସହାୟକ ହେବ । ମାତ୍ର ଆଜିର ଶିକ୍ଷକ ବ୍ରହ୍ମଚାରୀ ନହୋଇ ହୋଇଛି ଦୁରାଚାରୀ । ଶୁଦ୍ଧ ଚିତ୍ତ କର୍ଦ୍ଦମାକ୍ତ କାଳିମାରେ ଢ଼ାଙ୍କି ହୋଇ ପଡ଼ିଛି ।

ଶିକ୍ଷକ, ଯଶ, ମାନ ଐଶର୍ଯ୍ୟର ମାୟାମୋହରେ ପ୍ରଲୋଭିତ ନହୋଇ ଶୁଦ୍ଧ ପ୍ରେମ ଓ ମାନବପ୍ରୀତିରେ ଆବଦ୍ଧ ହୋଇ ବିଦ୍ୟାଦାନ କରିବା ଉଚିତ । କୌଣସି ଆଶା, ଅର୍ଥ ତାଙ୍କ ଶିକ୍ଷାଦାନର ନିୟାମକ ହେବ ନାହିଁ । ପ୍ରେମ, ସତ୍ୟ, ନିସ୍ୱାର୍ଥପରତା ତାଙ୍କର କର୍ମଭୂମି ହେବ । ଶିକ୍ଷାଦାନ କାର୍ଯ୍ୟ ଭଗବତ୍ ଉପାସନାରେ ପରିଣତ ହେବା ଉଚିତ । ପ୍ରତ୍ୟେକ ଶିଶୁ ଈଶ୍ୱରଙ୍କର ସତ୍ୟ-ଶିବ- ସୁନ୍ଦରର ପ୍ରତିରୂପ । ଶିକ୍ଷକ ଶିକ୍ଷାର୍ଥୀର ଦରଦୀ ବନ୍ଧୁ, ପିତୃ ପ୍ରତିମ ଉପଦେଷ୍ଟା ଓ ଆଲୋକଧାରୀ ପଥପ୍ରଦର୍ଶକ । ବିଶ୍ୱକବି ଶିକ୍ଷକଙ୍କ ସ୍ୱରୂପ ଦର୍ଶାଇବାକୁ ଯାଇ କହିଛନ୍ତି – **'A lamp can never light another lamp unless it continues to burn it's own flame.'** ବାସ୍ତବରେ ଶିକ୍ଷକ ଶିଶୁ ଉଦ୍ୟାନର ଯଥାର୍ଥ ମାଳୀଟିଏ । ମନଜାଣି ତାର ସୃଜନୀ ଶକ୍ତିର ବିକାଶ ମୂଳକ ଏକ ସୁନ୍ଦର ଫୁଲରେ ପରିଣତ କରିବା ଶିକ୍ଷକଙ୍କର କର୍ତ୍ତବ୍ୟ । ରୁଷୋଙ୍କ ମତରେ –" ମୁଁ ତାଙ୍କୁ ହିଁ ଶିକ୍ଷକ କହେ ଯେଉଁମାନେ ସାଧାରଣ ମଣିଷ ଠାରୁ ଅଧିକ ଜ୍ଞାନ ଅର୍ଜନ କରିଥାନ୍ତି । କାରଣ ଶିକ୍ଷା ନିର୍ଦ୍ଦେଶ ଦେବାକୁ ବୁଝାଏ ନାହିଁ, ବରଂ ଏକ ନିର୍ଦ୍ଦେଶନା ଅଟେ ।' 'ଧୂମପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' – ଏଥିରୁ ନିବୃତ୍ତ ହେବା ପାଇଁ ଶିକ୍ଷକ ଶିକ୍ଷାର୍ଥୀଙ୍କୁ ଉପଦେଶ ଦେଇଥାନ୍ତି । ମାତ୍ର ନିଜେ ଜଣେ **Chain smoker** ହୋଇଥିବେ । ନିଜେ ଆଚରଣରେ ସଂଶୋଧନ ନଆଣି ଉପଦେଶ ଦେଲେ ଏହା କେବଳ ବାକ୍ୟରେ ରହିଯାଏ, କର୍ମରେ ରୂପାନ୍ତରିତ ହୋଇପାରେନା । ତେଣୁ ଶିକ୍ଷକ କହିବା ଓ କରିବା ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରିବା ଉଚିତ୍ । ରକ୍ଷକ ଯଦି ଭକ୍ଷକ ସାଜେ ତେବେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିବା ସ୍ୱାଭାବିକ । ଦେଶ ଓ ଦଶର ପ୍ରଗତିରେ ଶିକ୍ଷକ ମାନକ ସାଜିବା ଉଚିତ । ଏଥିପାଇଁ ଉପଯୁକ୍ତ ପରିବେଷ୍ଟନୀ ଯୋଗାଇଦେବା ଶିକ୍ଷକଙ୍କର ଆଦର୍ଶ । ଶିକ୍ଷା ମନ୍ଦିରରେ ମଦ୍ୟପାନ କରିବା କିମ୍ବା ମଦ୍ୟପାନ କରି ଶିକ୍ଷା ମନ୍ଦିରକୁ ଯିବା ଅଥବା ଶିଷ୍ୟ ସହିତ ମଦ୍ୟପାନକାରୀ ଶିକ୍ଷକ ଶତ ଧିକ୍ ।

ଶିକ୍ଷାୟତନ ଶିକ୍ଷାର ମନ୍ଦିର । ଶିକ୍ଷକ ଏହି ମନ୍ଦିରର ସାର୍ଥକ ପୂଜାରୀ । ବ୍ୟକ୍ତି ଯେପରି ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଷୋଡ଼ଶ ଉପଚାର ନେଇ ପୂଜାର୍ଚ୍ଚନା କରିବାକୁ ଯାଏ, ଶିକ୍ଷକ ସେହିପରି ଜ୍ଞାନରୂପକ ବୀଜ ବପନ କରି ଶିକ୍ଷାର୍ଥୀକୁ ଆଦର୍ଶ ମଣିଷରେ ପରିଣତ କରିଥାଏ । ସେଥିପାଇଁ ଶିକ୍ଷାନୁଷ୍ଠାନକୁ 'ମଣିଷଗଢ଼ା କାରଖାନା' କୁହାଯାଏ । ବୈଦିକ ଶିକ୍ଷା ବ୍ୟବସ୍ଥାର ଗୁରୁକୁଳ ଏହାର ଦୃଷ୍ଟାନ୍ତ । କଠୋର ନୀତି ନିୟମ ମଧ୍ୟରେ ଶିକ୍ଷାର୍ଥୀ ଶୃଙ୍ଖଳିତ ଜୀବନଯାପନ କରୁଥିଲେ । ଅହଂମୁକ୍ତ ହେବା ପାଇଁ ପ୍ରତ୍ୟେକ ଦିନ ଭିକ୍ଷାବୃତ୍ତି, ଯଜ୍ଞକାଠ ସଂଗ୍ରହ ପ୍ରଭୃତି କର୍ତ୍ତବ୍ୟ ଶିକ୍ଷାର୍ଥୀଙ୍କୁ କର୍ମାଭିମୁଖୀ କରିଥିଲା । ଶିକ୍ଷକଙ୍କ ମୁଖ ନିସୃତ ବାଣୀ ଥିଲା ଶିକ୍ଷା ଓ ଶିକ୍ଷାର୍ଥୀ ଏହାକୁ ଶୁଣି ଶୁଣି ମନେ ରଖୁଥିଲେ । ଶିକ୍ଷକଙ୍କ ଉଚ୍ଚ ଆଦର୍ଶ ଶିକ୍ଷାର୍ଥୀଙ୍କୁ ବସୁ, ରୁଦ୍ର, ଆଦିତ୍ୟରେ ପରିଣତ କରୁଥିଲା । ଏକ ପୂର୍ଣ୍ଣାଙ୍ଗ ନୀତିନିଷ୍ଠ ଜୀବନଧାରାକୁ ହାସଲ କରି ସମାବର୍ତ୍ତନ ଉତ୍ସବ ଦେଇ ଗୃହ ପ୍ରତ୍ୟାବର୍ତ୍ତନ କରୁଥିଲା । ଗୁରୁଶିଷ୍ୟଙ୍କର ଅନାବିଳ ପବିତ୍ର ସମ୍ପର୍କ ତାଙ୍କୁ ନୀତିନିଷ୍ଠ କରିଥିଲା । ମାତ୍ର ଆଜିର ଶିକ୍ଷାନୁଷ୍ଠାନ 'ବାଣିଜ୍ୟ କେନ୍ଦ୍ରରେ' ପରିଣତ । ଏଠାରେ 'ଦେବା' ଓ 'ନେବା' ନୀତି ବଳବତ୍ତର । ଗୁରୁଶିଷ୍ୟ ସମ୍ପର୍କ ଏଠି କଳୁଷିତ । ନାଁ ଅଛି ଗୁରୁଙ୍କ ପ୍ରତି ସମ୍ମାନ, ନାଁ ଅଛି ଶିକ୍ଷାର୍ଥୀଙ୍କର ପ୍ରତି ସ୍ନେହ ସଦିଚ୍ଛାଭାବ । ସବୁଠି ଟ୍ୟୁସନର ମାନିଆ । ସରକାରଙ୍କୁ ଆଖି ଠାର ମାରି ପରୀକ୍ଷା କେନ୍ଦ୍ରରେ କ୍ୟାମେରା ଲଗାଇବାର ବ୍ୟବସ୍ଥା କରାଯାଇଛି । ଏଥିରେ ବ୍ୟତିକ୍ରମ ହେଲେ ଅଧକ୍ଷଙ୍କ ଦରମା ବନ୍ଦ ଓ ପରୀକ୍ଷା କେନ୍ଦ୍ର ବାତିଲର ସୂଚନା ଦିଆଯାଇଛି । ପରୀକ୍ଷା କେନ୍ଦ୍ରରେ କ୍ୟାମେରା କେବଳ ତମକୁ ଦେଖୁଛି କିନ୍ତୁ ମତେ ନୁହେଁ । କାରଣ ଏଥିରେ ଭିଡ଼ିଓ ବ୍ୟବସ୍ଥା ଅଛି କିନ୍ତୁ ଅଡ଼ିଓ ବ୍ୟବସ୍ଥା ନାହିଁ । ପରୀକ୍ଷା କେନ୍ଦ୍ରରେ ଅବଜରଭର 'ଦେବା' 'ନେବା' ନୀତି ଭିତରେ ହଜିଯାଆନ୍ତି । ଫଳରେ ଗୋଦର କୋଢ଼େ, ଯେତେ, ମାଢ଼େ ସେତେ ଅବସ୍ଥାର ରୂପ ନିଏ । ଶାନ୍ତି ସନ୍ତୋଷ ବିଦ୍ୟା ମନ୍ଦିରରେ ବ୍ୟଭିଚାର, ଦୁରାଚାର ଓ ଶୈରାଚାର ବୃଦ୍ଧି ପାଇବ ସିନା ଶେଷ ହେବାର ନାଁ ଧରିବ ନାହିଁ । ସାମାଜିକ ଅନୀତିର ବଡ଼ପଣ୍ଡା ମାନେ ଅଶିକ୍ଷାର ରାଜ ଚଳାଇବେ । ନିୟମ ଭିତ୍ତିକ ବଦଳି ଏହି ସମସ୍ୟା ସମାଧାନର ଏକମାତ୍ର ପନ୍ଥା । ଗୋଟିଏ ଶିକ୍ଷାନୁଷ୍ଠାନରେ ଅନେକ ଦିନର ସ୍ଥିତି ଶୋଷଣ ଓ ଶୈରାଚାରକୁ ପ୍ରଶ୍ରୟ ଦେଉଛି । ଶିକ୍ଷାନୁଷ୍ଠାନକୁ ଶିକ୍ଷା ମନ୍ଦିର ଭାବରେ ଜୀବିତ ରଖିବା ପାଇଁ ସରକାରଙ୍କ ତତ୍ତ୍ୱାବଧାନର ଦାୟିତ୍ୱ ଏକାନ୍ତ ଜରୁରୀ ମନେହେଉଛି ।

+ପ୍ରାକ୍ତନ
ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

# ଚିନି ନା ଗୁଡ: କେଉଁଟା ଭଲ ?



ସାଧାରଣତଃ ଆମେ ବିନା ଚିନିରେ କୌଣସି ଜିନିଷ ଖାଇବାକୁ ଇଚ୍ଛା କରୁନା । ତା ହେଉ କି କ୍ଷୀରି, ଦହି ହେଉ କି ସରବତ ଅବା ପିଠା । ବିନା ମିଠାରେ କୌଣସି ଜିନିଷ ଖାଇବାକୁ ପ୍ରାୟତଃ କାହାକୁ ଭଲ ଲାଗେନି । ମିଠା ପଡିଗଲେ ସମସ୍ତଙ୍କୁ ମଜା ଲାଗେ । ସେ ଚିନି ହେଉ କି ଗୁଡ, ମିଠା ଟିକେ ଲାଗିବା ଦରକାର, ଖାଦ୍ୟଟା ମିଠା ହେବା ଦରକାର ।

ପିଲାବେଳେ ଅନେକ ପିଲା ମୁଠା ମୁଠା ଚିନି ଖାଇ ଦିଅନ୍ତି, ଗୁଡ ବି ଖଣ୍ଡ ଖଣ୍ଡ ଧରି ଚୋବାନ୍ତି । ବେଳେବେଳେ ମିଠା ଅଧିକ ଖାଇବା ଦ୍ୱାରା ଦେହ ବି ଖରାପ ହୁଏ, ଡାକ୍ତର ଅତ୍ୟଧିକ ମିଠା ଖାଇବାକୁ ମନା ବି କରନ୍ତି । ମାତ୍ର ଆପଣ ଜାଣନ୍ତି କି, ଗୁଡ ନା ଚିନି, ଶରୀର ପାଇଁ କେଉଁଟା ହିତକାରକ । ତାହାଲେ ଜାଣନ୍ତୁ ଚିନି ଓ ଗୁଡ ଭିତରୁ ଆମ ଶରୀର ପାଇଁ କେଉଁଟା ଉପଯୋଗୀ ।

-ଆଖୁ ରସରୁ ପ୍ରସ୍ତୁତ ହୁଏ ଗୁଡ । ଏହା ଆମ ଶରୀରର ଶକ୍ତି ବଢାଏ, ଦେହକୁ ଗରମ ରଖେ । ଶରୀରରୁ ଟକ୍ସିନ ବାହାର କରିବାରେ ସହାୟ ହୁଏ ।

-ଶୀତଦିନେ ଆମେ ପ୍ରାୟତଃ ଘୋଡେଇ ହୋଇ ଶୋଇଥାଉ ତେଣୁ ପେଟ ଗରମ ହେବାର ଅନେକ ଆଶଙ୍କା ଥାଏ ଏବଂ ଏହା ପେଟକୁ ମଧ୍ୟ ଖରାପ କରେ । ଗୁଡ ଖାଇବା ଦ୍ୱାରା ଏଥିରୁ ଉପଶମ ମିଳେ ।


-ସେହିପରି ଚିନି ମଧ୍ୟ ଆଖୁରସରୁ ପ୍ରସ୍ତୁତ ହୁଏ । ଏହା ମଧ୍ୟ ସଙ୍ଗେସଙ୍ଗେ ଶରୀରକୁ ଶକ୍ତି ଦିଏ । ମାତ୍ର ଚିନି ଅଧିକ ଖାଇବା ଦ୍ୱାରା ମୋଟାପଣ ବଢେ, ଡାଇବେଟିସର ଆଶଂକା ବଢେ ତାସହ ହୃଦରୋଗର କାରଣ ବି ସାଜେ ।

-ଯଦି ଆମେ ଗୁଡ ଏବଂ ଚିନି ଭିତରେ ଫରକ ଦେଖାଇବା ତାହାଲେ ଗୁଡ ପ୍ରାକୃତିକ ପଦ୍ଧତିରେ ବାହାରୁଥିବାରୁ ସ୍ୱାସ୍ଥ୍ୟକର ଅଟେ ଏବଂ ଚିନି ପ୍ରୋସେସ ହେଉଥିବାରୁ ଏହା ସାମାନ୍ୟ ହାନିକାରକ ହୋଇପାରେ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି ଯାହା ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି ।

# ଆପଣ ନକଲି ଔଷଧ ଖାଉନାହାନ୍ତି ତ ! ଜାଣନ୍ତୁ କେମିତି ଜାଣିବେ ଅସଲି ଓ ନକଲି ମଧ୍ୟରେ ଫରକ



ପ୍ରାୟତଃ ଯେତେବେଳେ ଆମେ ଔଷଧ କିଣୁ, ଆମେ ଏହାର ଗୁଣବତ୍ତା ଏବଂ ଅନ୍ୟାନ୍ୟ ଦିଗ ବିଷୟରେ ଜାଣିବାକୁ ଆଗ୍ରହୀ ନଥାଉ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏପରି କରିବା ବହୁତ ବିପଦପୂର୍ଣ୍ଣ ହୋଇପାରେ, କାରଣ ବଜାରରେ ଅନେକ ପ୍ରକାରର ନୂତନ ବ୍ରାଣ୍ଡର ନକଲି ଔଷଧ ବିକ୍ରି ହେଉଛି । ଆଜିର ଡିଜିଟାଲ ଦୁନିଆରେ, ପ୍ରତ୍ୟେକ କ୍ଷେତ୍ରରେ ପ୍ରଯୁକ୍ତିର ପ୍ରଭାବ ବୃଦ୍ଧି ପାଉଛି । ପ୍ରଯୁକ୍ତିବିଦ୍ୟାର ଉନ୍ନତି ସ୍ୱାସ୍ଥ୍ୟ ଏବଂ ଔଷଧ କ୍ଷେତ୍ରରେ ଅନେକ ବଡ଼ ପରିବର୍ତ୍ତନ ଆଣିଛି, କିନ୍ତୁ ଆପଣ କ'ଣ ସେହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଛନ୍ତି ? ଔଷଧ କିଣିବା ସମୟରେ ଆପଣ କ'ଣ ଔଷଧରେ ମୁଦ୍ରିତ କ୍ୟୁଆର କୋଡ୍ ସ୍କାନ କରନ୍ତି ? ବାସ୍ତବରେ ଟେକ୍ନୋଲୋଜି ବିଶେଷଜ୍ଞ ରାଜୀବ ମାଖାନି ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ ଲୋକମାନଙ୍କୁ ଔଷଧ ପଛରେ ଦିଆଯାଇଥିବା କ୍ୟୁଆର କୋଡ୍ ସ୍କାନ୍ କରିବାକୁ ପରାମର୍ଶ ଦେଇଛନ୍ତି । ତାଙ୍କ ମତରେ, ଏହି କୋଡ୍ ଔଷଧର ପ୍ରାମାଣିକତା ଏବଂ ଗୁଣବତ୍ତା ସୁନିଶ୍ଚିତ କରିବାରେ ସାହାଯ୍ୟ କରିପାରିବ । କ୍ୟୁଆର କୋଡ୍ (କ୍ୱିକ୍ ରେସପନ୍ସ କୋଡ୍) ହେଉଛି ଏକ ପ୍ରକାରର ବାରକୋଡ୍ ଯାହାକୁ ଆପଣଙ୍କ ସ୍ମାର୍ଟଫୋନର କ୍ୟାମେରା ସ୍କାନ କରିପାରିବ । ଏଥିରେ ଔଷଧ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଛି ଯେପରିକି କମ୍ପାନୀର ନାମ, ଔଷଧର ବ୍ୟାଚ୍ ନମ୍ବର, ଉତ୍ପାଦନ ଏବଂ ମିଆଦ ଶେଷ ତାରିଖ । ରାଜୀବ ମାଖାନି ତାଙ୍କ ଭିଡିଓରେ ଲୋକମାନଙ୍କୁ ଔଷଧ କିଣିବା ସମୟରେ ପଛରେ ଦିଆଯାଇଥିବା କ୍ୟୁଆର କୋଡ୍ ସ୍କାନ୍ କରିବାକୁ ଅପିଲ୍ କରିଛନ୍ତି । ସେ କହିଛନ୍ତି ଯେ ଏହା ଏକ ସହଜ ଉପାୟ ଯାହା ଦ୍ୱାରା ଲୋକମାନେ ସେମାନଙ୍କର ସୁରକ୍ଷା ସୁନିଶ୍ଚିତ କରିପାରିବେ । ସେ ପୋଷ୍ଟର କ୍ୟାପସନରେ ଲେଖିଛନ୍ତି, 'ଯେକୌଣସି ଔଷଧ କିଣିବା ପୂର୍ବରୁ କ୍ୟୁଆର କୋଡ୍ ସ୍କାନ କରନ୍ତୁ । ଏହାକୁ ଆପଣଙ୍କର ସମସ୍ତ ବନ୍ଧୁ ଏବଂ ପରିବାର ସହିତ ସେୟାର କରନ୍ତୁ ଯାହା ଦ୍ୱାରା ସେମାନେ ଏହା ବିଷୟରେ ଜାଣିପାରିବେ । ସେ ଆହୁରି ଲେଖିଛନ୍ତି, '୨୦୨୩ ପରେ ଉତ୍ପାଦିତ ସମସ୍ତ ଔଷଧର ଏକ କ୍ୟୁଆର କୋଡ୍ ରହିବା ଆବଶ୍ୟକ । ଏହି କ୍ୟୁଆର କୋଡ୍ ସ୍କାନ କରି, ଆପଣ ଔଷଧ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ ।



# ଚିନିଯୁକ୍ତ ପାନୀୟର ଘାତକ ଗୁଣ

ଆମର ତୃଷା ନିବାରଣ ସହିତ ମନରେ କ୍ଷୁଧାଭାବ ଜାଗ୍ରତ କରିବା ପାଇଁ ବିଭିନ୍ନ ପ୍ରକାର ସୋଡ଼ା ଓ ଶକ୍ତିବର୍ଦ୍ଧକ ପାନୀୟ ବଜାରରେ ଉପଲବ୍ଧ । ମସ୍ତିଷ୍କର ଆନନ୍ଦ କେନ୍ଦ୍ରକୁ ଉତ୍‌ପ୍ରେରିତ କରିବା ପାଇଁ ସେଗୁଡ଼ିକୁ ମାତ୍ରାଧିକ ମଧୁମିଶ୍ରିତ କରାଯାଇଥାଏ । ଏଭଳି ପାନୀୟରେ ପୋଷକ ତତ୍ତ୍ୱ ଅତ୍ୟନ୍ତ ନ୍ୟୂନ ରହିଥାଏ; ସେଗୁଡ଼ିକୁ ଅଭ୍ୟାସଗତ ଭାବେ ପାନ କରିବା ଦ୍ୱାରା ଦନ୍ତକ୍ଷୟ, ମେଦବହୁଳତା, ଟାଇପ୍-୨ ମଧୁମେହ ଓ ହୃଦ୍‌ରୋଗ ପରି ସ୍ୱାସ୍ଥ୍ୟ ସମସ୍ୟାକୁ ଆମନ୍ତ୍ରଣ କରିବା ସାର ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ଆମେରିକାର ଟଫ୍‌ଟସ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଅନୁଧ୍ୟାନ ଅନୁଯାୟୀ, ଚିନିଯୁକ୍ତ ମଧୁର ପାନୀୟ ପିଇ ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୧୨ ଲକ୍ଷ ଲୋକ ହୃଦ୍‌ରୋଗ ଓ ୨୨ ଲକ୍ଷ ଲୋକ ଟାଇପ୍-୨ ମଧୁମେହ ରୋଗୀ ତାଲିକାଭୁକ୍ତ ହେଉଛନ୍ତି । ଏଥିଯୋଗୁଁ ବର୍ଷକୁ ୮୦ ହଜାର ଲୋକଙ୍କର ଟାଇପ୍-୨ ମଧୁମେହରେ ଏବଂ ୨ ଲକ୍ଷ ୫୮ ହଜାର ଲୋକଙ୍କର ହୃଦ୍‌ରୋଗରେ ମୃତ୍ୟୁ ଘଟୁଛି । ସଚେତନତା ଯୋଗୁଁ କିଛି ବିକଶିତ ରାଷ୍ଟ୍ରରେ ମଧୁର ପାନୀୟର ଚାହିଦା କମି ଆସିଛି, ତେବେ ଭାରତ ପରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଚାହିଦା ବଢ଼ିବା ସହ ବିପଜ୍ଜନକ ପରିଣତି ମଧ୍ୟ ଦେଖିବାକୁ ମିଳୁଛି ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୪ ଫେବୃଆରୀ ୨୦୨୫, ମଙ୍ଗଳବାର

# କବିତାମାଳା


## ଆଶା ମରୀଚିକା
### ରତ୍ନାକର ରାଉତ



ସାଧାରଣରେ କୁହାଯାଏ ପୃଥିବୀ ଗୋଲ
ଜ୍ଞାନୀମାନେ କହନ୍ତି
ପୃଥିବୀ ସଂପୂର୍ଣ୍ଣ ଗୋଲ ନୁହେଁ ଅଣ୍ଡା
ଆକୃତିର
ଏହି ପୃଥିବୀ ଭିତରେ ଜୀବନ ଗୋଟିଏ ଚକ୍ର
ସେହି ଚକ୍ର ମଧ୍ୟରେ ଜୀବନର ଆରମ୍ଭ
ପୁଣି ଶେଷ
ଯେଉଁ ବିନ୍ଦୁରେ ଆରମ୍ଭ ହୋଇଥାଏ ଜୀବନ
ଶେଷରେ ସେହି ବିନ୍ଦୁରେ ବିଲୀନ
ହୋଇଯାଏ
ତା ମଧ୍ୟରେ ସମୟ ସ୍ରୋତରେ
ଭାସୁଥାଏ ଜୀବ
କେତେବେଳେ ବୁଡୁଥାଏ ପୁଣି
କେତେବେଳେ ଉଠୁଥାଏ
ଭଉଁରି ଭିତରେ ଉବୁଟୁବୁ ହେଉଥିଲା
ବେଳେ ଜୀବନ
କେବେ କେବେ ସେ ଭାବେ ସବୁ ଶେଷ
ହୋଇଗଲା
ଆଉ କିଛି ହେବନି
ଯେବେ ଭରସା ବାନ୍ଧେ ମନରେ
ତେବେ ଆବର୍ତ୍ତ ଭିତରୁ ସୁରକ୍ଷିତ
ଜିଇଁ ଉଠେ ଜୀବନ
ଏମିତି ଉଠାପକା ଚାଲିଥାଏ ଅନବରତ
କେଉଁ ଗୋଟେ ସୁଦିନର ଅନିଷାରେ
ସେ ପ୍ରତ୍ୟେକ ମୁହୂର୍ତ୍ତ ସହିତ ସନ୍ଧି କରିନିଏ
ଏକ ଦୁରନ୍ତ ଆଶାରେ
ଏବଂ ଭବିଷ୍ୟତ ଭରସାରେ ବର୍ତ୍ତମାନକୁ
ଅଣଦେଖା କରେ
ଜାଣି ଜାଣି ଅତୀତକୁ ପାସୋରେ
ସ୍ମୃତି ଉପରେ ପରଦା ଢାଂକେ
ଭବିଷ୍ୟତ କଅଁଳା ବାଛୁରି ଭଳି
ତା ଆଗରେ ଡେଇଁ ଡେଇଁ ଆଗକୁ ଚାଲିଥାଏ
ସେ ଦଉଡୁଥାଏ ତା' ପଛରେ
ଅଣନିଶ୍ୱାସୀ ହୋଇ
ତାକୁ ସେ ଛୁଇଁ ପାରେନି
ଧରି ରଖିବା ତ' ଦୂରେ
ତଥାପି ଗଳଦ୍ଘର୍ମ ଦଉଡ଼ରୁ
ନିବୃତ୍ତ ହୁଏନି କେବେ
ସେମିତି ଦଉଡୁଥାଏ ଆଜୀବନ ଅହର୍ନିଶି
ସୁନାହରିଣ ଆଖି ସାମ୍ନାରୁ ମରୀଚିକା ଭଳି
ଦୂରେଇ ଯାଉଥାଏ ଥରକୁ ଥର
ମାତ୍ର ସେ ଚେତେନି କି ହେଜେନି
ଘୁଂଚିଘୁଂଚି ଯାଉଥିବା ପଦ୍ମକୁ ହାତ
ବଢ଼େଇ ଧରୁଧରୁ
ଅଥଳ ଥଳ ପାଣି ଭିତରେ ପଶି
ବଢ଼େ ଆଗକୁ ଆଗକୁ
କିଛି ନ ବୁଝି ନ ବିଚାରି
ଏକ ଅହେତୁକ ଆସକ୍ତିରେ ଜୀବନକୁ
ବାଜି ଲଗେଇ
ସେବେଳକୁ କୂଳକୁ ଫେରିବାର ସବୁ
ସମ୍ଭାବନା କ୍ଷୀଣ ହୋଇସାରିଥାଏ
ସେହି ସଂକଟ କାଳରେ
ସୁଦିନ ସୁଦୂରରୁ ଭଂକିମାରି ମୁରୁକି
ମୁରୁକି ହସୁଥାଏ
ଅଭିଳଷିତ ସବୁ ସୁଖ ସ୍ୱପ୍ନ
ମୁହୂର୍ତ୍ତକେ ଆଖି ସାମ୍ନାରେ ମିଳେଇ
ଯାଉଥିବା ବେଳେ
ସେ ସେହି ଗଭୀର ଜଳରେ ଅବର୍ତ୍ତମାନ
ହୋଇଯାଏ ମହଣ ମହଣ ଅସନ୍ତୋଷ
ଓ ଗ୍ଲାନି ନେଇ ସାଥିରେ।

❤ ଭୁବନେଶ୍ୱର

## ତୁମେ ଆମ ହୃଦୟର ବୀଣା
### ଦୀପ୍ତି ମିଶ୍ର



କେମିତି କହିବି କିଛି ଦେଇନାହଁ
ବୋଲିମୋତେ
ଦେଇଅଛ ଅଫୁରନ୍ତ ପ୍ରେମ....
ଅନୁଭବ କରିବାକୁ ତୁମ ପ୍ରେମ ମହକକୁ
କରିଅଛ ସୁନ୍ଦର ମୋ ମନ....

ଦେଇ ଅଛ ମୋ ମନରେ
ସିନ୍ଧୁଏ ଭଲ ପାଇବା
ଗଢ଼ିବାକୁ ସୁନ୍ଦର ପୃଥିବୀ....
ସାଗରେ ଆଶାର ଇନ୍ଦ୍ରଧନୁଟିଏ ଆଙ୍କିବାକୁ
ଆକାଶର ମହନୀୟ ଛବି ।

ହୃଦୟର ଗଭୀର ରେ ଅଭୁଲା ଅତୀତ ଗାଥା
ଲେଖା ଅଛି ସ୍ମୃତି ପରଦାରେ....
ସେ ସ୍ମୃତିକୁ ଭୁଲି ପୁଣି ଡେଣା ମେଲି
ଉଡିବାକୁ
କିଏ ଆଜି କହେ ଇସାରାରେ.....

ଅମଳିନ ମନଟିଏ ଭିତରୁ ଉହୁଙ୍କି ମାରି
ଦେଖୁଅଛି ଭବିଷ୍ୟତ ସ୍ୱପ୍ନ.....
ଅନ୍ତରର ବୀଣା ତାନେ ବାଜି ଉଠେ
ଅଜାଣତେ
ବିଶ୍ୱାସ ସଙ୍ଗୀତ ସମ୍ମୋହନ ।

ଆଲୋକର ପିଆସୀ ମୁଁ ମୋ ମନ
ପ୍ରାଣରେ ଆଜି
ଭରି ଅଛି ନୂତନ ଚମକ....
କେତେ ଜନମର ଫଳ ମିଳି ତ ଯାଇଛି
ମୋତେ
ଅନୁଭବେ ନୂତନ ପୁଲକ.....

ପହିଲି ଉଷାରେ ପାଏ ନୂତନ ପରଶ ମୁହିଁ
ଦିଗନ୍ତରେ ଭରସାର ସୂର୍ଯ୍ୟ....
ପକ୍ଷୀ ମଧୁ କାକଳୀରେ ଜାଗରିତ ମୁଗ୍ଧ ପ୍ରାଣ
ଆଙ୍କି ଦିଏ ପ୍ରଗତିର ବୀର୍ଯ୍ୟ ।

ଆସ ଆମେ ଯିବା ସେଇ ଚଲାପଥେ ଢାଳି
ଦେଇ
ପ୍ରୀତି ରାଗେ ସଙ୍ଗୀତ ମୂର୍ଚ୍ଛନା ....
ମଧୁ ମୟୀ ଜନନୀ ଗୋ କେମିତି କହିବି ମୁହିଁ
ତୁମେ ଆମ ହୃଦୟ ର ବୀଣା ।

❤ ବାରିପଦା
ମୋ - ୯୪୩୮୪୦୪୩୦୮

## ପ୍ରେମ କଏଦୀ
### କେକୀ ସିଂ ଭୋଇ



ମୁଁ ଜାଣିଛି
ଆଉ ମୋ ପ୍ରେମ କୁଂଜବନେ
ତମ ପାଦ ପାଉଁଜି ଶୁଭିବନି !!
ଯୋଉ ଶବଦରେ ମୋର ହଜାରେ ଦୁଃଖ
କ୍ଷଣକରେ ଚୂର୍ଣ ହେଉଥିଲା।

କିନ୍ତୁ ଆଜି ଦୁଃଖ ଚିର ସହଚର ପାଲଟୁଛି
ତମ ପାଉଁଜି ଶବ୍ଦର ଅନୁପସ୍ଥିତିରେ।
ତମେ ତ ଆଜିକାର
ସରକାର ଠୁ ବି ବଳି ଗଲ।
ପ୍ରତିଶ୍ରୁତି ଉପରେ
ପ୍ରତିଶ୍ରୁତିର ନୀଡ଼ ସଜେଇ
ନିଜେ ଝଡ଼ ସାଜି ଭାଙ୍ଗି ଦେଲ।

ମୁଁ ବି ଏ ସାଧାରଣ ଜନତା ପରି
କେତେ ଆନ୍ଦୋଳନ କେତେ ଅନଶନ କଲି
ତମ ପ୍ରେମ କୁ ପାଇବାକୁ !!
କିନ୍ତୁ ତମେ ଦାବୀ ଶୁଣିବା ଆଗରୁ
ଅନେକ ଦଫା ଲଗେଇ ପ୍ରତାରଣା
ଜେଲ୍‌ରେ ବିଚାରଧିନ କଏଦୀ
ସଜେଇଦେଲ।

❤ କଁସିଲ, ବଙ୍ଗୋମୁଣ୍ଡା,
ବଲାଂଗୀର

## ଚନ୍ଦ୍ରଭାଗା ବୁଡ଼
### ନୀଳମଣି ଚାନ୍ଦ



ଚାଲ୍ ଯିବା ଚନ୍ଦ୍ରଭାଗା ଚମ୍ପାବତୀ
ପକେଇ ଆସିବା ବୁଡ଼
ମାଘ ସପ୍ତମୀରେ ସ୍ନାନଟି କରିଲେ
ପୂଣ୍ୟ ଅରଜିବୁ ବଡ଼।
ତୋପରି ଥିବେ ଲୋ ଲକ୍ଷ ଲକ୍ଷ ଭକ୍ତ
ଦେଖି ପୂରିଯିବ ମନ
ଅରଜିବୁ ଯେତେ ପୂଣ୍ୟ ସଜନୀଲୋ
କରିନେବୁ ଗଣ୍ଠିଧନ
ସେଠି ପହଞ୍ଚିବୁ ଠେଲାଠେଲି କରି
ହେଉ ପଛେ ଯେତେ ଭିଡ଼।
ଚନ୍ଦ୍ରଭାଗା ସାଥେ କୋଣାର୍କ ମନ୍ଦିର
ଗାଥା ଅଛି ଯୋଡି ହୋଇ
ପାପ ଯେତେ ତୋ'ର ସାଗର ସଲିଳ
ନେବଲୋ ସଅଳ ଧୋଇ
ପୁଣ୍ୟାର୍ଥୀ ପରିକା ବାହୁଡ଼ି ଯିବୁଲୋ
ଜିଣିଗଲା ପରି ଗଡ଼ ।
ଧରମା କଥାଟି ପଡିଗଲେ ମନେ
ଆଖିରୁ ଝରିବ ଲୁହ
ଚନ୍ଦ୍ରଭାଗା ଲୁପ୍ତ ଆଉତ ଦିଶେନି
ତାର ଧାର ଧୀର ସୁଅ
ମୁହଁ ହେବ ରଙ୍ଗା ବାଲିରେ ଚାଲିଲେ
ଥକି ଯିବ ତୋ'ର ଗୋଡ଼।

❤ ମନ୍ତ୍ର ମାନୋର,
ଗୋଠପାଟଣା, ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

## ପବନ ପରଖ
### ଗଜାନନ ମିଶ୍ର

ବୋକାଙ୍କ କଥାରେ
ଆସିଲି ପଳେଇ ଏତେଦୂର।
ଏଇଠି ହୋ ହଲ୍ଲା
ଏଇଠି ରାଗ ଅହଙ୍କାର
ଏଇଠି ଛାଇଛାଇକା ଖେଳ
ଆଉ ଏଇଠି ଆଶା ବିଶ୍ୱାସ
ମୁକୁଳି ଆସୁଥାନ୍ତି ଝକାସ୍
ଅନ୍ଧାରୁଆ ଇଲାକାରୁ
ପରସି ଦେବାକୁ ସତ୍ୟ।

ପ୍ରତିଥର ପ୍ରତିଋତୁରେ
ଉଠେଁ ମୁଁ ଇ ମୋଠୁ,
ପାଖୁଡା ଖୋଲେ,
ଝଲମଲୋଉଥିବା ତାରା
ବାହାରେ ସବୁ
ସୁନ୍ଦରପଣ ଧରି,
ମନ ମସ୍ତିଷ୍କରେ ଉଛୁଳେ
ମାନ ସମ୍ମାନ ଆଉ ମୁଁ
ଶକ୍ତ ମୋହିତ
ଏକତ୍ରୀତ ସଭିଙ୍କ ସହିତ।

ସାଧାରଣ ସବୁ,
ଆଉ ଖୋଲାମେଲା
ସର୍ବସାଧାରଣଙ୍କ ପାଇଁ।
ଆନନ୍ଦର ସ୍ୱାଦ ନେବାକୁ
ଯେ ଯୋଉଠି ବ୍ୟଗ୍ର।
ହସକାନ୍ଦ ଭିତରେ ପବନ
ଜାରି ରଖେ ପରଖ
ବୋକା ହୋଇ ଦାଣ୍ଡ ବାରଣ୍ଡାରେ
ହାଟ ବାଟ ଘାଟରେ
ଥିଲାବେଳେ ଭିଡ
କାହିଁରୁ କେତେ।

❤ ତପୋବନ,
ଟିଟିଲାଗଡ-୭୬୭୦୩୩

## ଜୀବନ ସଂଗୀତ
### ଲତିକା ମହାପାତ୍ର



ବୁକୁତଳେ କେତେ ହୋଇଚି ସାଇତା ବେଦନାର ବର୍ଣ୍ଣମାଳା
କିଛି ମନେ ଅଛି ଭୁଲିଛି ବି କିଛି ବିଚିତ୍ର ଏ ଯଜ୍ଞଶାଳା

ଜଳିବାକୁ ହୁଏ ନିତି ନିତି ଏଠି ନିଭିବାକୁ ମୋତେ ମନା
ଲକ୍ଷେ ମରଣକୁ ଛାତିରେ ସାଉଁଟି ଜୀବନ ଜିଇଁଚି ସିନା

ମିଛରେ କହିନି ଫୁଲ କି ଫଗୁଣ ରଙ୍ଗ ଅବିର କଥା
ଦୁର୍ଗମ ଏଇ ଯାତ୍ରାପଥେ ମୋ କେତେ ଯେ କଣ୍ଟା ଝଟା

ଅଭିବ୍ୟକ୍ତିର ସ୍ୱାଧୀନତା କଥା ପଚାରିବା ଅପରାଧ
ନିଜ ମନ କଥା ଖୋଲିଦେଲେ ମାଡି ଆସଇ ଯେତେ ବିପଦ

ମିଛରେ କହିନି ଜୀବନଟା ଖାଲି ପ୍ରେମର ଖିଆଲି ସ୍ୱପ୍ନ
ଗୀତ ଗଜ଼ଲ ପ୍ରୀତି ନୁହେଁ ସେ ବି ସଂସାର ତେଲ ଲୁଣ

ଜୀବନ ଜହର ପିଇବାକୁ ପଡେ ହସର ରଙ୍ଗ ମାଖି
କବିତା ଗଳ୍ପ ଲେଖି ହୋଇଯାଏ ସେ ସୁଆଦ ଚାଖି ଚାଖି

କୂଟ ଓ କପଟ ଛଳନାର ଜାଲେ ମନ ହେଉଥାଏ ଛନ୍ଦି
ଅଛିଣ୍ଡା ଗଣିତ କଷିବାକୁ ହୁଏ ସମୟ ଦିଅଇ ଧନ୍ଦି

ନିଃସଙ୍ଗତା ଘେରିଯାଏ ଅବା କେବେ ସଞ୍ଜ ଆସିଲେ ନଇଁ
ଜାଣିଛି ଜାଣିଛି ସମ୍ପର୍କ ଗୋଟେ ମରୁ ମରୀଚିକା ଭୂଇଁ ।


❤ ତାଳଚେର

## କଳ୍ପନା
### ସମ୍ବିତ ଦାଶ

ତୁମେ ହୁଅନ୍ତ କି
ନିର୍ମଳ ଆକାଶ ଚାନ୍ଦ
ଏ ଦୁନିଆ ଉଜ୍ଜଳ ହୋଇଉଥାନ୍ତା ।।
ତୁମେ ହୁଅନ୍ତ କି
ଜଙ୍ଗଲର ରାଣୀ ମୟୁର
ତୁମ ନାଚରେ ମେଘ ଆସନ୍ତା ।।
ତୁମେ ହୁଅନ୍ତ କି
ବଗିଚାର ଟିକି ଫୁଲ
ହସରେ ଫୁଲ ବର୍ଷା ହୁଅନ୍ତା ।।
ତୁମେ ହୁଅନ୍ତ କି
ମୁକ୍ତ ଆକାଶର ବିହଙ୍ଗ
ଆକାଶ ଅତି ସୁନ୍ଦର ଦିଶନ୍ତା ।।
ତୁମେ ହୁଅନ୍ତ କି
ଗୋଟେ ସ୍ୱର୍ଗର ଅପ୍ସରୀ
ତୁମ ଚାଲିରେ ମୁକ୍ତା ଝରନ୍ତା ।।
ତୁମେ ହୁଅନ୍ତ କି
ଟିକି ପ୍ରଜାପତି ଟିଏ
ଫୁଲ ସୁନ୍ଦର ହୋଇଯାଆନ୍ତା ।।
ତୁମେ ହୁଅନ୍ତ କି
ସାତ ରଙ୍ଗେ ଇନ୍ଦ୍ରଧନୁ
ଆକାଶ ରଙ୍ଗେଇ ହୁଅନ୍ତା ।।
ତୁମେ ହୁଅନ୍ତ କି
ଲାଜକୁଳୀ ଲତା
ଛୁଇଁଲେ ଲାଜେଇ ଯାଆନ୍ତ ।।

❤ ଏରସମା, ଜଗତସିଂହପୁର
ମୋ-୯୧୭୮୮୦୪୬୪୫

## ରତୁରାଜ
### ବିନୀତା ପ୍ରଧାନ



ସରିଗି ଫୁଲର ସରାଗ ମାୟାରେ ପଡ଼ିଛି ଏ ଋତୁରାଜ
କରଞ୍ଜ କଢ଼ିର ଝୁମ୍ପାକୁ ଧରିଚି ବଧୂଲି ଓଠର ଲାଜ
ଶିମିଳି ଗଛର ଅପୂର୍ବ ସମ୍ଭାର ହୃଦେ ଲଗାଉଛି ନିଆଁ
ରାଜନୀଗନ୍ଧାର ରୋଷଣୀରେ ରାତି ଲାଗୁଅଛି ନୂଆ ନୂଆ ॥
ନୀଳ ଆକାଶର ନୀଳିମାରେ ଏବେ ସହସ୍ର ଅନୁରାଗ
ଫୁଲରୁ ଫୁଲକୁ ଉଡ଼ି ଏ ଭ୍ରମର ଚୋରି କରେ ପ୍ରୀତିରାଗ
ପଳାଶ ଫୁଲର ରକ୍ତିମ ଅଧର ଫଗୁଣକୁ କରେ ନାଲି
ଝରା ପତ୍ରର ମର୍ମର ଶୁଣାଏ ଅଜଣା ରାଗର ବୋଲି ॥
ଆମ୍ବ ବଉଳର ବାସ୍ନାରେ ବାଉଳା ଚୈତ୍ରର ଚିତ୍ର ଖରା
ଫୁଲେଇ ଫଗୁଣ ସଜେଇ ରଖିଛି ଖୁସିର ରଙ୍ଗ ପସରା
ପୂର୍ବରାଗର ଲାଲିମାରେ ଥାପେ ଫଗୁଣ ତା ଟିକି ପାଦ
ଗେରୁଆ ରଙ୍ଗର ଅବିରରେ ଭିଜେ ସୁନାରଙ୍ଗୀ ଅସ୍ତସୂର୍ଯ୍ୟ ॥
ମତୁଆଲା ମାଟି ମମତା ଡୋରରେ ବାନ୍ଧି ଅଛି ମଧୁମାସ
ନବ ପଲ୍ଲବର ନରମ ଛାତିରେ ଅୟୁତେ ଅବସୋସ ॥

❤ ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଇଣ୍ଡା
ଜି-ଅନୁଗୋଳ

## ଆମ ଏଇ ପ୍ରେମ
### ଶରତ ଚନ୍ଦ୍ର ଜାଲି



ତୁମ ମୋ ଭିତରେ ଯେଉଁ ପ୍ରେମ ଥିଲା
ସେ ପ୍ରେମ ଜାଣିଲା ଦୁନିଆଁ
ସେଥିପାଇଁ ତୁମେ ଜମା ଡରନାହିଁ
ହୁଅନାହିଁ ତିଳେ ଛାନିଆଁ ।
ତୁମେତ ଜାଣିଛ ଆମପାଇଁ ଚାଲେ
କେତେବା କଣ ବିଚାର
ବାଟରେ ଘାଟରେ ଏଣେତେଣେ ଲୋକେ
କରୁଛନ୍ତି ନିନ୍ଦା ପ୍ରଚାର
ନିନ୍ଦା କଲେ ବୋଲି ତୁମେ କ'ଣ ସତେ
ହୋଇଯିବ କାହା କନିଆଁ ।
ତୁମେ କହୁଥିଲ ପ୍ରେମରେ ପଡ଼ିଲେ
ଆସେ କେତେ ଝଡ଼ ବତାସ
ଆଜି କାହିଁ ତୁମେ ନୀରବ ରହୁଛ
ହୋଇଗଲ ବୋଧେ ହତାସ
ଯିଏ ଯାହା କହୁ ତୁମପାଇଁ ପ୍ରିୟା
କିଣିଛି ସିନ୍ଦୂର, ପାନିଆଁ ।
ସୋରିଷ ଫୁଟିଲେ ଲୋକେ କହୁଥାନ୍ତି
ଫୁଟିଗଲା ବୋଲି ଜିରାଟା
ଶ୍ରୀକୃଷ୍ଣ ପ୍ରେମରେ କେତେ କଣ ଶୁଣି
ପ୍ରେମ କରୁଥିଲା ମୀରାଟା
ଆମ ଏଇ ପ୍ରେମ ଆଜିକାଲି ନୁହେଁ
ଚାଲୁଥିବ ସବୁ ଦିନିଆ ।

❤ ଶିକ୍ଷକ
ନୋଡାଲ ଉଚ୍ଚ ବିଦ୍ୟାଳୟ,
କୋଦଳା, ଗଂଜାମ
ମୋ-୮୨୪୯୫୩୪୨୭୪

## ମୃଗତୃଷ୍ଣା
### ଅକ୍ଷୟ କୁମାର ରାଉତ



ରାତି ସବୁ ଶୋଇଛନ୍ତି ନିଦ୍ରାରେ
ପ୍ରେମ ଏବେ ବନ୍ଦି
ପ୍ରତାରଣାର ବନ୍ଦିଶାଳେ
ଛକାପଞ୍ଝା ଦୁନିଆରେ
କିଏ ବୁଝେ ମନର ମରମ କଥା
ଯୌବନ ଆଉ ରୂପର ଚାକଚକ୍ୟରେ
ସଭିଏଁ ଅନ୍ଧ
ମରିବାକୁ କିଏ ଚାହୁଁଛି !
ବଞ୍ଚି ଥାଇ ସ୍ୱର୍ଗ ଯିବାକୁ ସଭିଏଁ ତତ୍ପର ।

ଧର୍ମର ଚୌହଦି ବେଢ଼ିଛନ୍ତି ଧୂର୍ତ୍ତ, ପାଖଣ୍ଡୀ
ଜାତି ଖାଲି ଖୋଜା ଚାଲେ ବିବାହ
ବେଦୀରେ
ପ୍ରେମ ବେଳେ କିଏ ଖୋଜେ ଜାତି, ଧର୍ମ !
କିଏ ଖୋଜେ ଜାତି ଧର୍ମ ଗଣିକା କୋଠିରେ
ବଳାତ୍କାର ବେଳେ କିଏ ପଚାରେ ଜାତି ଧର୍ମ
ରାକ୍ଷସ ପ୍ରବୃତ୍ତି ବେଳେ ସବୁ ଜାତି,ଧର୍ମ ଏକା
ନିଶା ଉତୁରି ଗଲେ ପୁଣି ସେଇ ସଂକୀର୍ଣ୍ଣତା ।

ମୃଗତୃଷ୍ଣା ପଛେ ସଭିଏଁ ଧାଇଁଛନ୍ତି
କିଏ କରୁଛି ଜୀବନ୍ତ ଦେବତାଙ୍କ ପୂଜା !
ମୃଣ୍ମୟ ପ୍ରତିମା ପୂଜି ଆମେ ସବୁ ମୁକ୍ତିପଥର
ପଥିକ
ମାଳ ମାଳ ବୃଦ୍ଧାଶ୍ରମ ସହର ଭିତରେ
ରାମ ରାଜ୍ୟର ସ୍ୱପ୍ନ ଦେଖାଉଥିବା ମହାଭାଗ
ରାତି ଦିନ ରଚୁଥାନ୍ତି ଶକୁନି ଠୁ ଅଧିକ ପ୍ରପଞ୍ଚ
ତଥାପି ଆମେ ତାଙ୍କୁ ହିତୈଷୀ
ଭାବେ ଦେଉ ସମ୍ମାନ ।

ବିକାଶର ଚରମବିନ୍ଦୁରେ ଆମେ ବିଦ୍ୟମାନ
ସେଇଥିପାଇଁ ବୋଧହୁଏ
ସରକାର ଦେଉଛନ୍ତି ମାଗଣା ଯୋଜନା
ତଥାପି ଗାଁ ଠୁ ସହର ଭିକାରୀ ମାଳ ମାଳ
ନା ମିଳୁଛି ଶୁଦ୍ଧ ପାଣି, ନା ସ୍ୱାସ୍ଥ୍ୟ ସେବା
ସ୍ୱାସ୍ଥ୍ୟ କେନ୍ଦ୍ର ନ ଯାଇପାରି ଏବେବି
ଚାରିକାନ୍ଥ ଭିତରେ
ପ୍ରସବ ପୀଡ଼ାରେ ଛଟ ପଟ ହୁଏ
ନାରୀ ଟିଏ
ଏବେ ବି ସହରର ରାସ୍ତା ପହଞ୍ଚି
ପାରିନି ତା ପାଖରେ
ଗାଡ଼ି ଆଉ ଆମ୍ବୁଲାନ୍ସ କଥା କିଏ ପଚାରେ
ତଥାପି ଆମେ ବିଶ୍ୱର ପଞ୍ଚମ ଅର୍ଥବ୍ୟବସ୍ଥା
ରୂପେ
ଗର୍ବରେ ଛାତି ଫୁଲାଇ ଢୋ଼ଲ ପିଟୁ।

❤ ବାଳକାଟି, ଆଳି, କେନ୍ଦ୍ରାପଡ଼ା

## ଶେଷ ସମାଧାନ
### ଧ୍ରୁବ ଚରଣ ବେହେରା



ପଥ ବହୁଦୂର ଚାଲିବାକୁ ଅଛି
ଚାଲି ବି ନ ଯିବା ଥକି
ଜୀବନର ମାନେ ସଂଘର୍ଷର ରାହା
ଲଢି ବି ରହଇ ବାକି ॥

ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ
ହସି ହସି ଯିବା ସହି
ରାତି ପରେ ଦିନ, ଦିନ ପରେ ରାତି
ପ୍ରକୃତିର ଖେଳ ଏହି ॥

ଋତୁ ବଦଳଇ ସମୟ ସାଥିରେ
କେବେ ଖରା କେବେ ଛାଇ
ପର୍ଣ୍ଣମୋଚି କୋଳେ ହସଇ ବସନ୍ତ
ନବ ପଲ୍ଲବିତ ହୋଇ ॥

ବୟସ ପାହାଚ ଗଡି ଗଡି ଯାଏ
ଯୌବନ ପଡଇ ଫିକା
ଭଙ୍ଗୁର ହୁଅଇ ଚର୍ମ ସୁନ୍ଦରତା
ବାର୍ଦ୍ଧକ୍ୟ ହୁଅଇ ଏକା ॥

ସେନେହ ଆଦର ହୋଇଯାଏ ଦୂର
ଅବଚେତନରେ ମନ
ଚେତନାକୁ ଫେରି ପାଏ ନାହିଁ ଆଉ
ଖାଲି ଲାଗେ ଶୂନ୍ୟ ସ୍ଥାନ ॥

ପାଣି ଫଟକାର ଜୀବନ ଆମର
କାହିଁକି କରିବା ଗର୍ବ
ବେଳ ଥାଉ ବନ୍ଧ ବାନ୍ଧିବୁ ବାଇଆ
ହୋଇଯିବ ଦିନେ ଖର୍ବ ॥

ଜୀବନ ଦର୍ଶନ ହାଟର ସଉଦା
ଜନ୍ମ ମୃତ୍ୟୁ ପାରାବାର
ଜାଣିକି ଅଜଣା ହୁଅନିରେ ଧନ
ସବୁ ହେବ ଏକାକାର ।।

ମଶାଣିର ଜୁଇ ଖୋଜେ ନାହିଁ ଖ୍ୟାତି
ସମସ୍ତେ ତା' ପାଇଁ ଏକା
ନଥାଏ ସେଠାରେ ବଡ ସାନ ମାପ
ସତ୍ୟ ହିଁ ତା'ହାର ସଖା ॥

ଫେରିବା ବେଳର ମୁଖ୍ୟ ବନ୍ଧୁ ଯିଏ
ତା' ପାଖେ ସରେ ଜୀବନ
ଆତ୍ମା ଲୀନ ହୁଏ ପରମାତ୍ମା କୋଳେ
ଏହି ଶେଷ ସମାଧାନ ॥

❤ ଭାରତୀୟ ସାମରିକ ସେବା ।
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ:୮୩୨୮୯୩୦୫୫୪

## ମାନବିକତା
### ରଞ୍ଜନ କୁମାର ବେହେରା

ମାନବିକତାର ଅଂଶ ଅଛି ବୋଲି
ପାଇଛୁ ମାନବ ନାମ ।
ଭୁଲି ଯଦି ଯିବା ମାନବ ଧର୍ମକୁ
ନିରର୍ଥକ ସେହି ନାମ ।
ମାନବକୁ ଶ୍ରେଷ୍ଠ ବୋଲି ବିବେଚନା
କରିଛନ୍ତି ଜ୍ଞାନୀଜନ ।
ପଶୁ ସମ ଆଜି କର୍ମ ଧାରା ତାର
ନାହିଁ ମାନବତ୍ୱ ଜ୍ଞାନ ।
କାହିଁକି ଆସିଛି କେଉଁ ଅଭିପ୍ରାୟେ
କିବା ତାର କର୍ମ ନାମ ।
ମାନବ ଧର୍ମକୁ ଭୁଲି ଯାଉଛି ସେ
ଭାବୁଛି ନିଜେ ମହାନ ।
ଅନୁତପ୍ତ ନୁହେଁ ଆଜିର ମଣିଷ
କଲେ ଯେତେ ମନ୍ଦ କର୍ମ ।
ମନ୍ଦ କର୍ମେ ମିଳେ ଆନନ୍ଦର ଉତ୍ସ
ମନ୍ଦ କର୍ମେ ଯାଏ ଜୀବନ ।
ବଞ୍ଚିଥିଲା ବେଳେ ଖାଇବାକୁ ଦିଅ
ଆନନ୍ଦେ ଜୀବ ଜୀବନ ।
ଜୀବ ଗଲାପରେ କିଛି ଲାଭ ନାହିଁ
ଦେଲେହେଁ ସ୍ୱାଦିଷ୍ଟ ଭୋଜନ ।
କେହି ଯଦି କେବେ କରେ ଉପକାର
ଭୁଲିବନି ତାର ଗୁଣ ।
ମାନବିକତାର ପରିଚୟ ଦେଇ
ଦେବଟି ତା ପାଇଁ ପ୍ରାଣ ।
ମାନବିକତାର ଅଂଶ ଅଛି ବୋଲି
ପାଇଛୁ ମାନବ ନାମ
ପାଇଛୁ ମାନବ ନାମ ।

❤ ଗ୍ରାମ - ପଲମ, ବ୍ଲକ - ନର୍ଲା,
ଜିଲ୍ଲା -କଳାହାଣ୍ଡି,
ମୋ - ୮୦୧୮୧୬୭୯୮୯

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।


## ସମ୍ପର୍କ ବୃଦ୍ଧି ପ୍ରୟାସ ...

ପାରମ୍ପରିକ ଈର୍ଷାଳୁ ପ୍ରତିବେଶୀ ଚୀନ୍ ସହିତ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଦିଗରେ ଭାରତ ପୁଣି ଥରେ ପ୍ରୟାସ ଆରମ୍ଭ କରିଛି। ଚୀନ ମଧ୍ୟ ଏହି ପଦକ୍ଷେପକୁ ସକାରାତ୍ମକ ଦୃଷ୍ଟିକୋଣରେ ସ୍ୱାଗତ କରିଛି। ସାମ୍ପ୍ରତିକ ବିଶ୍ୱ ଭୂ-ରାଜନୈତିକ ପ୍ରେକ୍ଷାପଟ୍ଟରେ ବିଶ୍ୱର ଦୁଇ ପ୍ରମୁଖ ରାଷ୍ଟ୍ର ଭାରତ ଓ ଚୀନ୍ ରଣନୈତିକ ପ୍ରତିଦ୍ୱନ୍ଦ୍ୱିତା ଆଭିମୁଖ୍ୟକୁ ରଣନୈତିକ ସହଯୋଗିତାରେ ପରିବର୍ତ୍ତନ କରିବା ଆଞ୍ଚଳିକ ସଂହତି, ଶାନ୍ତି ଓ ସ୍ଥିରତା ପାଇଁ ଯେତିକି ଆବଶ୍ୟକ, ବିଶ୍ୱକଲ୍ୟାଣ ପାଇଁ ତା' ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଭାରତ-ଚୀନ୍ କୂଟନୈତିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତି ଅବସର ଦ୍ୱିପାକ୍ଷିକ ସମ୍ପର୍କ ପୁନଃସ୍ଥାପନ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆଣିଛି। ୧୯୪୯ ମସିହାରେ ଚୀନ୍ ନିଜକୁ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ରୂପେ ଘୋଷଣା କରିବା ପରେ ଭାରତ ହିଁ ବିଶ୍ୱର ପ୍ରଥମ ଦେଶ ଭାବରେ ସ୍ୱୀକୃତି ଓ ସମ୍ମାନ ଦେଇଥିଲା। ଆଜି ଜାତିସଂଘର ସୁରକ୍ଷା ପରିଷଦରେ ଭେଟୋ କ୍ଷମତା ସହିତ ଚୀନ୍‌ର ସଦସ୍ୟତା ପଛରେ ଭାରତର ଅବାଦନ ଅନେକ। ସେହି ସମ୍ମାନଜନକ ସଦସ୍ୟତା ପାଇଁ ରୁଷ ଭାରତର ନାମ ପ୍ରସ୍ତାବ ଦେଇଥିଲେ ମଧ୍ୟ ନେହେରୁ ହିଁ ଚୀନ୍‌ର ନାମ ସୁପାରିଶ କରିଥିଲେ। ହିନ୍ଦୀ-ଚୀନୀ ଭାଇ ଭାଇ ମନ୍ତ୍ର ଭାରତ ଚୀନ୍‌କୁ ଦେଇଥିଲା। କିନ୍ତୁ ବନ୍ଧୁତ୍ୱର ମୂଲ୍ୟ ବୁଝି ନ ପାରି ଚୀନ୍ ଭାରତ ଆକ୍ରମଣ କରିଥିଲା। ଏହାପରେ ମଧ୍ୟ ଭାରତ ପକ୍ଷରୁ ଏକାଧିକଥର ଚୀନ୍ ପ୍ରତି ବନ୍ଧୁତ୍ୱର ହାତ ବଢ଼ାଇ ଆସିଛି। କିନ୍ତୁ ହିତାକାଂକ୍ଷୀ ହେବା ବଦଳରେ ଚୀନ୍ ଭାରତକୁ ତା'ର ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଦେଖି ଆସୁଛି। ୨୦୧୭ରେ ଡୋକଲାମ୍ ଓ ୨୦୨୦ରେ ଗଲୱାନ୍ ସୀମା ବିବାଦ ଏହି ସମ୍ପର୍କକୁ ଅଧିକ ତିକ୍ତ କରିଛି। ସୁଖର କଥା ଇତିମଧ୍ୟରେ ଗଲୱାନ୍ ସୀମା ବିବାଦର ଆପୋସ ସମାଧାନ ହୋଇଥିବା ବେଳେ ଭାରତ ଏହି କୂଟନୈତିକ ସଫଳତାକୁ ଦ୍ୱିପାକ୍ଷିକ ଦୃଢ଼ ଓ ଦୀର୍ଘମିଆଦୀ ସମ୍ପର୍କରେ ପରିଣତ କରିବାରେ ଚେଷ୍ଟିତ ଅଛି। ଆଞ୍ଚଳିକ ଅସ୍ଥିରତା, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରୁ ପାଶ୍ଚାତ୍ୟ ବିଶ୍ୱ ଫାଇଦା ଉଠାଇବା ପାଇଁ ସଦା ତତ୍ପର। ତେଣୁ ସାମ୍ୟବାଦ ଭିତ୍ତିକ ସମାବେଶୀ ବିଶ୍ୱ ଅର୍ଥନୀତିର ଉଦ୍‌ଘୋଷଣା କରୁଥିବା ଭାରତ ଏବେ ବିଶ୍ୱ ବିକାଶ ପ୍ରକ୍ରିୟାକୁ ଶାନ୍ତି ଓ ଦୀର୍ଘମିଆଦୀ କରିବା ଲକ୍ଷ୍ୟରେ ଆଞ୍ଚଳିକ ସ୍ଥିରତାକୁ ଅଧିକ ଗୁରୁତ୍ୱ ଦେଉଛି। ବିଶ୍ୱ ଜନସଂଖ୍ୟାର ଏକ-ଚତୁର୍ଥାଂଶରୁ ଅଧିକ ଲୋକ ଏହି ଦୁଇ ରାଷ୍ଟ୍ରରେ ବସବାସ କରୁଛନ୍ତି। ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଏବଂ ଉଦୀୟମାନ ଅର୍ଥନୀତି ରୂପେ ଉଭା ହୋଇଛି। ଚୀନ୍ ଏବେ ଅର୍ଥନୀତି ଓ ସାମରିକ ଶକ୍ତିରେ ଆମେରିକାକୁ ବି ଟକ୍କର ଦେଉଛି। ତେଣୁ ଉଭୟ ରାଷ୍ଟ୍ରର ଆଭିମୁଖ୍ୟ ଓ ବାଧ୍ୟବାଧକତା ଯାହା ବି ଥାଉ ନା କାହିଁକି ମନାନ୍ତରକୁ ଦୂରେଇ ଦୁଇ ରାଷ୍ଟ୍ର ପରସ୍ପର ସହଯୋଗୀ ହେବା ହିଁ ସମୟର ଆହ୍ୱାନ। ଅପରପକ୍ଷରେ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ପଛରେ ଚୀନ୍‌ର ଅନେକ ବାଧ୍ୟବାଧକତା ରହିଛି। ଚୀନ୍‌ର ମୁଖ୍ୟ ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଡୋନାଲ୍ଡ ଟ୍ରମ୍ପ ଆମେରିକାରେ ପୁଣି ଥରେ କ୍ଷମତାକୁ ଫେରିବା ସହିତ ଶୁଳ୍କ ନୀତିକୁ କଠୋର କରିବା ପାଇଁ ଘୋଷଣା କରିସାରିଛନ୍ତି। ଇତିମଧ୍ୟରେ ଚୀନ୍‌ରୁ ବହୁଦେଶୀୟ କମ୍ପାନୀମାନେ ଭାରତ ମୁହାଁ ହେଉଛନ୍ତି। ଏହାଦ୍ୱାରା ଚୀନ୍ ଗୁରୁତର ଆର୍ଥିକ ସଙ୍କଟର ଅନୁମାନ କରିସାରିଛି। ଏହାଛଡ଼ା ସମ୍ପ୍ରତି ବିଶ୍ୱ କୂଟନୈତିକ ସ୍ତରରେ ଭାରତର ଗୁରୁତ୍ୱ ବଢ଼ୁଛି। ଗତ କିଛିବର୍ଷ ଧରି ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ, ବିଶେଷକରି ଦକ୍ଷିଣ-ଚୀନ୍-ସାଗର ଅଞ୍ଚଳରେ, ଚୀନ୍‌ର ଆଧିପତ୍ୟକୁ ହ୍ରାସ କରିବା ପାଇଁ ଆମେରିକା, ଅଷ୍ଟ୍ରେଲିଆ, ଜାପାନ୍ ଓ ଭାରତ ମିତ୍ରରାଷ୍ଟ୍ର ଗୋଷ୍ଠୀ ବା 'କ୍ୱାଡ୍' ଚୁକ୍ତି କରି ପ୍ରତ୍ୟକ୍ଷରେ ଚୀନ୍ ବିରୁଦ୍ଧରେ ପଦକ୍ଷେପ ନେବାକୁ ପ୍ରସ୍ତୁତ ହୋଇଛନ୍ତି। ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ସମେତ ପ୍ରାୟ ୧୭ଟି ଦେଶ ସହିତ ଚୀନ୍‌ର ସୀମା ବିବାଦ ରହିଛି କିମ୍ବା କୂଟନୈତିକ ତିକ୍ତତା ସୃଷ୍ଟି ହୋଇଛି। ସେହିପରି ଅଷ୍ଟ୍ରେଲିଆ-ବ୍ରିଟେନ୍-ଆମେରିକା ଦ୍ୱାରା ରଚିତ 'ଆଉକସ୍' ନାମକ ବ୍ୟୂହର କେନ୍ଦ୍ରରେ ଚୀନ୍ ରହିଛି। ଏହି ପୃଷ୍ଠଭୂମିରେ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ପାଇଁ ଚୀନ୍ ଆଗ୍ରହୀ ହେବା ଅସମ୍ଭବ ନୁହେଁ। ଦ୍ୱିପାକ୍ଷିକ ସମ୍ପର୍କ ସୁଧାରର ପ୍ରାରମ୍ଭିକ ସଙ୍କେତ ଅନୁଯାୟୀ ଭାରତର ବୈଦେଶିକ ସଚିବ ସହଯୋଗର ବାର୍ତ୍ତା ନେଇ ଚୀନ୍ ଗସ୍ତରେ ଯାଇଥିବା ବେଳେ ଚୀନ୍ ପ୍ରତିପକ୍ଷ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି। ଇତିମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୂତ କରିବା ପାଇଁ କୈଳାସ ମାନସରୋବର ଯାତ୍ରାର ପୁନରାରମ୍ଭ, ଦୁଇ ଦେଶର ରାଜଧାନୀ ମଧ୍ୟରେ ପ୍ରତ୍ୟକ୍ଷ ବିମାନ ଚଳାଚଳ ସେବାର ପୁନଃବାହାଲ, ଭାରତର ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ ପାଇଁ ଚୀନ୍ ଭିସା କଟକଣା କୋହଳ, ବ୍ରହ୍ମପୁତ୍ର ନଦୀ ଜଳ ସ୍ଥିତି ସୂଚନା ବିନିମୟ ପାଇଁ ଦୁଇଦେଶ ମଧ୍ୟରେ ସହମତି ହୋଇଥିବା ସୂଚନା ମିଳିଛି। ୨୦୧୯ ପର୍ଯ୍ୟନ୍ତ ଭାରତ-ଚୀନ୍ ମଧ୍ୟରେ ୫୩୯ଟି ବିମାନ ଯାତାୟାତ କରୁଥିବା ବେଳେ କୋଭିଡ୍ ମହାମାରୀ ଓ ଗଲ୍‌ୱାନ ବିବାଦ ପରେ ଏହା ବନ୍ଦ ହୋଇଯାଇଛି। ୨୦୧୯ରେ ଭାରତ ୨ ଲକ୍ଷ ଚୀନ୍ ପ୍ରବାସୀଙ୍କୁ ଭିସା ଦେଇଥିବା ବେଳେ ସୀମାରେ ଉତ୍ତେଜନା ଯୋଗୁଁ ୨୦୨୪ ଜାନୁଆରୀ ବେଳକୁ ତାହା ମାତ୍ର କେତେକ ହଜାରକୁ ଖସି ଆସିଛି। ଭାରତ ଚାହୁଁଛି ଦ୍ୱିପାକ୍ଷିକ ବୁଝାମଣା ବିଶ୍ୱାସ, ସମ୍ମାନ, ସମ୍ବେଦନଶୀଳତା ଆଧାରିତ ହେଉ। ତେଣୁ ଏବେ ପୂର୍ବ ସ୍ଥିତି ବାହାଲ ହେଲେ ଭାରତ ଚାହୁଁଥିବା ପରି ଦୁଇ ଦେଶର ଜନତା ଉପକୃତ ହେବେ।

## ଆଦିକବି

### ଅକ୍ଷୟ କୁମାର ରାଉତ





ସାରଳା ଦାସ ଅବିଭକ୍ତ କଟକ ଜିଲ୍ଲାର ଜଙ୍ଘେରପୁରସ୍ଥିତ କନକବତୀ ପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ। ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ। ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡା ଜଙ୍ଘେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ। ପରଅବସ୍ଥାରେ ପର୍ଶୁରାମ ପରିଡା କନକପୁରକୁ ଉଠିଆସି ଘରଟିଏ କରି ରହିଲେ। କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ। ସେ ସମୟରେ ଚାଟଶାଳୀର ସୁବିଧାନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ। ଓଡିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ। ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା।

ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ। ପରଅବସ୍ଥାରେ ପୌରାଣିକ କାହାଣୀଗୁଡିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା। ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି। ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି। ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ। ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ। ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ। ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେପକାଇଲେ। ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତ୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି ? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ। ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ।

ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ। ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା। ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ। ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପରଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ। ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ। ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା। ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶ ଗ୍ରହଣ କରାଇଦେଉନଥିଲେ। ଏହିପରି ଅସହାୟ ମୂହୂର୍ତ୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ,ଯାହା ଉପରୁ ଶୁଭିବ ତୁ ଲେଖିବୁ"। ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ। ମହାଭାରତ ରଚନାରେ ମନନିବେଶ କଲେ। କଳ୍ପବଟମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ। ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ। ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତ ମାନେ "ହାତୀ ବାର ଯୁଣ ତାର ଘଂଟି ବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ। ହସ୍ତୀ ହେଲା ଦେବତା ଯୁଗରେ ଓ ଘଂଟି ହେଲ ମାନବ ଯୁଗରେ ଏହାପରେ ପଣ୍ଡିତମାନେ ନିଜଭୂଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ। ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା। ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତିରୂପେ ପ୍ରଦାନ କରିଥିଲେ।

ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ। ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି। ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି। ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା। ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା। ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ। ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ। ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ -

ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ। ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା। ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ। କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି। ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ। ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୂର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ। ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ। 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ। ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ। ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତନ ଆଣିଥିଲା।

'ମା'ଙ୍କ ଦତ୍ତ ଲେଖନୀ ସାହାର୍ଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ। ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କତା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି।

ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ। ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ। ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ। ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ। ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃଦ୍ଧାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ଥ ହେଲେ। ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ୍ୟ ଲିଭିଗଲା। ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା। ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି। ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି। ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ। ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି।


+ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର

ମୋ : ୯୯୩୭୬୯୧୪୭୫


## ଭାରତର ସ୍ୱାଧିନତାକୁ ନେଇ ବିଭ୍ରାନ୍ତି କର ବୟାନ ଠିକ୍ କି ?

### ଗୋପାଳ ମହାପାତ୍ର



ଦେଶର କୋଟି କୋଟି ଲୋକ ଯେଉଁମାନେ ୪୦ ଦଶକ ଠାରୁ ଜନ୍ମ ନେଇ ଗ୍ରାମାଞ୍ଚଳରେ ବଢିଛନ୍ତି, ପାଠପଢିଛନ୍ତି ସେମାନଙ୍କ ପାଇଁ ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧିନ ହୋଇଥିଲା। ସହରର ଧନୀ, ଗରିବ, ଶ୍ରମିକ ଏବଂ ଅନ୍ୟ ପଛୁଆ ବର୍ଗର ଲୋକଙ୍କ ପାଇଁ ମଧ୍ୟ ଭାରତ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧିନ ହୋଇଥିଲା। ଅର୍ଥାତ୍ ସାଧାରଣ ଲୋକ ମାନଙ୍କ ପାଇଁ ଭାରତ ଅଗଷ୍ଟ ୧୫ ତାରିଖ ୧୯୪୭ ମସିହାରେ ସ୍ୱାଧିନତା ପାଇଥିଲା ଓ ଭାରତର ଶାସନର ଡ଼ୋର ସ୍ୱାଧିନତା ସଂଗ୍ରାମର ସେନାନୀଙ୍କ ହାତକୁ ଆସିଥିଲା। କିନ୍ତୁ କିଛି ହାତଗଣତି ତଥାକଥିତ ପ୍ରଖ୍ୟାତ (ସେଲିବ୍ରିଟି) ବା ବ୍ୟକ୍ତିବିଶେଷ ଭାରତର ସ୍ୱାଧିନତା ୧୯୪୭ରେ ନୁହେଁ ୨୦୧୪ରେ ମିଳିଲା ବୋଲି କହୁଛନ୍ତି। ଏଭଳି ପ୍ରଖ୍ୟାତ ମାନଙ୍କ ବାବଦରେ କ'ଣ ବା କୁହାଯାଇପାରେ। ଦେଶର ପ୍ରମୁଖ ଗଣମାଧ୍ୟମମାନେ ଏହି ପ୍ରଖ୍ୟାତ ମାନଙ୍କ କଥାକୁ ବିନା ବିମର୍ଷ ଓ ବିଶ୍ଲେଷଣ ନକରି ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। କିଛି ଦିନ ପୂର୍ବେ ଇନ୍ଦୋରଠାରେ ଏକ ବୃହତ୍ ସ୍ୱଘୋଷିତ ରାଷ୍ଟ୍ରବାଦୀ ସାଂସ୍କୃତିକ ସାମାଜିକ ସଂଗଠନର ବରିଷ୍ଠ ପଦାଧିକାରୀ ମଧ୍ୟ ଏମିତି କିଛି ବକ୍ତବ୍ୟ ଦେଇଥିଲେ ଓ କହିଥିଲେ ଯେ ପ୍ରକୃତ ସ୍ୱାଧିନତା ଦେଶକୁ ୨୦୨୪ ମସିହା ଜାନୁୟାରୀ ୧୨ ତାରିଖରେ ମିଳିଥିଲା, ଯେତେବେଳେ ଆଯୋଧ୍ୟାରେ ନବ ନିର୍ମିତ ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ମୂର୍ତ୍ତୀର ପ୍ରାଣ ପ୍ରତିଷ୍ଠା କରାଗଲା। ମୂର୍ତ୍ତୀ ତ ମୂର୍ତ୍ତୀ, ଏଥିରେ ପ୍ରାଣର କଥାତ କିଛି ମହାପଣ୍ଡିତ ଲୋକ ହିଁ ବୁଝିପାରିବେ।

ସଂପୃକ୍ତ ରାଷ୍ଟ୍ରବାଦୀ ସଂଗଠନର ମୁଖ୍ୟଙ୍କ ବକ୍ତବ୍ୟପରେ ସେଇ ସଂଗଠନର ଅନେକ ପଦାଧିକାରୀଙ୍କ ବକ୍ତବ୍ୟ ମଧ୍ୟ ଗଣମାଧ୍ୟମରେ ଆସିଲା ଓ ସେମାନେ ମତ ଦେଇଥିଲେ ଯେ ଦେଶକୁ ସାଂସ୍କୃତିକ ସ୍ୱାଧିନତା ଅଯୋଧ୍ୟାରେ ନିର୍ମିତ ମନ୍ଦିରରେ ଶ୍ରୀରାମଙ୍କ ମୂର୍ତ୍ତୀର ପ୍ରାଣ ପ୍ରତିଷ୍ଠା ପରେ ହିଁ ମିଳିଲା। ସଂଗଠନର ପଦାଧିକାରୀ ମାନଙ୍କ ମତରେ ବିଦେଶୀ ଆକ୍ରମଣକାରୀମାନେ ରାମମନ୍ଦିରକୁ ଓ ଦେଶର ଅନ୍ୟ କେତେକ ସ୍ଥାନରେ ଥିବା ମନ୍ଦିରକୁ ନଷ୍ଟ ଭ୍ରଷ୍ଟ କରି ଦେଇଥିଲେ। ବିଦେଶୀ ଆକ୍ରମଣକାରୀଙ୍କ ଏହି କାର୍ଯ୍ୟ ଭାରତର ଆତ୍ମା, ଅସ୍ମିତା ଉପରେ ଆଘାତ ଥିଲା। ଦେଶର ଲୋକେ ସେମାନଙ୍କର ଏହି କୁକୃତ୍ୟ ଭୁଲିନାହାଁନ୍ତି।

ଅଯୋଧ୍ୟାର ରାମ ମନ୍ଦିରକୁ ଭଙ୍ଗାଯାଇଥିଲା ଏକଥା ଠିକ୍ ?। କୌଣସି ଧର୍ମରେ ଅନ୍ୟଧର୍ମର ପୂଜା-ଆସ୍ଥାର ସ୍ଥଳକୁ ଭାଙ୍ଗିବା ଓ ପୂଜା ସ୍ଥଳର ପବିତ୍ରତାକୁ ଭାଙ୍ଗିବାର ଅନୁମତି ଦିଆ ଯାଇନାହିଁ। ବସ୍ତୁତଃ ଏଭଳି କାର୍ଯ୍ୟ ପୂର୍ବକାଳରେ ରାଜ୍ୟର ରାଜା ବା ନୂଆ ରାଜ୍ୟ ସୃଷ୍ଟି କରିବାର ଇଛା ରଖିଥିବା ଲୋକେ ଜନତାଙ୍କ୍ ମନରେ ଭୟ ଉତ୍ପନ୍ନ କରିବା ପାଇଁ ଏକଥା କରିଥିବେ। ଧର୍ମର ବ୍ୟାଖ୍ୟା କରୁଥିବା ବଡ ବଡ ବ୍ୟକ୍ତି ବିଶେଷ ହିଁ ଏଭଳି କୁ କାର୍ଯ୍ୟରେ ଏଭଳି ଲୋକଙ୍କୁ ସହାୟତା କରୁଥିଲେ। ଏବେବି କ୍ଷୁଦ୍ର ମାନସିକତାର ଧର୍ମାଚାର୍ଯ୍ୟ ଓ ନିମ୍ନସ୍ତରର ମାନସିକତାର ରାଜନେତା ମାନେ ଏଭଳି କରୁଛନ୍ତି।

ରାମ, କୃଷ୍ଣ, ଶିବ ଓ ଅନ୍ୟ ଦେବୀ ଦେବତା ଭାରତୀୟ ଜନମାନସରୁ କେବେ ବିସ୍ମୃତ ହୋଇନଥିଲେ କି ହେବେନାହିଁ। ଯୁଗ ଯୁଗରୁ ଲୋକେ ପରସ୍ପରକୁ ରାମ-ରାମ, ସୀତା ରାମ, ରାଧେ-ରାଧେ, ଜୟ ଶିବ-ଶମ୍ଭୁ ଆଦିରେ ଅଭିବାଦନ କରି ଆସୁଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରାମ, କୃଷ୍ଣ, ଶିବ ଓ ଅନ୍ୟ ଦେବ ଦେବୀଙ୍କ ମନ୍ଦିର ଭରି ରହିଛି। ଆଯୋଧ୍ୟାର ରାମ ଜନ୍ମଭୂମୀ ବିବାଦ ବାବଦରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିଷ୍ପତ୍ତି ଶୁଣାଇବା ପରେ ମନ୍ଦିର ନିର୍ମାଣ ହୋଇଥିଲା। ସର୍ବୋଚ୍ଚ ନ୍ୟାୟାଳୟ ପ୍ରତିପକ୍ଷଙ୍କୁ ମଧ୍ୟ ସେମାନଙ୍କର ଧର୍ମସ୍ଥଳ ପାଇଁ ବିକଳ୍ପ ଭୂମିର ବ୍ୟବସ୍ଥା କରିବାକୁ ସରକାରଙ୍କୁ ଆଦେଶ ଦେଇଥିଲେ। ଯେତେବେଳେ ଏହି ବିବାଦ ନ୍ୟାୟାଳୟରେ ବିଚାରାଧିନ ଥିଲା ସେତେବେଳେ ଲୋକଙ୍କୁ ପ୍ରୋତ୍ସାହିତ କରି ବଡ ବଡ ରାଜନେତା ମାନଙ୍କ ଉପସ୍ଥିତିରେ ବାବ୍ରୀ ମସଜିଦ୍ ?କୁ ଭାଙ୍ଗି ଦିଆଯାଇଥିଲା। ଏବେ ସଂପୃକ୍ତ ରାଷ୍ଟ୍ରବାଦୀ ସଂଗଠନର ପଦାଧିକାରୀ ମାନଙ୍କ ମନ୍ତବ୍ୟ ଆଡ଼୍‌କୁ ଆସିବା ସେମାନଙ୍କ ବୟାନର ନିମ୍ନ ବିନ୍ଦୁକୁ ଧ୍ୟାନରେ ରଖି ପାଠକେ ସ୍ୱୟଂ ନିର୍ଣ୍ଣୟ କରିପାରିବେ ଯେ ସେମାନଙ୍କ କଥା ଅନୁସାରେ କ'ଣ ବାସ୍ତବରେ ୨୦୧୪ରେ ବା ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପରେ ଭାରତକୁ ସ୍ୱାଧିନତା ମିଳିଲା ?

ଭାରତ ଭୂଭାଗରେ ଅନେକ ରାଜା ମହାରାଜାଙ୍କ ଶାସନ ଥିଲା ଓ ପରବର୍ତ୍ତୀ ସମୟରେ ଇଂରେଜମାନେ ଏହାର ଶାସନ କର୍ତ୍ତା ହୋଇଥିଲେ। ହିମାଳୟ ପର୍ବତ ଶ୍ରେଣୀ ଓ ହିନ୍ଦ ମହାସାଗରର ଜଳ ସୀମାରେ ଘେରି ହୋଇ ରହିଥିବା ଭୂଭାଗର କଳ୍ପନା ପୁରୁଣା ସାହିତ୍ୟରେ ରହିଛି କିନ୍ତୁ ସବୁ ରାଜ୍ୟ ମିଶ୍ରିତ ନଥିଲା। ଭୂତକାଳରେ କିଛି ବଡ଼ ବଡ଼ ସାମ୍ରାଜ୍ୟ ଥିଲା ଯାହାର ବିସ୍ତାର ଉତ୍ତରରୁ ଦକ୍ଷିଣ ଓ ପୂର୍ବରୁ ପଶ୍ଚିମରେ ବର୍ତ୍ତମାନର ଭାରତର ବଡ଼ ବଡ଼ ଭୂଭାଗ ପର୍ଯ୍ୟନ୍ତ ଲମ୍ବିଥିଲା କିନ୍ତୁ ଆଜି ଭାରତର ସୀମା ଯାହା ଅଛି ତାହା ନଥିଲା। ପ୍ରାଚୀନ ଭାରତରେ ଅନେକ ଛୋଟ ବଡ ରାଜ୍ୟ, ଅଧିକାଂଶ ନିଜର ସୀମାକୁ ବିସ୍ତାର ଓ ଅହଂକାରର ତୁଷ୍ଟି ପାଇଁ ସଂଘର୍ଷରତ ରହୁଥିଲେ। ଏହି ସଂଘର୍ଷର ସ୍ଥିତି ମୌର୍ଯ୍ୟକାଳ, ଗୁପ୍ତକାଳ, ଗୁଜୁରାଟର କିଛି ବଡ ବଡ ରାଜାଙ୍କ ସମୟ, ଦାକ୍ଷିଣାତ୍ୟର ବଡ଼ ବଡ଼ ସାମ୍ରାଜ୍ୟର ସମୟରେ, ହର୍ଷବର୍ଦ୍ଧନଙ୍କ ସମୟରେ, ରାଜପୁତ କାଳରେ, ଦିଲ୍ଲୀ ଶାସନ ଓ ମୋଗଲ କାଳରେ ତଥା ଇଂରେଜ ଶାସନ ପର୍ଯ୍ୟନ୍ତ ରହିଥିଲା। ଆଜିର ଭାରତର ଭୌଗୋଳିକ ସୀମା ଭଳି ଏକ ରାଷ୍ଟ୍ର କେବେ ନଥିଲା। ଆଉ ଟିକିଏ ଆଗକୁ ଦେଖିଲେ ସ୍ପଷ୍ଟ ଯେ ଆଜିର ଭାରତ ଭଳି ସାମ୍ବିଧାନିକ ବ୍ୟବସ୍ଥା ପୁର୍ବରୁ ନଥିଲା। କ'ଣ ଶାସ୍ତ୍ରରେ ଉଲ୍ଲିଖିତ କୌଣସି ରାଜ୍ୟରେ ବର୍ତ୍ତମାନର ଭାରତରେ ଥିବା ସାମ୍ବିଧାନିକ ବ୍ୟବସ୍ଥା ଥିଲା ? ୧୯୪୭ ଅଗଷ୍ଟ ୧୫ ପୁର୍ବର ରାଜା ରାଜୁଡା ଶାସନରେ ଲୋକମାନଙ୍କର ଭାଗିଦାରୀ ଥିଲା ?


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)





## ଋତୁରାଜ ବିଦଗ୍ଧ ବସନ୍ତ

### ଶୁଭେନ୍ଦୁ ମେହେର



ଋତୁଚକ୍ରର ଆବର୍ତ୍ତନେ
ମହୁଲି ମଳୟ ହୋଇଛି ଜୀବନ୍ତ !
ଉତ୍ଫୁଲ୍ଲିତ ଶୀତର
ଶୀର୍ଣ୍ଣତାକୁ ଡେଇଁ
ଧରା ପୃଷ୍ଠେ ଆସିଛି ବସନ୍ତ ......!!
ଜୀର୍ଣ୍ଣତା, ନିରସତା,
ରୁକ୍ଷତାକୁ ତେଜି
ପୁଲକିତ ବସୁନ୍ଧରା
ପଲ୍ଲବିତ ତରୁଲତା
ଆମ୍ବ ବଉଳର
ଆବେଗରେ ସମ୍ମୋହିତ।
କଅଁଳ ଛନଛନ
କୁଆଁରୀ ପତ୍ରଙ୍କ ଗହଳେ
ଅଳସ ଭାଙ୍ଗେ ପହିଲି ବସନ୍ତ ।।
ପ୍ରକୃତି ରାଣୀର ଆଜି
ଋତୁରାଜଙ୍କ ଆବାହନୀ ମନ୍ତ୍ର ।
କୋମଳ ବସନ୍ତର
କମନୀୟ କାନ୍ତିରେ
ବିମୁଗ୍ଧ ପ୍ରାୟ ହଳଦିବସନ୍ତ ।।
ଯମୁନା କୁଳର କୁହୁକ ବଂଶୀ
ଗୋପ ଗୋପାଙ୍ଗନାଙ୍କ
ବିରହ ବସନ୍ତ ବିଜୟ ଗାଥା ।
ପଳାଶ, ସିମୁଳିର
ରକ୍ତିମ ଆଭାରେ
ପ୍ରକୃତି କୋଳରେ ପ୍ରଣୟ ରାସ ।।
ଚୈତ୍ରର ଚଇତାଳିରେ
ମା' ଆସିବେ ବୋଲି
ଧରଣୀ ରାଣୀର ଯୌବନ ବେଶ ।।
କୁଙ୍କୁମ, କଜ୍ୱଳ, ଅଳତାର ଧାରେ
ରଙ୍ଗ ରୋଷଣୀର ମୂର୍ଚ୍ଛନା ସୁରେ
ପ୍ରେୟସୀ ପାଲିଙ୍କିରେ
ଶତ-ସୁମନର ସମ୍ଭାରେ ।
ପ୍ରେମ ପ୍ରଣୟରେ ଉନ୍ମତ୍ତ
ସ୍ନିଗ୍ଧତା ସବୁଜିମାରେ
ବିଚିତ୍ରବର୍ଣ୍ଣା ବସନ୍ତ
ଅବିରର ସାତ ରଙ୍ଗେ
ଆମନ୍ତ୍ରଣ କରେ ।।
ବିଦଗ୍ଧ ବସନ୍ତ......!
ରସିକ ମନକୁ ବିମୋହିତକରେ
ରଜନୀ ରାଣୀର ସଂଭୋଗଆଶେ ।
ଅପୂର୍ବ ମଞ୍ଜୁଳ କାନ୍ତି
ମଧୁ ଗୁଞ୍ଜରଣେ କାକଳି ଭାଷେ ।।
ଦଲକାଏ ପବନରେ
ଦୋହଲି ଯାଉଛି ଋତୁରାଜ ବସନ୍ତ ।
ଦେଖ, ଆମ୍ବ ବଉଳର ସନ୍ଧିରୁ
କୋଇଲି ଗାଉଛି
ପ୍ରୀତି ପ୍ରଣୟର ମଧୁର ସଙ୍ଗୀତ ।
ଯାହା ପ୍ରକୃତିକୁ କରେ ବିମୋହିତ
ସିଏ ତ ଋତୁରାଜ ବିଦଗ୍ଧ ବସନ୍ତ ।


+ଯାଲୋଏ, ସୁବର୍ଣ୍ଣପୁର

ମୋ-୯୯୩୮୪୩୩୬୬୪


## ଆଧୁନିକ ନା ପାରମ୍ପାରିକ

### ସୁନନ୍ଦା ମହାନ୍ତି



କବିତା ଏକ ଫୁଲତୋଡ଼ା
ଶବ୍ଦ ସବୁ ସୁଗନ୍ଧିତ ଫୁଲ
ବୁଝିପାରିଲେ ବାସ୍ନା ଭରା
ନବୁଝିଲେ ଭଲ
ବୁଝିହେଉନଥିବା କବିତାକୁ
ଆଜିକାଲି ଗେଲ
ନିଜ କବିତା ନିଜେ ପଢି
ହୁଏ କେ ବେହାଲ
ଯିଏ ଯାହାଲେଖୁ
ମନଟା ମାହୋଲ
କବିତାର ଫର୍ଦ୍ଦ ଦିଶେ
ଦୂର ନୌକାର ମାସ୍ତୁଲ
କବିତାର ଶବ୍ଦ ବୁଝି
ଆସୁଛି ଅଜବ ଖିଆଲ
ସବୁଧାଡି ପଢ଼ି
ହେବାଠୁ ବେହାଲ
ଦୁଇଧାଡି ବୁଝିଗଲେ
କବିତାଟେ କରିବ ଝଲମଲ
କବିତାବହି ପରି ହୁଲସ୍ଥୁଲ
ଫୁଙ୍ଗୁଳା ଗୋଡ଼ ବାଡ଼େଇଲେ
ବାଜିବ କୁଆଡୁ ପାୟେଲ
କଜ୍ଜଳ ସଜ୍ଜଳ ଆଖିରେ
କବିତା କରେ କମାଲ ଧମାଲ


+ସାକ୍ଷୀଗୋପାଳ, ପୁରୀ

ମୋ: ୯୦୪୦୯୭୭୩୨୭

# ଶାନ୍ତିକାନନରେ ଭକ୍ତକବି ମଧୁସୂଦନଙ୍କ ଜୟନ୍ତୀ ପାଳିତ




ବାଲେଶ୍ୱର , ୩/୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ କବିତୀର୍ଥ ଶାନ୍ତିକାନନରେ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଗବେଷକ ଡ. ନଟବର ପାଣିଗ୍ରାହୀ, ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଓ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ବକ୍ତା ଭାବେ ଯୋଗ ଦେଇ କହିଲେ ଯେ ବହୁଚର୍ଚ୍ଚିତ ଛବିଳ ମଧୁ ବର୍ଣ୍ଣବୋଧର ପ୍ରଣେତା ଭକ୍ତକବି ମଧୁସୂଦନ ରାଓ ହେଉଛନ୍ତି ଜନଗଣଙ୍କର କବି । ତାଙ୍କର ଅନେକ କାଳଜୟୀ ରଚନା ଏବେବି ଲୋକଙ୍କ ମୁଖରେ ଜୀବନ୍ତ ରହିଛି । ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଉପସଭାପତି ଦୀନବନ୍ଧୁ ଲେଙ୍କା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶେଷରେ ଗୀତାଞ୍ଜଳି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ବହୁ ସାରସ୍ୱତ ସାଧକ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ ।

# କନ୍ଧମାଳ ଜିଲ୍ଲା ବିଜେପିର ସାଂସ୍କୃତିକ ସଂଗଠନ ଗଠିତ

କନ୍ଧମାଳ, ୩/୨ (ନି.ପ୍ର): କନ୍ଧମାଳ ଜ୍ୱିଲ୍ଲା ବିଜେପିର ସାଂସ୍କୃତିକ ସଂଗଠନ ଗଠିତ ହୋଇଛି । ଆଜି ବୌଦ୍ଧ ଜ୍ୱିଲ୍ଲା ପୁରୁଣାକଟକ ସ୍ଥିତ ମାଣିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବିଜେପି ରାଜ୍ୟ ସଂସ୍କୃତି ପ୍ରକୋଷ୍ଠ ର ରାଜ୍ୟ ସହ ସଂଯୋଜକ କୃତିବାସ ରଥ, ବୌଦ୍ଧ ଜ୍ୱିଲ୍ଲା ସଂଗୀତ ନାଟକ ଏକାଡେମୀ ସଦସ୍ୟ ବସନ୍ତ ସାହୁଙ୍କ ଉପସ୍ଥିତିରେ ସର୍ବ ସମ୍ମତି କ୍ରମେ ଜ୍ୱିଲ୍ଲା ସଂଯୋଜକ ଭାବେ ଅକ୍ଷୟ କର୍ଣ୍ଣ, ସହ ସଂଯୋଜକ ଭାବେ ପ୍ରମୋଦ କୁମାର ଦଣ୍ଡସେନା, ସରୋଜ କୁମାର ସାହୁ, ରବୀନ୍ଦ୍ର ପ୍ରଧାନ, ଉପଦେଷ୍ଟା ଭାବେ ପରେଶ ମାହାପାତ୍ର, ଫୁଲବାଣୀ ବ୍ଲକ ସଂଯୋଜନକ ଭାବେ ଯାଦବ ସାହାଣୀ, ବାଲିଗୁଡା ବ୍ଲକ ସଂଯୋଜକ ଭାବେ ଲକ୍ଷ୍ମୀ ନାରାୟଣ ଦଣ୍ଡିଆ, ବାଲିଗୁଡା ନଗର ସଂଯୋଜକ ଭାବେ ଜଗନ୍ନାଥ ବିଷୋୟୀ, ଦାରିଙ୍ଗବାଡି ବ୍ଲକ ସଂଯୋଜକ ଭାବେ ନାରାୟଣ ଦଣ୍ଡସେନା, କ. ନୂଆଗାଁ ବ୍ଲକ ସଂଯୋଜନକ ଭାବେ ସନାତନ ଗୌଡ଼, ଫିରିଙ୍ଗିଆ ବ୍ଲକ ସଂଯୋଜକ ଭାବେ ପ୍ରଦୀପ କୁମାର ସାହୁ, ଟିକାବାଲି ବ୍ଲକ ସଂଯୋଜକ ଭାବେ ଶତପଥି ପ୍ରଧାନ, ଘୁ ଉଦୟଗିରି ବ୍ଲକ ସଂଯୋଜକ ଭାବେ ସୁରେଶ ଡିଗାଲ, ଚକାପାଦ ବ୍ଲକ ସଂଯୋଜକ ଭାବେ ଭାଗିରଥି ସାହୁ, ଖଜୁରୀପଡା ବ୍ଲକ ସଂଯୋଜକ ଭାବେ ରମେଶ ବଗର୍ତୀ, କୋଟଗଡ ବ୍ଲକ ସଂଯୋଜକ ଭାବେ ବିଜୟ ଚନ୍ଦ୍ର ନାୟକ, ରାଇକିଆ ବ୍ଲକ ସଂଯୋଜକ ଭାବେ ବାଳମୁକୁନ୍ଦ ପ୍ରଧାନ ମନୋନୀତ ହୋଇଥିବା ସୂଚନା ମିଳିଛି । ପ୍ରତ୍ୟେକ ବ୍ଲକ ରେ ବ୍ଲକ ଓ ଏନ. ଏ ସି ରେ ସହ ସଂଯୋଜକ ମଧ ମନୋନୀତ କରାଯାଇଛି ବିଜେପିର ଏହି ସାଂସ୍କୃତିକ ସଂଗଠନ ଏକ ମୋର୍ଚ୍ଚା ଭଳି କାର୍ଯ୍ୟ କରିବ ବୋଲି ରାଜ୍ୟ ସାଂସ୍କୃତିକ ସହ ସଂଯୋଜକ କୃତିବାସ ରଥ କହିଛନ୍ତି । ଆଗାମୀ ଦିନରେ ଏହି ସଂଗଠନ ତୃଣ ମୂଳ ସ୍ତରରେ କଳା, ସଂସ୍କୃତିର ଉନ୍ନତିରେ ସହ ଭାଗିତା ହେବ। ଓଡିଶାର ପ୍ରାଚୀନ ସଂସ୍କୃତି ଭାଗବତ ଟୁଙ୍ଗୀ ର ପୁନଃ ଉଦ୍ଧାର ପାଇଁ କାମ କରିବା ସହିତ ଗ୍ରାମାଞ୍ଚଳର ଲୁକାୟିତ ପ୍ରତିଭା ପ୍ରାଚୀନ କଳା ଓ ସଂସ୍କୃତି କୁ ଲୋକଲୋଚନକୁ ଆଣିବା ଦିଗରେ କାମ କରିବ।

# ଜୟପୁର ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ

ଜୟପୁର, ୩/୨ (ନି.ପ୍ର): ଜଗନ୍ନାଥ ମନ୍ଦିର ଜୟପୁରର ୩୩ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଛି । ମନ୍ଦିର ପରିସରରେ ରାଷ୍ଟ୍ରର ମଙ୍ଗଳପାଇଁ ପୂଜା ହୋମ କରାଯାଇଥିଲା । ଏଠାରେ କର୍ତା ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଓ ତାଙ୍କ ଧର୍ମପତ୍ନି ମିନାକ୍ଷୀ ବିହାନିପତି କାର୍ଯ୍ୟ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟରେ ଜଗନ୍ନାଥ ପ୍ରେମି ଯୋଗ ଦେଇଥିଲେ । ପ୍ରତିଷ୍ଠା ଉତ୍ସବ କାର୍ଯକ୍ରମକୁ ଜୟପୁର ଜଗନ୍ନାଥ ସେବା ସମିତି ତରଫରୁ ଆୟୋଜନ କରାଯାଇଥିଲା । ପ୍ରତିଷ୍ଠା ଦିବସ ଅବସରରେ ଶ୍ରୀ ଜିଉଙ୍କୁ ସ୍ୱତନ୍ତ୍ର ବେଶ କରାଯାଇଥିଲା । ଦେବୋତର ବିଭାଗର କୃଷ୍ଣ ଚନ୍ଦ୍ର ଦାସ, ଜଗନ୍ନାଥଙ୍କ ସେବାୟତ ଡମ୍ବୁର ଧର ପଣ୍ଡା ଓ ଜଗନ୍ନାଥ ତ୍ରିପାଠି ସମସ୍ତ ନିତିକାନ୍ତି ତୁଲାଇଥିଲେ ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ସମ୍ବଲପୁର, ୩/୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଫାଶୀମାଲ ଆଂଚଳିକ କଲେଜରେ ଗତ ୮ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଆଜି ଉଦଯାପିତ ହୋଇଯାଇଛି । କଲେଜର ଅଧକ୍ଷା ଜ୍ୟୋସ୍ନାରାଣୀ ଦଳବେହେରାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ଶିବିରରେ ଜ୍ୟୋତି ପ୍ରଧାନ ଦୀର୍ଘ ଆଠ ଦିନ ଧରି ତାଲିମ ପ୍ରଦାନ କରିଥିବା ବେଳେ ଆଜି ଶିକ୍ଷା ଅଧିକାରିଣୀ ଦେବକୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଶୃଙ୍ଖଳିତ ଏବଂ ସମ୍ମାନିତ ଜୀବନ ଯାପନ ପାଇଁ ପରାମର୍ଶ ଦେଇଥିଲେ । ଶିକ୍ଷା ବିଭାଗ ଅଧାପିକା ଗୌତମୀ ଧରୁଆ ଅତିଥି ପରିଚୟ କରିଥିବା ବେଳେ ରାଜନୀତି ବିଜ୍ଞାନ ଅଧାପକ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଆଠ ଦିନ ଧରି ଚାଲିଥିବା ତାଲିମ ଶିବିରର ସମସ୍ତ ପ୍ରଶିକ୍ଷାର୍ଥୀ ସନ୍ତୋଷ ପ୍ରକାଶ କରିଥିବା ବେଳେ ପ୍ରାଣୀ ବିଜ୍ଞାନ ଅଧାପିକା ସସ୍ମିତା ପଟେଲ ଏହାକୁ ସୁଚାରୁ ରୂପେ ତୁଲାଇଥିଲେ ।

# ଅଗ୍ନିଶମ ବିଭାଗର ନିର୍ମାଣଧିନ କୋଠାରୁ ପଡ଼ି ରାଜମିସ୍ତ୍ରୀ ଗୁରୁତର

ବଲାଙ୍ଗିର, ୩/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ କର୍ମଚାରୀ ମାନଙ୍କ ପାଇଁ ପୋଲିସ ହାଉସିଂ ବୋର୍ଡ ତରଫରୁ ଚାରି ମହଲା ବିଶିଷ୍ଟ କୋଠା ନିର୍ମାଣ ଚାଲିଛି । ହେଲେ ବିଭାଗୀୟ ଯନ୍ତ୍ରୀଙ୍କ ଉପଯୁକ୍ତ ତଦାରଖ ଅଭାବରୁ ଶ୍ରମିକ ମାନେ ବିପଦ ସଙ୍କୁଳ ଅବସ୍ଥାରେ ବିନା ସୁରକ୍ଷା ଉପକରଣ ବିନା କାମ କରୁଥିବା ଦେଖାଯାଇଛି । ସରକାରୀ ନିୟମ ଅନୁସାରେ ହେଲମେଟ, ସୁରକ୍ଷା କିଟ୍, ଆଦି ପିନ୍ଧିବା ସହିତ ସୁରକ୍ଷିତ ଭାବରେ କାମ କରିବା କଥା । ହେଲେ ଏହି କୋଠା ତିଆରି କାମରେ ସବୁ ନୀତିନିୟମକୁ ଫୁ କରି ନିର୍ମାଣ ଚାଲିଛି । ଯାହାଫଳରେ ନିର୍ମାଣାଧୀନ କୋଠା ଉପରୁ କାମ କଲା ବେଳେ ଜଣେ ରାଜମିସ୍ତ୍ରୀ ଉପରୁ ପଡ଼ି ଶନିବାର ଦିନ ଗୁରୁତର ହୋଇଥିବା ଜଣାଯାଇଛି । ଏନେଇ ବିଭାଗୀୟ ଯନ୍ତ୍ରୀ ଅର୍ଜୁନ ସିଂଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ସଠିକ୍ ଖବର ନ ଥିବା ବେଳେ ବୁଝିକି କହିବି ବୋଲି କହିଛନ୍ତି ।

# ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

ଜୟପୁର, ୩/୨ (ନି.ପ୍ର): ଜୟପୁର ସ୍ଥିତ ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଆଜି ଅନୁଷ୍ଠିତ ହୋଇଛି । ବିଶ୍ୱ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଜୟନ୍ତ କୁମାର ମହାପାତ୍ର, ଓଏସଡି ଦେବି ପ୍ରସାଦ ମିଶ୍ର, କୁଳପତି ରଞ୍ଜନ କୁମାର ପ୍ରଧାନ, ପିଜି ବିଭାଗର ଅଧକ୍ଷ ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ରହିଥିଲେ । ପ୍ରଥମେ ଅତିଥିଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ଦ୍ୱିପ ପ୍ରଜ୍ୱଳନ କରାଯାଇ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ସଂଙ୍ଗିତ ଗାନ କରାଯାଇଥିଲା । ଅଧପର ମନରଞ୍ଜନ ପ୍ରଧାନ କାଯ୍ୟକ୍ରମରେ ସହ ଯୋଗ କରିଥିଲେ । ପୂର୍ବତନ ଅଧାପକ ମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା । ଗତ ୧୯୪୭ ମସିହାରେ ପ୍ରଥମେ ଜୟପୁର କଲେଜ ଭାବେ ଆରମ୍ଭ ହୋଇଥିଲା । ମହାରାଜ ବିକ୍ରଦେବ ବର୍ମାଙ୍କ ଅବଦାନ ରହିବାରୁ ବିକ୍ରମ ଦେବ କଲେଜ ଭାବେ ନାମିତ କରାଯାଇଥିଲା । ଗତ ୨୦୨୩ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ଉନ୍ନୀତ କରି ବିଶ୍ୱ ବିଦ୍ୟାଳୟରେ ପରିଣତ କରିଥିଲେ । କଲେଜକୁ ବିଶ୍ୱ ବିଦ୍ୟାଳୟ କରିବା ପାଇ ବିଭିନ୍ନ ଅନୁଷ୍ଠାନ ତରଫରୁ ଦାବି ହେବା ସହ ଜୟପୁର ବିଧାୟକ ତାରା ପ୍ରସାଦ ବାହୀନିପତି ମଧ ବିଧାନସଭାରେ ଦାବି କରିଥିଲେ । ଦାବିକୁ ଗୁରୁତର ସହ ନେଇ ତତ୍କାଳୀନ ସରକାର ବିଶ୍ୱ ବିଦ୍ୟାଳୟ ଘୋଷଣା କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ଜୟପୁର ଆସି ଉଦଘାଟନ କରିଥିଲେ ।

# ପୁରୀର ଦୁଃଖ ମୂଷାନଈ: ଫେଲ୍ ମାରିଛି କୋଟି କୋଟି ଟଙ୍କାର ଯୋଜନା

ପୁରୀ, ୩/୨ (ନି.ପ୍ର): ପୁରୀର ପ୍ରବେଶ ପଥ ଅଠରନଳା । ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ( ଏଏସ୍ଆଇ ) ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି। ଅଠରନଳା ପୋଲଟି ବିପଦସଙ୍କୁଳ ସ୍ଥିତିକୁ ଆସିବା ପରେ ଏହା ଉପରେ ଯାନବାହନ ଚଳାଚଳ ବନ୍ଦ କରାଯାଇଛି । ଐତିହ୍ୟ ସ୍ମାରକୀ ଭାବେ ଏବେ ସଂରକ୍ଷିତ । ପ୍ରାୟ ୧୩୦୦ ମସିହାରେ ଏହା ନିର୍ମାଣ ହୋଇଥିବା ଅନୁମାନ କରାଯାଏ । ଅଠରନଳା ଦେଖିଲେ ଭକ୍ତ ଭାବବିହ୍ୱଳ ହୋଇଯାଏ । ବିଶ୍ୱସ୍ତରୀୟ ସହର ହେବ ପୁରୀ ସହର । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅଠରନଳା ମୂଷାନଈରୁ ଦଳ ଓ ପଙ୍କ ସଫା କରାଯାଇଥିଲା । ପଙ୍କ କଢା ମେସିନ ପ୍ରାୟ ଦୁଇ ବର୍ଷ ନଦୀ ଭିତରେ ପଡି ରହିଥିଲା । ପ୍ରାୟ ୨୦ ଜଣ ଦଳକଢା ଶ୍ରମିକଙ୍କୁ ନିୟୋଜିତ କରାଯାଇ ଦଳ ସଫା କରାଯାଇଥିଲା । ଠିକାଦାର, ଯନ୍ତ୍ରୀ, ମନ୍ତ୍ରୀ, ମଧ୍ୟସ୍ଥି କାମ କରି ଟଙ୍କା ଖାଇଯାଆନ୍ତି, ହେଲେ ଏଠି ମୂଷାନଈର ଦଳ ଟଙ୍କା ଖାଇଯାଉଛି। ଦଳ କିଛି ମାନୁନି । ମେସିନରେ ସଫା କରାଗଲା ଶୁଣିଲାଣି । ଲୋକ ସଫା କଲେ କିଛି ଲାଭ ହେଲାନି । ଡ୍ରେନେଜ ବିଭାଗ ସଫା କରି ପାରିଲା ନାହିଁ ବୋଲି ହାତ ଟେକିଦେଲା । ମୂଷାନଈର କଳିକତି ଦଳ କିଛି ଶୁଣୁନାହିଁ ବୋଲି ସହରରେ ଚର୍ଚ୍ଚା ହେଉଛି । ଉପର ସୁନ୍ଦର ତଳ ନାରଖାର- ଜାତୀୟ ସ୍ମାରକୀ ଅଠରନଳାର ଉପର ସୌନ୍ଦର୍ଯ୍ୟକରଣ କରିବା ପାଇଁ ଅଫଳନ୍ତି କିଛି ଗଛ ପ୍ଲାଷ୍ଟିକ କୁଣ୍ଡରେ ରଖାଯାଇଛି । ସିକ୍ୟୁରିଟି ଗାର୍ଡ ଜଗି ରହିଛି । ପ୍ରବାସୀ ଓଡିଆ ଆଗମନ, ନୂଆବର୍ଷ ଓ ରଥଯାତ୍ରା ସମୟରେ ସ୍ୱତନ୍ତ୍ର ଭାବେ ଅଠରନଳାକୁ ସଜାଯାଇ ନେଳି ନାଲି ଆଲୋକରେ ଆଲୋକିତ କରାଯାଉଛି । ଅଠରନଳାର ତଳ ସ୍ଥିତି ଅତି ସାଂଘାତିକ । ମୂଷା ମାନଙ୍କର ଏନ୍ତୁଡିଶାଳ ପାଲଟିଛି । ଡ୍ରେନେଜ ନାଳରେ ସହରର ପାଣି ନୂଆ ବ୍ରିଜ ତଳେ ଭସ ଭସ ହୋଇ ନିଷ୍କାସିତ ହେଉଛି । ସ୍ୱରେଜ ପାଇପ ମଧ ବ୍ରିଜ ତଳେ ଯାଇଥିବାରୁ ମ୍ୟାନହୋଲରେ ଦୁର୍ଗନ୍ଧ ବାହାରୁଛି । ପଲିଥିନ, ମଦ ବୋତଲ, ପ୍ଲାଷ୍ଟିକ ବୋତଲ, ମଲା କୁକୁର ଓ ବିଲେଇ ତଳେ ସଢୁଛନ୍ତି । ପଙ୍କ ପ୍ରବଳ ପାଣି କମ ଯୋଗୁ ଦୁର୍ଗନ୍ଧମୟ ସ୍ଥିତି ଉପୁଜିଛି । ବ୍ରିଜ ଉପରେ ପୌରସଂସ୍ଥା ଗାଡିରେ ପବିତ୍ର ପୁରୀ ଗର୍ବ ଆମରି ବାଜୁଛି । ଡଙ୍ଗା ଭାସୁଛି ପର୍ଯ୍ୟଟକ ନାହାନ୍ତି- ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ପୁରୀର ପ୍ରବେଶପଥ ଅଠରନଳା ଓ ମୂଷାନଈର ସୌନ୍ଦର୍ଯ୍ୟକରଣ ଯୋଜନା ହୋଇଥିଲା । କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଗୋଟିଏ ପର୍ଯ୍ୟଟକ ସେଠାରେ ଦେଖିବାକୁ ମିଳୁନାହାନ୍ତି । ହୁଳହୁଳିଆ ପୋଲ ଠାରୁ ଆଖଣ୍ଡଳମଣି ପଛପଟ ଦେଇ ଗରୁଡ ଛକ ପର୍ଯ୍ୟନ୍ତ ଚଲାପଥ ନିର୍ମାଣ ହୋଇଛି । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଷ୍ଟିଲ ବାଡ ହୋଇଛି । କେତେକ ସ୍ଥାନରେ ଷ୍ଟିଲ ବାଡକୁ ଦୁର୍ବୃତ୍ତ ଉପାଡି ଦେଇଥିବା ଦେଖିବାକୁ ମିଳିଛି । ଅଠରନଳା ପୁରୁଣା ବ୍ରିଜ ଓ ନୂଆ ବ୍ରିଜ ମଝିରେ ଧର୍ମକୁ ଆଖିଠାର ପରି ଗୋଟିଏ ଡଙ୍ଗା ଶିକୁଳିରେ ବନ୍ଧା ହୋଇ ନଷ୍ଟ ହେବାକୁ ବସିଲାଣି । ପାଣି ଯାଉନି ବାଟ ପାଉନି - ପୂର୍ବରୁ ଅଠରନଳାର ମୂଷାନଦୀ ଚିରସ୍ରୋତା ଥିଲା । ଜଗନ୍ନାଥଙ୍କ ଦର୍ଶନ ପାଇଁ ଘାଟ ଡଙ୍ଗା ଓ ଘାଟ ପଢିଆରୀ ବ୍ୟବସ୍ଥା ଥିଲା । ତୀର୍ଥଯାତ୍ରୀ ମାନେ ତୀର୍ଥକ୍ଷେତ୍ର ଦେଇ ପୁରୀକୁ ପ୍ରବେଶ କରୁଥିଲେ । ନଦୀ ପୋତି ହୋଇଯିବାରୁ ଓ ଦଳ ପ୍ରବଳ ଯୋଗୁଁ ପାଣି ଯାଉନାହିଁ । ଅନ୍ୟପକ୍ଷରେ ହୁଳୁହୁଳିଆ ପୋଲ ଦେଇ ହରେକୃଷ୍ଣପୁର, ସମଗରା, ଗୋପାଳପୁର ଆଦି ମୌଜାରୁ ବର୍ଷା ଦିନେ ପାଣି ହୁଳୁହୁଳିଆ ପୋଲ ଦେଇ ମୂଷାନଦୀକୁ ଆସୁଥିଲା । ଏବେ ଯୋର, ଜଳାଶୟ ଓ ଜଳ ନିଷ୍କାସନ ସ୍ଥାନରେ ଜନବସତି ଓ ଘର ନିର୍ମାଣ ଯୋଗୁଁ ଗହୀର ବିଲ ପାଣି ହୁଳୁହୁଳିଆ ପୋଲ ପାଖକୁ ଆସିବା ପାଇଁ ବାଟ ପାଉନାହିଁ । ମୂଷାନଦୀରେ ଜଳସ୍ତର କମିବାରୁ ଦଳ ପ୍ରବଳ ବେଗରେ ବଂଶ ବିସ୍ତାର କରି ବଢି ଚାଲିଛି । ପୁରୀ ସହରକୁ ବିଶ୍ୱସ୍ତରୀୟ ସହର କରିବା ପାଇଁ କେବଳ ବୋର୍ଡ ମାରି ଅଳ୍ପ କାମ କରିବା ଯୋଗୁ ଲୋକଙ୍କ ଆଶା ଆକାଂକ୍ଷା ଧୂଳିସାତ ହୋଇଛି । ଅଠରନଳା ପୁରୁଣା ବ୍ରିଜ ଠାରୁ ମଙ୍ଗଳଘାଟ ହରେକୃଷ୍ଣପୁର ରାସ୍ତା ପର୍ଯ୍ୟନ୍ତ ମଙ୍ଗଳାନଦୀକୁ ସଂଯୋଗ କରିବା ପାଇଁ ହୋଇଥିବା ଯୋଜନା ଏବେ ଫଳବତୀ ହୋଇପାରିନାହିଁ । ଡ୍ରେନେଜ ବିଭାଗର କାମ ବନ୍ଦ କରି ଇଡିକୋ କୁ ଦିଆଯାଇଥିବା କାମ ବନ୍ଦ ରହିଛି । ନୂଆ ସରକାର ପୁରୀର ପ୍ରବେଶ ପଥକୁ ସୌନ୍ଦର୍ଯ୍ୟକରଣ ଓ ମୂଷାନଦୀର ପୁନରୁଦ୍ଧାର ପାଇଁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରିବାକୁ ଅଂଚଳବାସୀ, ସହରବାସୀ ଓ ବୁଦ୍ଧିଜୀବୀମାନେ ଦାବି ଉଠାଇଛନ୍ତି ।

# ଫେରାର ଅଭିଯୁକ୍ତ ଗିରଫ କଲା ଜୟପୁର ଟାଉନ ପୋଲିସ

ଜୟପୁର, ୩/୨ (ନି.ପ୍ର): ଫେରାର ଅଭିଯୁକ୍ତ କୁ ଆଜି ଗିରଫ କରିଛି ଜୟପୁର ଟାଉନ ପୋଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା କୋରାପୁଟ ଜିଲ୍ଲା ଜୟପୁର ସହର ଖ୍ରୀଷ୍ଟିଆନପେଟା ବିଜୁରାଜ ନଗରର ନରେନ୍ଦ୍ର ବାଘ । ପୋଲିସ ସୂଚନା ଅନୁଯାଇ ଖ୍ରୀଷ୍ଟିଆନପେଟା ବିଜୁରାଜ ନଗରର ନରେନ୍ଦ୍ର ବାଘ ନାମରେ ଜୟପୁର ଟାଉନ ଥାନାରେ ୨୦୧୬ ମସିହା ରେ ଅବକାରି ମାମଲା ରହିଥିଲା । ସେହି ଦିନ ଠାରୁ ସେ ଫେରାର ଥିବା ବେଳେ ଆଜି ଚଢାଉ କରି ଗିରଫ କରିଛି । ଗିରଫ ଅଭିଯୁକ୍ତ କୁ ଆଜି ଅପରାହ୍ନ ୪ଟା ୩୦ ମିନିଟ ସମୟରେ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

# ଗୌଡଗୁଡାକୁ ସଂଯୋଗ କରୁଥିବା ୩ କିଲୋମିଟର ରାସ୍ତାକାମ ସରିବ କେବେ ?

ମାଲକାନଗିରି, ୩/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ସହ ଗୌଡଗୁଡାକୁ ସଂଯୋଗ କରୁଛି ଏହି ୩ କିଲୋମିଟର ରାସ୍ତା । ହେଲେ ପୁରା ରାସ୍ତା ଖାଲଖମାରେ ଭର୍ତ୍ତି । ଆଉ ଏହି ଦଦରା ରାସ୍ତାରେ ନିଜ ଜୀବନକୁ ବାଜି ଲଗାଇ ପ୍ରତିଦିନ ଶହଶହ ଲୋକ ଯିବା ଆସିବା କରୁଛନ୍ତି । ବର୍ଷବର୍ଷ ଧରି ଏଠାରେ ରାସ୍ତା ମରାମତି ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ।ହେଲେ ଆଜି ଯାଏଁ ରାସ୍ତା କାମ ସଂପୂର୍ଣ୍ଣ ହେବା ଦେଖି ନଥିବା କହିଛନ୍ତି ସ୍ଥାନୀୟ ବାସିନ୍ଦା । ଜିଲ୍ଲାର ପ୍ରଥମ ଗ୍ରାମାଂଚଳ ରାସ୍ତାର ଦୁରବସ୍ଥାକୁ ନେଇ ଅଭିଯୋଗ କଲେ ଠିକାଦାରଙ୍କ ନାଲି ଆଖି ଦେଖାଉଥିବା ଅଭିଯୋଗ କରିଛନ୍ତି । ୨୦୨୧ ଆର୍ଥିକ ବର୍ଷରେ ରାସ୍ତା କାମ ପାଇଁ ୨.୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ହେଲେ ରାସ୍ତାର ଦେଖାନାହିଁ । ଏବେ ପୁଣି ୬କୋଟି ବ୍ୟୟରେ ସେଇ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଡିପିଆର ପ୍ରସ୍ତୁତ ହୋଇଛି ।

# ନୂତନ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଯୋଗଦାନ

କେନ୍ଦୁଝର, ୩/୨ (ନି.ପ୍ର): ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଆଜି ପୂର୍ବାହ୍ନରେ କେନ୍ଦୁଝରର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଭାବେ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ପ୍ରଧାନ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଭାବେ ଦକ୍ଷତାର ସହ କାର୍ଯ୍ୟ ତୁଲାଇ ଉପରିସ୍ଥ ଅଧିକାରୀ ଏବଂ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ ।

# ବାଇକ ଧକ୍କାରେ ମହିଳା ମୃତ : ଅଭିଯୁକ୍ତ ଚାଳକ କୋର୍ଟ ଚାଲାଣ

ବଲାଙ୍ଗିର, ୩/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଖପ୍ରାଖୋଲରୁ ଲାଠୋର ରାସ୍ତାରେ ଥିବା ଘୁନଶର ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ସୂଚନା ଅନୁଯାୟୀ ନୂଆପଡା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଲହଣ୍ଡୋପାଲି ଗ୍ରାମର ଯୁବକ ରାଜକୁମାର ଜଗତ(୩୨) ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀରେ କାମ କରନ୍ତି । କୌଣସି କାମରେ ବାଇକ ଯୋଗେ ସେ ବଲାଙ୍ଗିରରୁ ନିଜ ଘରକୁ ଫେରୁଥିବା ସମୟରେ ଘୁନଶର ଛକ ବୁଲାଣି ନିକଟରେ ଭାରସାମ୍ୟ ହରାଇ ବାଇକଟି ମହିଳାଙ୍କୁ ଧକ୍କା ଦେଇଥିଲା ଫଳରେ ମହିଳା ଜଣକ ତଳେ ପଡିଯାଇଥିଲେ । ମହିଳାଙ୍କୁ ଖପ୍ରାଖୋଲ ଡାକ୍ତରଖାନାକୁ ଅଣାଯାଇଥିଲା, ଡାକ୍ତର ବିଜିତ୍ ପାଣ୍ଡେ ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକ ମହିଳା ହେଲେ ଖପ୍ରାଖୋଲ ପଂଚାୟତ କୁର୍ଲୁମାଲ ଗ୍ରାମର କୁମାରୀ ବରିହା (୫୦) । ତାଙ୍କର ସ୍ୱାମୀଙ୍କ ଆଗରୁ ମୃତ୍ୟୁ ହୋଇଥିବା ବେଳେ ସେ ତାଙ୍କର ଦୁଇ ଝିଅ ଏବଂ ଗୋଟିଏ ପୁଅ ସହିତ କୁର୍ଲୁମାଲ ଗ୍ରାମରେ ରହୁଥିବା ଜଣାପଡିଛି । ଘଟଣାସ୍ଥଳରୁ ଅଭିଯୁକ୍ତ ରାଜକୁମାର ପଳାଇବା ପାଇଁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକ ତାକୁ ଧରି ପୋଲିସକୁ ଜିମା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଂଚି ଅଭିଯୁକ୍ତକୁ ଗିରଫ କରି ଗୋଟିଏ ବାଇକ ମଧ୍ୟ ଜବତ କରିଛି । ଏନେଇ ଖପ୍ରାଖୋଲ ଥାନା କେସ ନଂ ୩୧/୨୦୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବେଳେ ଘଟଣାର ଅଧିକ ତଦନ୍ତ କରୁଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତ୍ର ପ୍ରକାଶ କରିଛନ୍ତି ।

# ଚୋରା ବାଇକ ସହ ଯୁବକକୁ ପୋଲିସ ଜିମା ଦେଲେ ଲୋକମାନେ

କେନ୍ଦ୍ରାପଡ଼ା, ୩/୨ (ନି.ପ୍ର): କେନ୍ଦ୍ରାପଡା ସହରର ନୂଆବସଷ୍ଟାଣ୍ଡ ନିକଟ ବାଇପାସରେ ଜଣେ ଯୁବକ ଚୋରା ବାଇକ ଧରି ବୁଲୁଥିବାବେଳେ ସ୍ଥାନୀୟ ଲୋକମାନେ ଧରି ପୋଲିସର ଜିମା ଦେଲେ । ଘଟଣାରୁ ପ୍ରକାଶ ଯେ ଚାନ୍ଦୋଳ ନିକଟ ଗଣେଶପୁର(କୁସୁନପୁର) ଗ୍ରାମର ବୃନ୍ଦାବନ ପଲାଇଙ୍କ ବାଇକ ୪ମାସ ତଳେ ଚୋରି ହୋଇଥିଲା । କେନ୍ଦ୍ରାପଡା ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଶ୍ରୀ ପଲାଇଙ୍କ ସମ୍ପର୍କୀୟ କାଶିନାଥ ପଲାଇ କେନ୍ଦ୍ରାପଡା ନୂଆବସଷ୍ଟାଣ୍ଡ ବାଇପାସ ନିକଟରେ ଏକ ଚା ଦୋକାନରେ ଚା ପିଉଥିବାବେଳେ ଦୋବନ୍ଧା ଗ୍ରାମର ଯୁବକ ସେକ ଅମିର(୨୨)ବାଇକ ଧରି ଠିଆ ହୋଇଥିଲେ । ସମ୍ପର୍କୀୟ ଏହାକୁ ଦେଖି ତାକୁ ଡାକିଥିଲେ । କିନ୍ତୁ ଯୁବକ ଦୌଡି ପଳାଇଯାଉଥିଲା ବେଳେ ସେଠିକାର ଲୋକମାନେ ତାକୁ ଗୋଡାଇ ଗୋଡାଇ ଧରିଥିଲେ । ଯୁବକକୁ ଉତମ ମଧମ ଦେବା ପରେ ଟାଉନଥାନା ପୋଲିସର ଜିମା ଦେଇଥିଲେ । ତାକୁ ଲୋକମାନେ ପଚାରିବାରୁ କହିଲା ଯେ ସେହି ବାଇକକୁ ଅନ୍ୟ ଲୋକଠାରୁ କିଣିଥିଲା । ସେହି ବାଇକର ନମ୍ବର ମଧ ବଦଳାଯାଇଥିଲା । କେନ୍ଦ୍ରାପଡା ଟାଉନଥାନା ପୋଲିସ ଖବର ପାଇ ଯୁବକ ଓ ବାଇକକୁ ଉଦ୍ଧାରକରି କେନ୍ଦ୍ରାପଡା ସଦରଥାନାକୁ ହସ୍ତାନ୍ତର କରିଥିଲେ ।

# ବିନା ସୂଚନା ଫଳକରେ ଚାଲିଛି ପ୍ରାଚୀର କାର୍ଯ୍ୟ: ତଦନ୍ତ ଦାବି

ସମ୍ବଲପୁର, ୩/୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକର ଧୂଳିପାଲି ଗ୍ରାମୀଣ ପାର୍କର ଏବେ ବାଉଣ୍ଡାରୀ କାର୍ଯ୍ୟ ହେଉଛି । ମାତ୍ର ଏହି କାର୍ଯ୍ୟରେ ସରକାରଙ୍କ ସମସ୍ତ ନିୟମକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇ ଏହି ଲୋକଦେଖାଣିଆ ଉନ୍ନୟନ ମୂଳକ କାର୍ଯ୍ୟ ଚାଲୁଛି । ଯାହାଫଳରେ ଏବେ କାର୍ଯ୍ୟର ସ୍ୱଚ୍ଛତାକୁ ନେଇ ସ୍ଥାନୀୟ ଅଂଚଳର ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସୂଚନା ଅନୁଯାଇ ଏହି କାର୍ଯ୍ୟ ପାଇଁ ଜିଲ୍ଲା ପରିଷଦ ସଭ୍ୟ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି, ହେଲେ ଏହି କାର୍ଯ୍ୟ ପାଇଁ କେତେ ଟଙ୍କା, କେଉଁ କାର୍ଯ୍ୟ ପାଇଁ ଏବଂ କେଉଁ ପାଣ୍ଠିରୁ ପ୍ରଦାନ କରାଯାଇଛି ତାହା ସୂଚନା ଫଳକରେ କୌଣସି ପ୍ରକାରରେ ଦର୍ଶାଯାଇ ନାହିଁ । ଏପରିକି ପୂର୍ବରୁ ହୋଇଥିବା କାର୍ଯ୍ୟ ଏବଂ ଏହାର ଫଳକକୁ ଅତି ଚଂଚକତା ପୂର୍ବକ ଭାଙ୍ଗି ଦିଆଯାଇଥିବା ଦେଖାଯାଇଛି । ବର୍ତମାନର ଚାଲୁଥିବା କାର୍ଯ୍ୟ କିଏ କରୁଛି ଏବଂ କେଉଁ ପାଣ୍ଠିରୁ କାର୍ଯ୍ୟ କରାଯାଉଛି ତାହା ମଧ ଜଣା ପଡୁନାହିଁ । ସରକାରଙ୍କ ପ୍ରତିଟି ନିର୍ମାଣ ଜନିତ କାର୍ଯ୍ୟ ତଦାରଖ ପାଇଁ ଜମନକିରା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ପ୍ରତି ପଂଚାୟତ ପାଇଁ ଯନ୍ତ୍ରୀ ନିୟୋଜିତ କରାଯାଇଥିବା କୁହାଯାଉଛି । ନିୟୋଜିତ ଯନ୍ତ୍ରୀଙ୍କ ପ୍ରମୁଖ ଦାଇତ୍ୱ ନିର୍ମାଣ କାର୍ଯ୍ୟ ତଦାରଖ କରିବା, ହେଲେ ଠିକାଦାରଙ୍କ ସହ ସଲା ସୁତୁରାରେ ଯନ୍ତ୍ରୀ ବେଶ୍ ମୁନାଫା ଉଠାଉଥିବା ଅଭିଯୋଗ ହେଉଛି । ଏଭଳି ବେଆଇନ ଓ ନିମ୍ନମାନର କାର୍ଯ୍ୟ ଖୋଦ୍ ଗ୍ରାମ ଉନ୍ନୟନ ମନ୍ତ୍ରୀଙ୍କ ଅଂଚଳରେ ଚାଲୁଥିବା ଯୋଗୁଁ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଜମନକିରା ବିଡ଼ିଓ କେବଳ ଏହି ପ୍ରାଚୀର କାର୍ଯ୍ୟ ନୁହେଁ ଏହିପରି ବ୍ଲକରେ ହେଉଥିବା ସମସ୍ତ କାର୍ଯ୍ୟପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

# ଅହିଲ୍ୟାବାଈ ହୋଲ୍‌କରଙ୍କ ତ୍ରିଶତତମ ଜୟନ୍ତୀ ପାଳିତ

କଟକ, ୩/୨ (ନି.ପ୍ର): ଅଷ୍ଟାଦଶ ଶତାବ୍ଦୀରେ ମାଲୱାର ମହାରାଣୀ ଅହିଲ୍ୟାବାଈ ହୋଲ୍‌କର ଛତ୍ରପତି ଶିବଜୀଙ୍କ ସ୍ୱଦେଶପ୍ରୀତିକୁ ସାକାର କରିବା ପାଇଁ କାର୍ଯ୍ୟ କରିଥିଲେ । ସେ ନିଜ ରାଜ୍ୟ ଓ ରାଜ୍ୟ ବାହାରେ ଶତାଧିକ ମନ୍ଦିରର ପୁନରୁଦ୍ଧାର କରି ଦେଶପ୍ରେମର ପରିଚୟ ଦେଇଥିଲେ । ଯୌତୁକ ପ୍ରଥାକୁ ଅପରାଧ ବୋଲି ଘୋଷଣା କରିବା ସଙ୍ଗେସଙ୍ଗେ ସେ ବିଧବାମାନଙ୍କୁ ଉତ୍ତରାଧିକାର ସୂତ୍ରରେ ସମ୍ପତ୍ତି ହାସଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ନାରୀସମାଜର ସର୍ବାଙ୍ଗୀନ ଉନ୍ନତି ଲାଗି ଅହିଲ୍ୟାବାଈ ଅହରହ ଚେଷ୍ଟିତ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି ।

ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜର ସ୍ନାତକୋତ୍ତର ଓଡ଼ିଆ ବିଭାଗ ଓ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ମହାରାଣୀ ଅହିଲ୍ୟାବାଈ ହୋଲ୍‌କରଙ୍କ ତ୍ରିଶତତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ 'ନାରୀ ପ୍ରଗତିରେ ଅହିଲ୍ୟାବାଈଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଆବାହକ ଡକ୍ଟର ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଦିନେଶ ପଟ୍ଟନାୟକ ମୁଖ୍ୟ ଅତିଥି ଓ କଲେଜର ପ୍ରାକ୍ତନ ଅଧକ୍ଷ ଡକ୍ଟର ଚିନ୍ମୟୀ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ବିଭାଗୀୟ ମୁଖ୍ୟ ଡକ୍ଟର ସଂଜିତା ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବୈଷୟିକ ଅଧିବେଶନକୁ ପ୍ରଫେସର ଶିବବ୍ରତ ଦାସ ପରିଚାଳନା କରିଥିଲେ । ପ୍ରଫେସର ଶଚୀନ୍ଦ୍ର ରାଉଳ, ଡକ୍ଟର ବିକଳି ଚରଣ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ଡକ୍ଟର କ୍ଷୀରୋଦ ଚନ୍ଦ୍ର ସାହୁ, ଅଧାପକ ମିହିର ରଞ୍ଜନ କର ଓ ଅଧାପକ ଅକ୍ଷୟ କୁମାର ଦାଶ ଅହିଲ୍ୟାବାଈଙ୍କ ଉପରେ ସ୍ୱରଚିତ ନିବନ୍ଧମାନ ଉପସ୍ଥାପନ କରିଥିଲେ ।

ଉଦ୍‌ଯାପନ ଉତ୍ସବରେ ଡକ୍ଟର ନାରାୟଣ ମହାନ୍ତି ମୁଖ୍ୟ ଅତିଥି ଓ ଡକ୍ଟର ସରୋଜ କୁମାର ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ । ଅଧାପିକା ଜ୍ଞାନବିଜୟିନୀ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ । ଡକ୍ଟର ସୁଜ୍ଞାନୀ କୁମାରୀ ସାହୁ, ଡକ୍ଟର ନରେନ୍ଦ୍ରନାଥ ନାୟକ, ଅଧାପିକା ଶାସ୍ୱତୀ ଲେଙ୍କା, ଡକ୍ଟର ବିକାଶ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପିତଳ ରଙ୍ଗୁଣିସାହିରେ ମାଁ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗଞ୍ଜାମ, ୩/୨ (ନି.ପ୍ର): ଗଞ୍ଜାମ ଜିଲା ଶେରଗଡ ବ୍ଲକ ର ପିତଳ ରଂଗୁଣୀ ସାହିରେ ଅଧିଷ୍ଠାତ୍ରୀ ଦେବୀ ମା ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆନନ୍ଦ ଉତ୍ସାହର ସହ ଅନୁଷ୍ଠିତ ହୋଇଛି । ସରକାରୀ ଅର୍ଥ ସହାୟତାରେ ଓ ସ୍ଥାନୀୟ ଜନସାଧାରଣଙ୍କ ସହାୟତାରେ ଭବ୍ୟ ନୂତନ ମନ୍ଦିର ସ୍ୱର୍ଗତ ବୈଦ୍ୟ ଚକ୍ର ପାଣିମହାନ୍ତିଙ୍କ (ରତ୍ନମାଳା ମହାନ୍ତି) ପଦରଜମିରେ ନିର୍ମିତକରାଯାଇଛି । ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୩୦ ତାରିଖରୁ ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଛି । ପ୍ରଥମ ଦିବସରେ ବିରାଟ କଳସ ଯାତ୍ରା ନଗର ପରିକ୍ରମା କରିଥିଲା । ଏହାପରେ ତିନି ଦିନଧରି ନାମଯଜ୍ଞ, ଅର୍ଣ୍ଣ ଯଜ୍ଞ, ଘୃତ ଯଜ୍ଞ ପରେ ଅନ୍ତିମ ଦିବସରେ ନୂତନ ମନ୍ଦିର ରେ ମାଁ ଠାକୁରାଣୀଙ୍କ ସମେତ ପାର୍ଶଦେବଦେବୀଙ୍କୁ ସ୍ଥାପନ କରାଯାଇଛି ।

# କୁଡୁମୀ ସେନା ପକ୍ଷରୁ ଆସାମରେ ଅନୁଷ୍ଠିତ ତ୍ରିଦିବସୀୟ କୁଡୁମୀ ସମ୍ମିଳନୀରେ ଯୋଗଦାନ



ବାରିପଦ, ୩/୨ (ନି.ପ୍ର): ଆସାମ ରାଜ୍ୟ ର ୧୭ ଟି ଜିଲ୍ଲା ରେ ବସବାସ କରୁଥିବା ପ୍ରାୟ ୧୫ ଲକ୍ଷ ରୁ ଉର୍ଦ୍ଧ୍ୱ କୁଡୁମି ଜାତି ଭାଇଙ୍କ ସାଂସ୍କୃତିକ ତଥା ସାମାଜିକ ଅଧିକାର ପାଇଁ କୁଡୁମୀ ସେନା ଓଡ଼ିଶା ପକ୍ଷରୁ ମିଳିତ ଉଦ୍ୟମ କରାଯିବ ବୋଲି କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଶ୍ରୀ ଜୈମୁନି କୁମାର ମହାନ୍ତ କହିଛନ୍ତି । ଆସାମ କୁଡୁମୀ ସମାଜର ତ୍ରି ଦିବସୀୟ (୩୧ଜାନୁୟାରୀ ରୁ ୦୨ ଫେବୃୟାରୀ)୨୨ତମ ବାର୍ଷିକ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ମହାନ୍ତ କହିଛନ୍ତି । ଆସାମ ରେ ବସବାସ କରୁଥିବା କୁଡୁମୀ ସମ୍ପ୍ରଦାୟର ଲୋକମାନେ ୨୦୦ ବର୍ଷ ରୁ ଉର୍ଦ୍ଧ ସମୟ ଧରି ରହି ଆସୁଛନ୍ତି । ସେଠାକାର ଚା ବାଗାନ୍ ରେ କାମ କରିବାକୁ ସେମାନଙ୍କୁ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ଅଞ୍ଚଳ ରୁ ନିଆଯାଇଥିଲା , ସେମାନେ ସେଠାରେ ୩/୪ ପୁରୁଷ ଧରି ବସବାସ କରିଆସିବା ସହିତ ଆସାମ ର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତା ସତ୍ତେ ଆସାମର ସରକାର ସେମାନଙ୍କର ସାଂସ୍କୃତିକ ବିକାଶ ଆଦୌ ଧ୍ୟାନ ନଦେବା ଦୁଃଖ ର ବିଷୟ ବୋଲି ଚରାଇଦେଓ ଜିଲ୍ଲାର ରାଙ୍ଗୋଲି ଠାରେ ଆସାମ କୁଡୁମୀ ସମାଜ ଦ୍ୱାରା ଆୟୋଜିତ ତିନି ଦିନିଆ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେବା ସହିତ ଆସାମ ର ସାଂସ୍କୃତିକ ବିକାଶ ମନ୍ତ୍ରୀ ଙ୍କ ସମେତ ବିଭିନ୍ନ ରାଜ୍ୟ ର କୁଡୁମୀ ସଙ୍ଗଠନ ର ମୁଖ୍ୟ ସବୁ ଯୋଗଦାନ କରିଥିଲେ।ଶ୍ରୀ ମହାନ୍ତ ଏହି ସଭା ରେ ଯୋଗଦେଇ କୁଡୁମୀ ମାନଙ୍କର ସମସ୍ୟା ବିଷୟ ରେ ମନ୍ତ୍ରୀ ଙ୍କ ଧ୍ୟାନ ଆକର୍ଷଣ କରିବା ସହିତ କୁଡୁମୀ ମାନଙ୍କୁ ଆଦିବାସୀ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବାକୁ ଦାବୀ ଜଣାଇଥିଲେ।ଶ୍ରୀ ଜୟରାମ କୁଡୁମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଅଧିବେଶନରେ ହଜାର ହଜାର ପୁରୁଷ ମହିଳା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାଡ଼ଖଣ୍ଡ କୁଡୁମି ସେନା ର ଲାଲଟୁ ମାହାତ, ଓମପ୍ରକାଶ ମାହାତ ଏବଂ କୁଡୁମୀ ସେନା ର ବୁଲୁ ମହାନ୍ତ, ମହେଶ୍ୱର ମହାନ୍ତ, ଟିକିନା ମହାନ୍ତ,ଟିକିଲି ମହାନ୍ତ, ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ରେ ଚାଲିଥିବା କୁଡୁମୀ ସେନା ର କାର୍ଯ୍ୟକ୍ରମରେ ଆସାମ କୁଡୁମୀ ସମାଜର କର୍ମକର୍ତ୍ତା ମାନେ ଉଦବୁଦ୍ଧ ହୋଇ ଓଡ଼ିଶା କୁଡୁମୀ ସେନାର ପରାମର୍ଶ ଓ ସହଯୋଗ ଲୋଡିଥିଲେ।ଏଣୁ ଓଡ଼ିଶାର କୁଡୁମୀ ସେନା ପକ୍ଷ ରୁ ଆସାମର କୁଡୁମୀ ମାନଙ୍କ ଅଧିକାର ପାଇଁ ମିଳିତ ଉଦ୍ୟମ କରାଯିବ ବୋଲି କୁଡୁମୀ ସେନା ର ସଭାପତି ଶ୍ରୀ ମହାନ୍ତ କହିଥିଲେ।

# ପୋର୍ଟ ୟୁପି ସ୍କୁଲ ପ୍ରଧାନଶିକ୍ଷକଙ୍କ ଅବସର ଗ୍ରହଣ



ପାରାଦ୍ୱୀପ , ୩/୨ (ନି.ପ୍ର): ପାରାଦୀପ ପୋର୍ଟ ଟ୍ରଷ୍ଟ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଶଙ୍କର ଚରଣ ଖୁଣ୍ଟିଆ ଗତ ୩୧ ଜାନୁଆରୀ ଦିନ ବନ୍ଦର ସେବାରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ସ୍କୁଲରେ ଆୟୋଜିତ ବିଦାୟକାଳୀନ ସଭାରେ ବନ୍ଦରର ଉପ ସଚିବ ପରାଉ ଟୁଡୁ, ବରିଷ୍ଠ ସହାୟକ୍ ସଚିବ ଦେବଦତ୍ତ ଶତପଥୀ, ସ୍କୁଲର ପ୍ରାକ୍ତନ ଛାତ୍ର ତଥା ବନ୍ଦରର ବରିଷ୍ଠ କଲ୍ୟାଣ ଅଧିକାରୀ ନୀରୋଜ ପଟ୍ଟନାୟକ ଓ ସହାୟକ ସଚିବ ବିଜୟ ଚନ୍ଦ୍ର ମଲ୍ଲିକ୍ ଉପସ୍ଥିତ ରହି ଶ୍ରୀ ଖୁଣ୍ଟିଆଙ୍କ କାର୍ଯ୍ୟକାଳ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଓ ଅବସର କାଳୀନ ଜୀବନ ସୁଖମୟ ହେଉ କାମନା କରିଥିଲେ । ଶ୍ରୀ ଖୁଣ୍ଟିଆ ୧୯୯୭ ମସିହାରେ ବନ୍ଦର ୟୁ ପି ସ୍କୁଲରେ ଜଣେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରି ସ୍କୁଲର ପ୍ରଧାନ ଶିକ୍ଷକ ପଦବୀରୁ ୩୧ ଜାନୁଆରୀ ୨୦୨୫ରେ ଅବସର ଗ୍ରହଣ କରିଛନ୍ତି । ନିଜର କାର୍ଯ୍ୟକାଳ ମଧ୍ୟରେ ସ୍କୁଲର ସର୍ବାଙ୍ଗୀନ ବିକାଶ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଶିକ୍ଷା ଦାନ ପ୍ରକ୍ରିଆକୁ ତ୍ୱରାନିତ କରିଥିଲେ । ଜଣେ ସରଳ ବ୍ୟକ୍ତିତ୍ୱ ତଥା ନିଷ୍ଠାପର ଶିକ୍ଷକ ଭାବେ ସେ ସ୍କୁଲରେ ପରିଚିତ ଥିଲେ ଯାହାକି ବିଦାୟ ଦିନ ସ୍କୁଲର ଛାତ୍ର ଛାତ୍ରୀ ତଥା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ଲୋତକ ଭରା ଆଖି ସୂଚାଇ ଦେଇଥିଲା ସେମାନେ ତାଙ୍କର ପ୍ରିୟ ପ୍ରଧାନ ଶିକ୍ଷକଙ୍କୁ କେତେ ଭଲ ପାଉଥିଲେ ଓ ସମ୍ମାନ କରୁଥିଲେ । ଶ୍ରୀ ଖୁଣ୍ଟିଆ ନିଜ ଅଭିଭାଷଣରେ ହସ ହସ ମୁହଁରେ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଦୃଢ଼ମନା ତଥା ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ ଓ ଶିକ୍ଷକ ମାନଙ୍କୁ ସ୍କୁଲର ଅଧିକ ବିକାଶ ପାଇଁ ଚେଷ୍ଟିତ ହେବାକୁ ଅନୁରୋଧ କରିଥିଲେ । ସେହି ଦିନ ଶ୍ରୀ ଖୁଣ୍ଟିଆ ସ୍କୁଲର ସମସ୍ତ ଦାୟୀତ୍ୱକୁ ବରିଷ୍ଠ ଶିକ୍ଷୟତ୍ରୀ ଶୁଭଶ୍ରୀ ଦାସଙ୍କୁ ହସ୍ତାନ୍ତର କରି ଫେରିଯିବା ପୂର୍ବରୁ ସମସ୍ତ ଶିକ୍ଷକ ଓ ବନ୍ଦର ପ୍ରଶାସନିକ ବିଭାଗର ସମସ୍ତ ଅଧିକାରୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଅବସର କାଳୀନ ସମସ୍ତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଜାନକୀ ସ୍ୱାଇଁ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

# ଶାଳଗାଁ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଅଦ୍ରଓା ଦିବସ ପାଳିତ




ବଡ଼ସାହି , ୩/୨ (ନି.ପ୍ର): ବଡ଼ସାହି ବ୍ଲକ ଶାଳଗାଁ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ର ବିଶ୍ୱ ଅଦ୍ରଓା ଦିବସ ପାଳିତ ହେବା ସହିତ ମା ବାଗଦେବି ସରସ୍ୱତୀଙ୍କର ପୂଜା ଅନଷ୍ଠିତ ହୋଇଥିଲା ଇକୋ କ୍ଲବ ର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସନ୍ତୋଷ କୁମାର ବେହେରା ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ଶ୍ରୀହର ମହାନ୍ତି ପରିବେଶ ବିତ, ମୁଖ୍ୟ ବକ୍ତା ପ୍ରଭାସ କୁମାର ନାୟକ ଓଷ୍ଟା ର ଜିଲ୍ଲା ଯୁଗ୍ମ ସମ୍ପାଦକ ସମ୍ମାନୀୟ ଅତିଥି ଭାବରେ ଉମାକାନ୍ତ ସାସମଲ ଯୋଗଦେଇ ପରିବେଶ ର ସୁରକ୍ଷା ,ସନ୍ତସନ୍ତିଆ ସ୍ଥାନ , କେତେକ ବୃକ୍ଷ ଲତା ଜୀବ ଜନ୍ତୁ ଲୋପ ପାଇ ଯାଉଛନ୍ତ ତାର ସୁରକ୍ଷା କରିବା ଆମର ଦାୟିତ୍ୱ ଆଟେ ପ୍ରକୃତି ସହିତ ପ୍ରତିଯୋଗୀ ନକରି ସହଯୋଗ କଲେ ଆଗାମୀ ଦିନରେ ଆମ ପରିବେଶ କୁ ସନ୍ତୁଳନ କରି ପାରିବା । ପ୍ରତ୍ୟେକ ଛାତ୍ର ଛାତ୍ରୀ ଆଜି ଦିନରେ ନିଜ ଜମିରେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବା ସହିତ ଆଦ୍ରଭୂମିର ସୁରକ୍ଷା ନେବା ପାଇଁ ଶପଥ ନେଇଥିଲେ ପରିବାରର ଜନ୍ମ , ବିବାହ , ମୃତ୍ୟୁ ଓ ଅନ୍ୟ କାର୍ଯ୍ୟକ୍ରମରେ ଗୋଟିଏ ଗଛ ଉପହାର ଦେବା ପାଇଁ ଅତିଥି ବୃନ୍ଦ ମତାମତ ଦେଇଥିଲେ। ସର୍ବଶେଷ ରେ ପ୍ରମୋଦ କୁମାର ବିନ୍ଧାଣି ଧନ୍ୟବାଦ ଦେଇଥିଲେ

# ଲାଠିରେ ଆକ୍ରମଣ ମାମଲା ୨ ଗିରଫ

ଜୟପୁର, ୩/୨ (ନି.ପ୍ର): ଜୟପୁର ସଦରଥାନା ଅନ୍ତର୍ଗତ ପାଙ୍ଗିଆଗୁଡା ଗ୍ରାମର ଦୁଇଜଣ ଅଭିଯୁକ୍ତ ଲାଠିରେ ଆକ୍ରମଣ କରିଥିବା ଅଭିଯୋଗରେ ଆଜି ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ ଗତ ଜାନୁଆରୀ ୩୦ତାରିଖରେ ପାଙ୍ଗିଆଗୁଡା ଗ୍ରାମର ବଂଶୀଧର ମହାପାତ୍ର ରାତ୍ର ସାଢେ ୮ଟା ସମୟରେ ଜୟପୁର ରୁ ଘରକୁ ଯାଉଥିବା ସମୟରେ ସେହି ଗ୍ରାମର ବାବୁଲା (ଗିରିଧର ପାତ୍ର) ଓ ଟୁକୁନା(ମୁରଲୀଧର ପାତ୍ର) ବାଟରେ ଅଟକାଇ ଲାଠିରେ ଆକ୍ରମଣ କରିଥିଲେ।

# ଉଦଳା ଏନ.ଏ.ସି. ଆରମ୍ଭ କଲା ବର୍ଦ୍ଧିତ ଭତ୍ତା ପ୍ରଦାନର ପର୍ବ




ଉଦଳା , ୩/୨ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ୮୦ ବର୍ଷ ବୟସରୁ ଉର୍ଦ୍ଧ ଲୋକ ଓ ୮୦ ପ୍ରତିଶତ ରୁ ଉର୍ଦ୍ଧ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିବା ବ୍ୟକ୍ତି ବିଶେଷଙ୍କୁ ମାସିକ ୩୫୦୦ଟଙ୍କା ଭତା ପ୍ରଦାନ କରାଯିବାର ପର୍ବ ଆରମ୍ଭ ହୋଇଛି । ଗତ ଜାନୁଆରି ୨୬ ତାରିଖ ରବିବାର ଦିନ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ନଗରପାଳ ପ୍ରମିଳା ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଭତା ପ୍ରଦାନ ଉତ୍ସବରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ଉପସ୍ଥିତ ରହି ନିର୍ବାଚନ ପୁର୍ବରୁ ଭାରତୀୟ ଜନତା ପାର୍ଟି କ୍ଷମତାକୁ ଆସିଲେ ବର୍ଦ୍ଧିତ ଭତା ପ୍ରଦାନ କରିବ ବୋଲି ପ୍ରତିଶୃତି ଦେଇଥିଲା । ଉକ୍ତ ପ୍ରତିଶୃତିକୁ ରକ୍ଷାକରି ଆଜି ଉଦଳା ଏନ୍.ଏ.ସି.ରୁ ଏହି ପର୍ବ ଆରମ୍ଭ ହୋଇଥିବାର କଥା ବକ୍ତବ୍ୟ ମାଧମରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ହେମନ୍ତ ସିଂ, କାଉନସିଲର ଉର୍ମିଳା ନାୟକ, ଶୁଭଦୀପ ମହାନ୍ତି, ଧିରେନ୍ଦ୍ର ଖଣ୍ଡେଲୱାଲ, ବିଶ୍ୱରଂଜନ ମୋଦି, ଯମୁନାମଣି ମାର୍ଣ୍ଡି, ମମତା ଟୁଡୁ, ପଦ୍ମାବତି ଦେହୁରି, ଭଗବତି ପାତ୍ର ପ୍ରମୁଖଙ୍କ ସହ ଭାରତୀୟ ଜନତା ପାର୍ଟିର ଆଗଧାଡ଼ିର ନେତା ବିଭୁତି ମହାନ୍ତ ଓ ବିଜୟ ସେନାପତି ଉପସ୍ଥିତ ଥିଲେ । ବର୍ତମାନ ସୁଦ୍ଧା ୮୦ବର୍ଷ ବୟସରୁ ଉର୍ଦ୍ଧ ୧୬ ଜଣ ବ୍ୟକ୍ତି ଓ ୧୧ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭତା ପ୍ରଦାନ କରାଯାଇଥିବାର ନିର୍ବାହୀ ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ସାମାଜିକ ସୁରକ୍ଷା ଯୋଜନାରେ ଭତା ପ୍ରଦାନ କ୍ଷେତ୍ରରେ ଉଦଳା ଏନ୍.ଏ.ସି.ର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । କାଉନସିଲର ଶରତ ଚନ୍ଦ୍ର ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିବା ପରେ ଆଜିର ଭତା ପ୍ରଦାନ ପର୍ବ ଉତ୍ସବର ଯବନିକା ପଡ଼ିଥିଲା ।

# ମିଲର ମାନଙ୍କ ମନମାନି ବିରୁଦ୍ଧରେ ଚାଷୀ ଅନ୍ଦୋଳନ ଓ ରାସ୍ତାରୋକ



ବାସୁଦେବପୁର, ୩/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ସେବା ସମବାୟ ସମିତି ପାଖରେ ଯଥା ବରଣ୍ଡୁଆ, ବିଦେଇପୁର , ଏଡତାଳ ଓ ଇରମ ରେ ଆଜି ବିଭିନ୍ନ ସମସ୍ୟା କୁ ନେଇ ରାସ୍ତା ରୋକ ହୋଇଥିଲା। ଚାଷୀ ମାନଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ଧାନ ମଣ୍ଡିରେ ଅବ୍ୟବସ୍ଥା, କଟନି ଛଟନି ଓ ମିଲର ଙ୍କ ମନମାନି ବିରୁଦ୍ଧରେ ଚାଷୀ ଆନ୍ଦୋଳନ, ରାସ୍ତା ରୋକ ଓ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ବିଦେଇପୁର ଠାରେ ଏହି ଘଟଣା ରେ ଯୋଗ ଦେଇଥିଲେ ଧାନ କିଣା କମିଟି ର ସଦସ୍ୟ ତଥା ରାଜଘର ପୋଖରୀ ସମିତି ସଭ୍ୟ ରମେଶ ଚନ୍ଦ୍ର ବଳ, ବାଲିମେଦ ସୋସାଇଟିର ପୂ ର୍ବତନ ସଭାପତି ଉତ୍ତମ ପାତ୍ର, ଅମୂଲ୍ୟ ମାଇତି, ପ୍ରଭଞ୍ଜନ ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ଗିରି,ବିଦ୍ୟାଧର ମୁଦୁଲି, କାହ୍ନୁ ଚରଣ ବେହେରା, ଆଦିତ୍ୟ ଗିରି, ଦୟାନିଧି ଦାସ, ବସନ୍ତ ଭଞ୍ଜ, ତପନ ଭୂୟାଁ, ଶରତ ମିଶ୍ର, ରତ୍ନାକର ବାରିକ୍, ସୁବାସ ମାଝି ଓ ଅନେକ ଚାଷୀ। ଏଡତାଳ ସୋସାଇଟି ରେ ଏହି ଅବସରରେ ଆନ୍ଦୋଳନ ଓ ରାସ୍ତା ରୋକ ରେ ଯୋଗ ଦେଇଥିଲେ ବରିଷ୍ଠ କଂଗ୍ରେସ ନେତା ଓ ଚାଷୀ ନିରଞ୍ଜନ ପଲାଇ, ଅଖିଳ ଭାରତ କୃଷକ ସଭା ସମ୍ପାଦକ ହରିହର ବେହେରା, ଗୋପାଳ ଚରଣ ଦାସ, କାହ୍ନୁ ଚରଣ ମଲ୍ଲିକ, ଅର୍ଜୁନ ଚରଣ ମଲ୍ଲିକ, ଅଜୟ ପାତ୍ର, ହୃଷୀକେଶ ନାୟକ, ଜଗବନ୍ଧୁ ନାୟକ, ହିମାଂଶୁ ଜେନା। ସେହିପରି ଇରମ ସୋସାଇଟି ଠାରେ ରାସ୍ତା ରୋକ ରେ ବିକ୍ଷୋଭ କରି ଥିଲେ ଆର୍ଡୁଙ୍ଗ ପଞ୍ଚାୟତ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ଦେବଦତ୍ତ ବଳ, ଗୌରହରି ମଲ୍ଲିକ, ସୁନିଲ ପାଢ଼ୀ, ଅମରେନ୍ଦ୍ର ପଣ୍ଡା, ରଘୁନାଥ ମଲ୍ଲିକ, ବଂଶୀଧର ସେଠି, ନିରଞ୍ଜନ ରାଉତ। ସେହିପରି ବରଣ୍ଡୁଆ ସୋସାଇଟିର ସମସ୍ୟା ପାଇଁ ନରସିଂହପୁର ଛକ ଠାରେ ରାସ୍ତା ରୋକ ରେ ଯୋଗ ଦେଇଥିଲେ ନରସିଂହପୁର ସରପଞ୍ଚ ଓ ଚାଷୀ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ବଳରାମ ଭୋଇ, ମୁକ୍ତିକାନ୍ତ ନାୟକ,ପ୍ରଭାତ ବାରିକ, ଅନନ୍ତ ପ୍ରସାଦ ପୋଇ, ଜଗନ୍ନାଥ ମିଶ୍ର, ଗଙ୍ଗାଧର ପରିଡ଼ା, ଇଂଜିନିୟର ଭାଗିରଥୀ ମହାପାତ୍ର, ପଦ୍ମ ଲୋଚନ ମହାରଣା, ବିଭୂତି ଭୂଷଣ ପଣ୍ଡା, ଗୌରାଙ୍ଗ ସେଠି ଓ ଅନ୍ୟାନ୍ୟ ଚାଷୀ ଭାଇ ମାନେ। ଘଟଣା ସ୍ଥଳରେ ବାସୁଦେବପୁର ବିଧାୟକ ମାନ୍ୟବର ଅଶୋକ କୁମାର ଦାସ, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଓ ଅନ୍ୟାନ୍ୟ ଅଧିକାରୀ ନରସିଂହପୁର ଠାରେ ପହଞ୍ଚି ଥିଲେ ଏବଂ ଚାଷୀ ଭାଇ ମାନଙ୍କ ବିଭିନ୍ନ ସମସ୍ୟା କୁ ବୁଝିଥିଲେ । ପରେ ରାସ୍ତା ରୋକ ହଟିଥିଲା। ଘଣ୍ଟା ଘଣ୍ଟା ଧରି ଶହ ଶହ ବସ,ଟ୍ରକ ଓ ବିଭିନ୍ନ ଯାନ ବାହନ ଚଳାଚଳ ବନ୍ଦ ଯୋଗୁଁ ଜନ ସାଧାରଣ ଙ୍କ ଜୀବନ ଯାତ୍ରା ବ୍ୟାହତ ହୋଇଥିଲା।


## AFFIDAVIT

An affidavit before the Notary Public, Baripada, Mayurbhanj I, Smt. Duli Hansdah, aged about 34 years, W/o Late Lugu Hansdah, D/o Late Chaitan Murmu residing at Khandikhal, P.O. Khuntapal, P.S. Rasgovindpur, Dist. Mayurbhanj declare that in my Aadhar Card bearing No.2564 3029 0012 it is mentioned that DULI HANSDAH, D/o LUGU HANSDAH which is incorrect. But in my Bank Pass Book bearing A/c No.1817108011564 (Canara Bank, Kamardiha branch) it is mentioned DULI HANSDAH, W/o LUGU HANSDAH which is correct. So I have to change to D/o LUGU HANSDAH instead of W/o LUGU HANSDAH. I have swear this affidavit to be produced before the competent authority of The Block Development Officer, Rasgovindpur in order to obtain Widow Pension.

Duli Hansdah


# ଭାରତର ସ୍ୱାଧିନତାକୁ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

କ'ଣ ଅନୁସୂଚୀତ ଜାତି, ଜନଜାତି, ଦଳିତଙ୍କୁ ଓ ଅନ୍ୟ ପଛୁଆ ବର୍ଗଙ୍କୁ ସେଇ ଅଧିକାର ମିଳିଥିଲା ଯାହା ଏବେ ସମ୍ବିଧାନ ଦେଇଛି ? ଅସ୍ପୃଷ୍ୟତା, ଛୁଆଁ, ଅଛୁଆଁ ବିରୁଦ୍ଧରେ ସାମ୍ବିଧାନିକ ବୈଧାନକ ଅଧିକାର ଥିଲା ? କ'ଣ ମହିଳାଙ୍କୁ ସବୁକ୍ଷେତ୍ରରେ ସମାନ ଅଧିକାର ମିଳୁଥିଲା ? ୧୯୪୭ରେ ଦେଶ ସ୍ୱାଧିନ ହେବା ପରେ ଶିକ୍ଷା ବ୍ୟବସ୍ଥା ମଧ ବିସ୍ତୃତ ହୋଇଛି। ୧୯୪୭ ଓ୧୯୫୦ ପୁର୍ବରୁ ସାର୍ବଜନିକ ସମାଲୋଚନା ପାଇଁ ଅନୁମତି ଥିଲା କି ?

ଚତୁର୍ଦ୍ଦଶ, ପଞ୍ଚଦଶ, ଶୋଡ଼ଷ ଶତାବ୍ଦୀରେ ଜ୍ଞାନ-ବିଜ୍ଞାନ, ତର୍କ ଆଧାରିତ ଶିକ୍ଷାର ବିସ୍ତାର କାରଣରୁ ୟୁରୋପ ଓ ଅନ୍ୟ ଦେଶରେ ଅନ୍ଧକାର ଯୁଗର ସମାପ୍ତି ଘଟିଥିଲା କିନ୍ତୁ ହିନ୍ଦୁସ୍ଥାନ(ଭାରତ)ରେ ସେପରି ହୋଇନଥିଲା। ରାଜା ରାଜୁଡାଙ୍କ ରାଜୁତି କାଳରେ ରାଜାଙ୍କ ମନ୍ତ୍ରୀପରିଷଦରେ ରାଜ ପୁରୋହିତ, ସାମନ୍ତ ବର୍ଗର ଲୋକେ ରହୁଥିଲେ। କେତେକ ରାଜାଙ୍କ ପାରିଷଦ ଭାବେ ଯଦିଓ କିଛି ସାଧାରଣ ଲୋକ ରହୁଥିଲେ କିନ୍ତୁ ଏମାନଙ୍କ ସଂଖ୍ୟା ସିମୀତ ଥିଲା। କୃଷକ, ଶ୍ରମିକ, ଦଳିତ, ପଛୁଆବର୍ଗଙ୍କ ଏକମାତ୍ର କାର୍ଯ୍ୟଥିଲା ସାମନ୍ତ ଓ ଅନ୍ୟ ତଥାକଥିତ ଶ୍ରେଷ୍ଠ ବର୍ଗଙ୍କ ସେବା କରିବା। ଆଜି ଆମେ ଯେଉଁ ପ୍ରଗତି ଦେଖୁଛେ ତାହା କ'ଣ ୧୯୪୭ର ରାଜନୈତିକ ସ୍ୱାଧିନତା ବିନା ସମ୍ଭବ ହୋଇ ପାରିଥାନ୍ତା କି ? ଏ ପ୍ରସଙ୍ଗରେ ଅନେକ ପ୍ରଶ୍ନ ମନରେ ଉଙ୍କି ମାରେ। ବିଦେଶୀ ଆକ୍ରମଣକାରୀଙ୍କ ଶୀକାର ପ୍ରଥମେ କିଏ ହୋଇଥିଲେ ? ଉତ୍ତର ହେଉଛି ପଞ୍ଜାବ, ସିନ୍ଧୁ. ଯମୁନା-ଗଙ୍ଗା କୂଳରେ ବସବାସ କରୁଥିବା ନିଃସହାୟ ଗ୍ରାମାଞ୍ଚଳର ଲୋକେ, କୃଷକ ଓ ଶ୍ରମିକ ହିଁ ଆକ୍ରମଣକାରୀଙ୍କ ଶୀକାର ହୋଇଥିଲେ। କ'ଣ ଭାରତର ସବୁ ରାଜା ଏକାଠି ହୋଇ ବିଦେଶୀ ଆକ୍ରମଣ କାରୀଙ୍କୁ ସାମନା କରୁଥିଲେ ଉତ୍ତର ହେଉଛି ନା। ଆଜିର ଅନେକ ସ୍ୱଘୋଷିତ ରାଷ୍ଟ୍ରବାଦୀ, ଭିନ୍ନ ଭିନ୍ନ ନାମଧାରୀ ସ୍ୱୟଂଭୁ ଧାର୍ମିକ ସାମାଜିକ ସାଂସ୍କୃତିକ ଠିକାଦାର(ନେତା) କେବେ ମହିଳାଙ୍କ ପ୍ରତି ଅତ୍ୟାଚାର-ଦୁର୍ବ୍ୟବହାର ଓ ମହିଳାଙ୍କ ସମାନତା ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି ? କ'ଣ କେବେ ଏହି ସଂଗଠନମାନେ ଜାତି ବିରୋଧି, ଛୁଆଁ ଅଛୁଆଁ ବିରୋଧି, ମହିଳା ଶସକ୍ତିକରଣ ପାଇଁ ଦେଶ ବ୍ୟାପି ଆନ୍ଦୋଳନ କରିଛନ୍ତି କି ? ପ୍ରକୃତ କଥା ହେଉଛି ଏଭଳି ସଂଗଠନର ନେତାମାନେ ବୁଝି- ବିଚାରି, ସାମ୍ପ୍ରଦାୟିକ ଆଧାରରେ ରାଜନୈତିକ ଧ୍ରୁବୀକରଣ ପାଇଁ ଏଭଳି ମନ୍ତବ୍ୟ ଦେଉଛନ୍ତି। ଅନ୍ୟ ପକ୍ଷରେ ଏମାନେ ନିଜକୁ ଆଣରାଜନୈତିକ ସଂଗଠନ ବୋଲି କହୁଛନ୍ତି। ଏସବୁ ସଂଗଠନ ମାନେ ଶତ ପ୍ରତିଶତ ରାଜନୀତିରେ ଭାଗିଦାର ହେଉଥିବା ବେଳେ ନିଜକୁ ଅଣ ରାଜନୈତିକ ବୋଲି ଦର୍ଶାଇବାକୁ ପ୍ରୟାସ କରୁଛନ୍ତି। ଏଭଳି ସଂଗଠନ ରାଜନୀତିର ବଡବଡ ଖେଳାଳୀ (ନେତା)ଙ୍କୁ ନିୟନ୍ତ୍ରିତ କରି ଉତ୍ତରଦାୟିତ୍ୱ ଶୁନ୍ୟ ଏଭଳି ରାଜନୀତି କରୁଛନ୍ତି ଯେଉଁଥିପାଇଁ ସରକାରୀ ସଂସ୍ଥାନ ଓ ନିଜର ରାଜନୈତିକ ଶାଖା ତାଙ୍କର ପୁର୍ଣ୍ଣ କବ୍ ?ଜାରେ ରହୁଛି। ଏସବୁ ନିଜ ନିଜର କଥା, କିନ୍ତୁ ଦେଶର ସ୍ୱାଧିନତାକୁ ନେଇ ବିବାଦୀୟ ମନ୍ତବ୍ୟ ଠିକ୍ ନୁହେଁ ଓ ଏହା ରାଷ୍ଟ୍ରବିରୋଧି କାର୍ଯ୍ୟ ବୋଲି କୁହାଯାଇପାରେ। ନିଜକୁ ରାଷ୍ଟ୍ରବାଦୀ ବୋଲି ପରିଚୟ ଦେଇ ଏଭଳି ମନ୍ତବ୍ୟ ଦେବା ଉଚିତ୍ ନୁହେଁ।

+ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବଦଳିବ ବହୁ ରାଜସ୍ୱ ...

ମାତ୍ର ନୂଆ ନିୟମରେ ଏହି ଜମି ଆଦୌ ବିକ୍ରି ହୋଇପାରିବ ନାହିଁ ବରଂ ଉତ୍ତରାଧିକାରୀ ସୂତ୍ରରେ ପିଢ଼ି ପରେ ପିଢ଼ି ଦାୟାଦଙ୍କ ପାଖକୁ ଯିବ। ସେହିଭଳି ରାଜସ୍ୱ ସେବାରେ ଅନେକ ନିୟମ ଆସିବ। ପ୍ରଚଳିତ ସମସ୍ତ ନିୟମର ସରଳୀକରଣ କରାଯିବ। ଲୋକେ ସହଜରେ ବିଭିନ୍ନ ସାର୍ଟିଫିକେଟ ପାଇ ପାରିବେ ସେନେଇ ମଧ ନୂଆ ଗାଇଡ ଲାଇନ ଆସିବ ବୋଲି ରାଜସ୍ୱମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ଝାରପଡ଼ା ଜେଲରେ ଆୟକର...

ଉଭୟଙ୍କ ବୟାନ ରେକର୍ଡ ପରେ ଧଡ ଧଡ ରାଜନେତା, ବିଲ୍ଡରଙ୍କ ଛାତି । ଖୁବଶୀଘ୍ର ବଡ଼ବଡ଼ିଆଙ୍କୁ ହୋଇପାରେ ସମନ । ସେପଟେ ବିରି ମାଡ଼ ଦେଖି କୋଳଥ ଚେପା ଭଳି ଆଗୁଆ ଜାମିନ ଆବେଦନ କରି ହତାଶ ହୋଇଛନ୍ତି ତଥାକଥିତ ସ୍ୱାମୀ ତଥା କଂଗ୍ରେସ ନେତା ମନୋଜ ଆଚାର୍ଯ୍ୟ । ଝାରପଡା ଜେଲରେ ଆଇଟି । ହଂସିତା-ଅନୀଲଙ୍କୁ ମାରାଥନ ଜେରା, ବଡବଡିଆଙ୍କ ଛାତି ଧଡ଼ଧଡ଼ । ଧୀରେ ଧୀରେ ଖୋଲୁଛି ଠକ ଯୋଡିଙ୍କ ଠକ ସାମ୍ରାଜ୍ୟର ଗୁମର । ସ୍ପଷ୍ଟ ହେଉଛି ବେନାମୀ ସଂପତ୍ତିର ମାଲିକାନା । କିଏ ସେ ନେତା, କିଏ ସେ ବିଲ୍ଡର ? ଯାହାଙ୍କର ରହିଛି ହଂସିତା- ଅନୀଲଙ୍କ ସହ ନିବିଡ଼ ସଂପର୍କ । କେଉଁ ବିଲ୍ଡର ପାଖରେ ହଂସିତାର ଲାଗିଛି କୋଟି କୋଟି ଟଙ୍କାର ବେନାମୀ ସଂପତ୍ତି ? କେଉଁ ନେତା ଦେଉଥିଲେ ସୁରକ୍ଷା ? କେଉଁ ଅଫିସର ଡିଲ୍ କରି ଦେଉଥିଲେ କୋଟି କୋଟି ଟଙ୍କାର ଟେଣ୍ଡର ? ସବୁ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଆୟକର ବିଭାଗ ଝାରପଡ଼ା ଜେଲରେ କରିଛି ହଂସିତା ଅନିଲଙ୍କୁ ମାରାଥନ ଜେରା । ସକାଳ ପ୍ରାୟ ସାଢେ ୯ଟା । ଝାରପଡ଼ା ଜେଲରେ ଗୋଟିଏ ପରେ ଗୋଟିଏ ଆୟକର ବିଭାଗର ଗାଡ଼ି ପଶିଲା । ସମସ୍ତ କାଗଜପତ୍ର ସହ ସଦଳବଳ ଆୟକର ବିଭାଗ କର୍ମଚାରୀ ଜେଲ ଭିତରକୁ ପ୍ରବେଶ କରିଥିଲେ । ଆଉ ତାପରେ ଚାଲିଲା ହାଇପ୍ରୋଫାଇଲ ଠକ ଯୋଡ଼ି ହଂସିତା ଅଭିଲିପ୍ସା ଓ ଅନୀଲ ମହାନ୍ତିଙ୍କୁ ମାରାଥନ ଜେରା । ଅପରାହ୍ନ ପ୍ରାୟ ୪ଟା ପର୍ଯ୍ୟନ୍ତ ଆୟକର ବିଭାଗର ୧୦ରୁ ଉର୍ଦ୍ଧ୍ୱ ଅଫିସର ଜେରା କରିବା ସହ ଗୁଡେଇ ତୁଡେଇ କରିଛନ୍ତି ପ୍ରଶ୍ନ । ପୂର୍ବରୁ ଆଇଟି ପକ୍ଷରୁ ପାଖାପାଖି ୧୬ଟି ସ୍ଥାନରେ ରେଡ୍ କରାଯାଇଥିବା ବେଳେ ହଂସିତା-ଅନୀଲଙ୍କର ଶହେ କୋଟିରୁ ଉର୍ଦ୍ଧ ଟଙ୍କାର ସମ୍ପତ୍ତି ସନ୍ଧାନ ମିଳିଥିଲା । ଆଉ ଏହାରି ଭିତରେ ସମ୍ନାକୁ ଆସିଥିଲା ୫୮ କୋଟି ଟଙ୍କାର ବେନାମୀ ସମ୍ପତ୍ତି। ଯେଉଁଥିରୁ ୧୭ କୋଟି ଟଙ୍କାରର ବେନାମୀ ସମ୍ପତ୍ତି ଏକାଧିକ ବିଲ୍ଡରଙ୍କ ପାଖରେ ରହିଥିବା ଜାଣିବାକୁ ପାଇଥିଲା ଆୟକର ବିଭାଗ । ଏସବୁ ଭିତରେ କିନ୍ତୁ ଆପେ ଆପେ ସନ୍ଦେହ ଘେରକୁ ଆସିଛନ୍ତି କନ୍ଧମାଳର ବରିଷ୍ଠ କଂଗ୍ରେସ ନେତା ଓ ତଥାକଥିତ ହଂସିତାଙ୍କ ସ୍ୱାମୀ ମନୋଜ ଆଚାର୍ଯ୍ୟ । ନା ପୋଲିସ କରିଥିବା ମାମଲାରେ ନାଁ ରହିଛି ନା ଆୟକର ବିଭାଗ ତାଙ୍କ ଉପରେ କୌଣସି ଆକ୍ସନ ନେଇଛି। ହଂସିତା-ଅନୀଲ ମାମଲାରେ ସେ ହାଇକୋର୍ଟଙ୍କ ନିକଟରେ ଆଗୁଆ ଜାମିନ ଆବେଦନ କରିଥିବାବେଳେ କୋର୍ଟ ଏହାକୁ ଖାରଜ କରି ଦେଇଥିଲେ ।

## ଲୋକଙ୍କ ଦୁଃଖ ...

ବ୍ୟବସ୍ଥା କରାଇବା ସହ ୫ ଲକ୍ଷ ଟଙ୍କାର ସହାୟତା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । କିନ୍ତୁ ଏହି ଅର୍ଥ ପ୍ରତ୍ୟୁଷାର ଚିକିତ୍ସା ପାଇଁ ଯଥେଷ୍ଟ ନୁହେଁ । କାରଣ ରୋଗଟି ଭାରି ସାଙ୍ଘାତିକ । କେବଳ ପ୍ରତ୍ୟୁଷା ନୁହେଁ ବରଂ ବଲାଙ୍ଗୀରରୁ ଆସିଥିବା ୧୨ ବର୍ଷର ଦିବ୍ୟାଙ୍ଗ ଆଲୋକଙ୍କ ପାଇଁ ଆଶାର ଆଲୋକବର୍ତ୍ତିକା ସାଜିଥିଲେ ମୁଖ୍ୟମନ୍ତ୍ରୀ । ଦୀର୍ଘଦିନ ହେବ ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ଆଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଆମ୍ବୁଲାନ୍ସ ଡକାଇ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୮୧ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି । ତେବେ ଓଡ଼ିଶାରେ ପ୍ରତ୍ୟୁଷାର ଚିକିତ୍ସା ପାଇଁ ଆବଶ୍ୟକୀୟ ସୁବିଧା ନାହିଁ । ତେଣୁ ଜଗା-ବଳିଆଙ୍କ ଭଳି ପ୍ରତ୍ୟୁଷାକୁ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ପଠାଇବେ କି ସରକାର ?

## ଦିଲ୍ଲୀ ବିଧାନସଭା ପ୍ରଚାର ଶେଷ...

ନିଜ ଛବି ବଞ୍ଚାଇବାକୁ ଦଶମରେ ପାସ୍ ପ୍ରତିଶତ କମିଯିବା ଡରରେ କମ୍ ମାର୍କ ଆଣୁଥିବା ପିଲାଙ୍କୁ ଦଶମ ଶ୍ରେଣୀକୁ ଯିବାକୁ ଦେଉନି ଦିଲ୍ଲୀ ସରକାର। ମୋଦି ପିଲାଙ୍କ ସହ କଥା ହୋଇ ଦିଲ୍ଲୀ ଶିକ୍ଷା ମଡେଲର ପୋଲ୍ ଖୋଲୁଥିଲେ ତ ଏପଟେ ୨୨ଟି ରୋଡ୍ ସୋ ଓ ଜନସଭା ସହ ଦଳର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି. ନଡ୍ଡାଙ୍କଠୁ ଆରମ୍ଭ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି, ଗୋଆ ସିଏମ୍ ପ୍ରମୋଦ ସାୱନ୍ତ, ସ୍ମୃତି ଇରାନୀ ପ୍ରମୁଖ, ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ନେତା ଆପ୍ ସରକାରକୁ ଆପ୍-ଦା କହି, ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ମାଗିଥିଲେ। ଏପଟେ ଦୁର୍ନୀତି ଅଭିଯୋଗର କାଳିମା ଭିତରେ ଲଗାତର ଚତୁର୍ଥ ଥର ପାଇଁ କ୍ଷମତାକୁ ଫେରିବାକୁ ଅନ୍ତିମ କ୍ଷଣରେ ଜି, ଜାନ୍ ଲଗାଇ ଦେଇଥିଲା ଆମ୍ ଆଦମୀ ପାର୍ଟି। ଦଳ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଆତିସି, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ହରଭଜନ ସିଂ, ପୂର୍ବ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ସଂଜୟ ସିଂ ପ୍ରମୁଖ ସଭା, ଶୋଭାଯାତ୍ରା କରି ଭୋଟରଙ୍କୁ ନିଜ ସପକ୍ଷକୁ ଆଣିବାକୁ ଜୋରଦାର କସରତ୍ କରିଥିଲେ। କେବଳ ସେତିକି ନୁହେଁ ସମାଜବାଦୀ ପାର୍ଟି ପ୍ରମୁଖ ଅଖିଳେଶ ଯାଦବ ଓ ଟିଏମ୍ସି ସାଂସଦ ଶତ୍ରୁଘ୍ନ ସିହ୍ନା ମଧ ଆପ୍ ପାଇଁ ପ୍ରଚାରକୁ ଓହ୍ଲାଇଥିଲେ।...ଆଉ ଇଏ ୨୦୧୩ ପରେ ଦିଲ୍ଲୀ ଦଙ୍ଗଲରେ ପୁଣି ନିର୍ଣ୍ଣାୟକ ଭୂମିକାକୁ ଫେରିବାକୁ ଇଏ କଂଗ୍ରେସର ଫାଇନାଲ୍ ପୁସ୍। ଶେଷ ଦିନରେ ଆଜି କମାଣ ସମ୍ଭାଳିଥିଲେ ସାଂସଦ ପ୍ରିୟଙ୍କା ଗାନ୍ଧି। ଡୋର ଟୁ ଡୋର୍ କ୍ୟାମ୍ପେନ୍ ସହ ରୋଡ ସୋ ଜରିଆରେ ଦଳର ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଥିଲେ ପ୍ରିୟଙ୍କା। ଏସବୁ ଭିତରେ ଚର୍ଚ୍ଚାରେ ଥିଲା ଦିଲ୍ଲୀ ଯମୁନା ପାଣିକୁ ନେଇ ରାଜ୍ୟସଭା ସାଂସଦ ତଥା ଏକଦା କେଜ୍ରିୱାଲଙ୍କ ଘନିଷ୍ଠ ସହଯୋଗୀ ସ୍ୱାତୀ ମଲିୱାଲଙ୍କ କେଜ୍ରିୱାଲଙ୍କୁ ହମଲା।

## କୁମ୍ଭମେଳାରେ ସୃଷ୍ଟି ...

ସଂସଦ ଭବନରେ କହିଛନ୍ତି, ''ଦଳାଚକଡା ପରିସ୍ଥିତିରେ ପ୍ରାଣ ହରାଇଥିବା ଶ୍ରଦ୍ଧାଳୁଙ୍କ ମୃତଦେହକୁ ନଦୀରେ ଫିଙ୍ଗି ଦିଆଯାଇଛି। ଯଦ୍ୱାରା ପାଣି ପ୍ରଦୂଷଣ ହୋଇଛି। ମୋ ମତରେ ସମ୍ପ୍ରତି କୁମ୍ଭରେ ହିଁ ସବୁଠାରୁ ଦୂଷିତ ପାଣି ଅଛି। ଏଥିପାଇଁ କେହି ସଫେଇ ଦେବା ପାଇଁ ସାମ୍ନାକୁ ଆସୁ ନାହାନ୍ତି। ମୌନୀ ଅମାବାସ୍ୟା ଦିନ ଅମୃତ ସ୍ନାନ ପାଇଁ ଲୋକଙ୍କ କୁମ୍ଭମେଳାରେ ପ୍ରବଳ ଭିଡ଼ ଜମିଥିଲା। ବିଳମ୍ବିତ ରାତିରେ ବୁଡ ପକାଇବା ବେଳେ ଦଳାଚକଡ଼ା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ପରିସ୍ଥିତିରେ ୧୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଆହତ ହୋଇଥିବା ୫୦ରୁ ଅଧିକ ଲୋକଙ୍କୁ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ଖଣ୍ଡଗିରି ମେଳା ପୂର୍ବରୁ ସ୍ଥିତି ...

ପ୍ରତି ୧୦୦ ମିଟର ନିୟୋଜିତ ହେବେ ଜଣେ ଲେଖାଏଁ ସ୍ୱଚ୍ଛ କର୍ମୀ । ଜନସାଧାରଣଙ୍କୁ ଅନୁରୋଧ କରିଲେ ମାଘ ମେଳାରେ କିପରି ପରିବେଶ ସଫାସୁତୁରା ରହିବା ସେଥିପ୍ରତି ଯତ୍ନବାନ ହୁଅନ୍ତୁ । ଅସ୍ଥାୟୀ ଶୌଚାଳୟ ପକେଇବା ସହ ଆଲୋକ ଏବଂ ପାନୀୟ ଜଳ ସୁବନ୍ଦୋବସ୍ତ କରାଯାଇଛି । ଯାହା କାମ ବାକି ରହିଛି ଆଜି ସନ୍ଧ୍ୟା ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖିଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିବେକାନନ୍ଦ ପବ୍ଲିକ ସ୍କୁଲ ବାଲକାଟୀର ୧୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ




ବାଲିଅନ୍ତା , ୩/୨ (ନି.ପ୍ର): ବାଲକାଟୀ ସ୍ଥିତ ଜାମୁ ତୋଟା ସ୍କୁଲ ପଡିଆରେ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଏହି ଅବସରରେ ମୂଖ୍ୟ ଅତିଥିଭାବେ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ, ଚଳଚିତ୍ର ସଂଳାପ ଲେଖକ ଡଃ ରଜନୀ ରଞ୍ଜନ ଦାଶ , ଶିକ୍ଷାବିତ ଜୟନ୍ତ କୁମାର ମହାନ୍ତି,ହାସ୍ୟ ଅଭିନେତା ସମ୍ୟରଞ୍ଜନ ପରିଡ଼ା, ସ୍ଥାନୀୟ ସମିତି ସଭ୍ୟ ଗଙ୍ଗାଧର ମାହାରୀ, ସରପଞ୍ଚ ରିନା ରାଣୀ ବେହେରା, ନାଏବ ସରପଞ୍ଚ ଅରୁଣ କୁମାର ସାହୁ, ବିଶିଷ୍ଟ ଲୋକପ୍ରିୟ କଣ୍ଠଶିଳ୍ପୀ ଇପ୍ସିତା ପଣ୍ଡା, ବିଦ୍ୟାଳୟ ସଂପାଦକ ଅଭିରାମ ସାହୁ , ସ୍କୁଲ କମିଟିର ସଭ୍ୟ ସନ୍ତୋଷ କୁମାର ସାହୁ , ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବଟିକୁ ଉଦଘାଟନ କରିଥିଲେ।ଏହି ପରିପେକ୍ଷିରେ ଡଃ ରଜନୀ ରଞ୍ଜନ ଦାଶ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଓଡିଆଭାଷା ଓ ସାହିତ୍ୟପ୍ରତି ଭଲପାଇବା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପିଲା ମାନଙ୍କ ଶିକ୍ଷାର ଉପଦେୟତା ଉପରେ ଆଲୋକପାତ କରିଥିଲେ ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ। ଏହି ପରିଭାବରେ ଅନ୍ୟ ସମ୍ମାନିତ ଅତିଥିମାନେ ଛାତ୍ର ଛାତ୍ରୀ ଙ୍କୁ ଗୁରୁ ଆଉ ଶିଷ୍ୟର ସମ୍ପର୍କ ଉପରେ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହା ପରେ ସଂଧ୍ୟା ସମୟରେ ସ୍କୁଲର ସମସ୍ତ ପିଲାମାନଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପରିଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରଷ୍କାର ପ୍ରଦାନ କରାଯାଇଥିଲା ।ଶେଷରେ ସମସ୍ତ ଅତିଥି ମାନଙ୍କୁ ସ୍କୁଲର ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣରେଖା ହାଇସ୍କୁଲରେ ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ସଭା



ବାଲିଆପାଳ, ୩/୨ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିଆପାଳ ସ୍ଥିତ ସୁବର୍ଣ୍ଣ ରେଖା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ନିର୍ଦ୍ଦେଶକ ଗଦାଧର ଗିରି ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଅଧ୍ୟାପକ କେଦାରନାଥ ମହାନ୍ତି, ସମ୍ମାନିତ ଅତିଥି ଆଲୁମୁନି ସଭାପତି ଅଜୟ କୁମାର ସାହୁ, ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ, ପରିଚାଳନା କମିଟି ସଭାପତି ବିବେକାନନ୍ଦ ଜେନା, ସଦସ୍ୟା ସ୍ୱର୍ଣ୍ଣଲତା ପାତ୍ର ପ୍ରମୁଖ ଯୋଗଦେଇଥିଲେ । କଠୋର ଅଧ୍ୟବସାୟ ବଳରେ ଜୀବନର ସଫଳତାର ମିଳିଥାଏ, ବାର୍ଷିକ ଉତ୍ସବ ର ଅର୍ଥ ନୁହଁ ପୁରସ୍କାର ପାଇବା ଏହି ଦିନଟି ସଂକଳ୍ପ ନେବାର ଦିନ ଆଗାମୀ ଦିନରେ ପୁରସ୍କାର ପାଇବା ପାଇଁ ଯୋଗ୍ୟ ହେଇପାରିବ ବୋଲି ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ।ଶିକ୍ଷକ ରାଜେଶ କୁମାର ଭୂୟାଁ ଅତିଥି ପରିଚୟ କରିଥିଲା ବେଳେ ପ୍ରଭାକର ପାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରସ୍କାର ବିତରଣକୁ ଖେଳ ଶିକ୍ଷକ ଅମରେନ୍ଦ୍ର ପାତ୍ର ପରିଚାଳନା କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ମାନସୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାଗ୍‌ଦେବୀ ମାଆ ସରସ୍ୱତୀଙ୍କ ପୂଜାରେ ମାନସିକ ବିକାର ଗସ୍ତଙ୍କୁ ଖାଦ୍ୟ ବଣ୍ଟନ



ପାରାଦୀପ, ୩/୨ (ନି.ପ୍ର): ପାରାଦୀପସ୍ଥିତ ବିଜୟଚାନ୍ଦପୁରର ଶ୍ରୀ ଜଗନ୍ନାଥ ପୂଜା କମିଟି ପକ୍ଷରୁ ରବିବାର ଦିନ ବାଗ୍‌ଦେବୀ ମାଆ ସରସ୍ୱତୀଙ୍କ ପୂଜା ଉତ୍ସବ ଯଥା ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି । ବାଗ୍‌ଦେବୀଙ୍କ ପୂଜା ଅନୁଷ୍ଠିତ ହେବା ପରେ କମିଟି ତଥା ସ୍ଥାନୀୟ ଅଂଚଳ ବାସୀ ପୁଷ୍ପାଂଜଳୀ ପ୍ରଦାନ କରିଥିଲେ । କମିଟିର କର୍ମକର୍ତ୍ତା ମାନେ ଏହି ପୂଜା ଉତ୍ସବକୁ ପରିଚାଳନା କରିଥିଲେ । ଏହି ଅବସରରେ କମିଟିର କାର୍ଯ୍ୟକର୍ତା ତଥା ଯୁବ ନେତା, ସମାଜ ସେବୀ ଦୀପ୍ତି ରଞ୍ଜନ ସ୍ୱାଇଁ ନିଜସ୍ୱ ଖର୍ଚ୍ଚରେ ମାନସିକ ବିକାର ଗସ୍ତ (ପାଗଳ ଓ ପାଗେଳୀ ) ମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ । ଦୀପ୍ତି ରଞ୍ଜନ ସ୍ୱାଇଁଙ୍କ ଏହି ଖାଦ୍ୟ ବଣ୍ଟନକୁ ସ୍ଥାନୀୟ ଅଂଚଳ ବାସୀ ପ୍ରଶଂସା କରିବା ସହିତ ଉତ୍ସହିତ କରିଥିଲେ । କମିଟିର ଅନ୍ୟ କର୍ମକର୍ତ୍ତା ମାନେ ଶ୍ରୀ ସ୍ୱାଇଁଙ୍କୁ ସହଯୋଗ କରିଥିଲେ ।

# ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆଜିର ମିଳିତ ଜନ ଶୁଣାଣି ଅନୁଷ୍ଠିତ



ଖୋର୍ଦ୍ଧା , ୩/୨ (ନି.ପ୍ର): ଜିଲ୍ଲାପାଳ, ଖୋର୍ଦ୍ଧା ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ମୋଟ ୧୩୩ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୦୪ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୦୩ ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୦୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ମୁଖ୍ୟ ମନ୍ତ୍ରୀଙ୍କ ଆର୍ଥିକ ସହାୟତା ପାଣ୍ଠି ରୁ ୩ ଜଣ ହିତାଧିକାରୀଙ୍କୁ ଯଥାକ୍ରମେ ୩୦,୦୦୦/-ଟଙ୍କା, ୧୦,୦୦୦/-ଟଙ୍କା ଏବଂ ୫୦୦୦/-ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ସେହିପରି ରେଡକ୍ରସ ସହାୟତା ପାଣ୍ଠି ରୁ ଜଣଙ୍କୁ ୫୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଆଜିର ମିଳିତ ଜନଶୁଣାଣି ଅବସରରେ, ଆରକ୍ଷୀ ଅଧିକ୍ଷକ, ସାଗରିକା ନାଥ/ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା/ ଉପ-ଜିଲ୍ଲାପାଳ କିଶୋର କୁମାର ପଣ୍ଡା ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, କସ୍ତୁରୀ ବାନା ଜେନା/ତହସିଲଦାର,ବିଭାଗ ରଞ୍ଜନ ପାଣିଗ୍ରାହୀ/ ବିଡ଼ିଓ, ଖୋର୍ଦ୍ଧା କ୍ଷିର୍ଦ୍ଧି ତନୟା ସାହୁ,/ ସି ଡ଼ି ଏମ୍ଓ, / ଆସିଷ୍ଟାଣ୍ଟ କଲେକ୍ଟର/ ଅତିରିକ୍ତ ଶିକ୍ଷା ଅଧିକାରୀ। ସ୍ନିଗ୍ଧା ମିଶ୍ର ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ପର୍ଯ୍ୟଟନ ବିଭାଗ ଦାୟିତ୍ୱରେ ନୂତନ ଅଧିକାରୀ

ଭଦ୍ରକ, ୩/୨ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଅନୁଭାଗ ପାଇଁ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଭାବେ ସହାୟକ ଜିଲ୍ଲାପାଳ ସୁଧାଂଶୁ ମୋହନ ସ୍ୱାଇଁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ସେ ସୋମବାର ଦିନ ଏହି କାର୍ଯ୍ୟରେ ଯୋଗ ଦେଇ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସହାୟକ ଜିଲ୍ଲାପାଳ ସଂଜୟ କୁମାର ମହାନ୍ତିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପାଇଁ ଜାରି ରହିଥିବା ସମସ୍ତ ପ୍ରସ୍ତୁତି ସମୀକ୍ଷା କରିଥିଲେ।

# ମହିଳାଙ୍କ ମୃତ୍ୟୁକୁ ନେଇ ହତ୍ୟା ଅଭିଯୋଗ ଆଣିଲେ ବାପଘର ପରିବାର



ନୀଳଗିରି , ୩/୨ (ନି.ପ୍ର): ଜୈନିକ ବିବାହିତ ମହିଳାଙ୍କ ମୃତ୍ୟୁଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି। ଖୋଡ ମହିଳାଙ୍କ ସ୍ୱାମୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା ପ୍ରକାଶ କରିଥିଲା ବେଳେ ମୃତ ମହିଳାଙ୍କ ବାପଘର ଲୋକେ ସ୍ୱାମୀ ମାରିଥିବା ନେଇ ନୀଳଗିରି ଥାନାରେ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ସୂଚନା ଥାଉକି ଔପଦା ବ୍ଲକ୍ କାଣ୍ଡଗରଡି ପଞ୍ଚାୟତ ବଉଳଗଡିଆ ଗ୍ରାମର ଗଙ୍ଗାଧର ମଲ୍ଲିକ ସୋରଥାନା ଅଧୀନସ୍ଥ ଦାଣ୍ଡହରିପୁର ଗ୍ରାମର ରଞ୍ଜୁଲତାକୁ ଦ୍ୱିତୀୟ ବିବାହ କରିଥିଲେ। ଉଭୟଙ୍କ ଔରସରୁ ଦୁଇଟି ପୁତ୍ରସନ୍ତାନ ଏବଂ ଗୋଟିଏ କନ୍ୟା ସନ୍ତାନ ଜନ୍ମଗ୍ରହଣ କରିଥିଲେ। କିଛିବର୍ଷ ଧରି ଉଭୟ ସ୍ୱାମୀ ସ୍ତ୍ରୀ ସୁଖରେ ସଂସାର କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେଇଥିଲା। ଏପରିକି ଯୌତୁକ ଲୋଭି ସ୍ୱାମୀ ଗଙ୍ଗାଧର ବାପଘରୁ ଯୌତୁକ ଆଣିବାକୁ ବାଧ କରୁଥିଲେ। ଅନେକ ସମୟରେ ଗଙ୍ଗାଧର ସ୍ତ୍ରୀ ରଞ୍ଜୁଲତାକୁ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇଆସୁଥିଲା। ଶେଷରେ ରଞ୍ଜୁଲତା ବାଧହୋଇ ଥାଇଲାଣ୍ଡ ଚିଙ୍ଗୁଡ଼ି କମ୍ପାନୀରେ କାମ କରୁଥିଲେ। ମାତ୍ର ସ୍ୱାମୀ ଚଞ୍ଚକତା କରି ଘରେ କୁକୁଡ଼ା ଚାଷ ଓ ମାଛଚାଷ କରିବା କହି ସ୍ତ୍ରୀକୁ ଘରକୁ ନେଇ ଆସିଥିଲେ। ସୋମବାର ସକାଳେ ରଞ୍ଜୁଲତା ଘର ଗାଡିଆକୁ ଯାଇଥିବା ବେଳେ ଅସାବଧାନତା ଯୋଗୁଁ ଇଲେକ୍ଟ୍ରି କରେଣ୍ଟଲାଗି ଲାଗି ମୃତ୍ୟୁବରଣ କରିଥିବା ସ୍ୱାମୀ ଗଙ୍ଗାଧର କହିଥିବା ବେଳେ ରଞ୍ଜୁଲତାର ବାପଘର ଲୋକ ରଞ୍ଜୁଲତାକୁ କରେଣ୍ଟ ଦେଇ ମାରିଦେଇଥିବା ପାଲଟା ଅଭିଯୋଗ କରିଛନ୍ତି। ଗାଡିଆରେ ମାଛ ଚୋରୀ ହେଉଥିବା ନେଇ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଗଙ୍ଗାଧର ପ୍ରକାଶ କରିଛନ୍ତି। ତେବେ ମୃତକ ମହିଳାଙ୍କ ଭାଉଜ ଭାରତୀ ମଲ୍ଲିକ ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ କଲାପରେ ନୀଳଗିରି ପୋଲିସ ୫୪/୨୫ରେ ମାମଲା ରୁଜୁ କରି ଥାନାରେ ଅଟକ ରଖି ତଦନ୍ତ କରୁଥିବାର ତଦନ୍ତକାରୀ ଅଫିସର ଦିଲ୍ଲୀପ ସେନାପତି ପ୍ରକାଶ କରିଛନ୍ତି। ମୃତକଙ୍କ ଶବବ୍ୟବଚ୍ଛେଦ ପାଇଁ ମରଶରୀରକୁ ନୀଳଗିରି ମେଡିକାଲ ଅଣାଯାଇଥିବା ଜଣାପଡିଛି।

# ବୀଣାପାଣି ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ଓ ସମର୍ପଣ ଉତ୍ସବ




ବସ୍ତା , ୩/୨ (ନି.ପ୍ର): ରୂପସା ଥାନା ଅନ୍ତର୍ଗତ ବୀଣାପାଣି ଶିଶୁ ମନ୍ଦିର ରେ ସ୍ୱରସ୍ୱତି ପୂଜା ଉପଲକ୍ଷେ ମାତୃ ସମ୍ମିଳନୀ ଓ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନିଜ ନିଜ ର ମା ଙ୍କୁ ଛାତ୍ର ଛାତ୍ରୀ ମାନେ ଫୁଲ ଚନ୍ଦନ ଦେଇ ପୂଜା କରିବା ସହ ସମସ୍ତ ଗୁରୁମା ଓ ଅଭିଭାବକ ମାନଙ୍କୁ ପୂଜାର୍ଚ୍ଚନା କରିଥିଲେ । ମା ମାନଙ୍କୁ ନେଇ ଶିଶୁ ମନ୍ଦିର ତରଫରୁ ଶଙ୍ଖ ଫୁଙ୍କା , ମିଉଜିକ୍ ଚିଆର , ମୁରୁଜ ପକା ପ୍ରତିଯୋଗିତା ହୋଇଥିବା ବେଳେ ଗୁରୁମାଆ ମାନଙ୍କ ର ଶଙ୍ଖଫୁଙ୍କା ଓ ମିଉଜୀକ ଚିଆର ପ୍ରତିଯୋଗିତା ହୋଇଥିଲା । ଉପସ୍ଥିତ ମୁଖ୍ୟ ଅତିଥି ଉତ୍କଳ ଶିକ୍ଷା ପରିଷଦ ର ସମ୍ପାଦକ ଯୋଗେନ୍ଦ୍ର ଦାସ , ଉତ୍କଳ ଶିକ୍ଷା ପରିଷଦ ପ୍ରକାଶନର ମୁଖ୍ୟ ସରୋଜ କୁମାର ବାରିକ , ବିଦ୍ୟାଳୟ ର ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ, ଉପ ସଭାପତି ନିରଞ୍ଜନ ପଣ୍ଡା ଶର୍ମା ବିଜେତା ମାନଙ୍କୁ ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଖେଳ ବିଚାରକ ଭାବେ ଅବସର ପ୍ରାପ୍ତ କ୍ରୀଡା ଶିକ୍ଷକ ଜିତେନ୍ଦ୍ର କୁମାର ପ୍ରଧାନ, ମହାପାତ୍ର ହାଇସ୍କୁଲ ର ବିଜ୍ଞାନ ଶିକ୍ଷୟତ୍ରି ସାବିତ୍ରୀ ମାଇତି ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟ କୁ ବିଦ୍ୟାଳୟ ର ଅନ୍ୟତମ ସଦସ୍ୟ ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ଭିକାରୀ ମିସ୍ତ୍ରୀ , ଶିବ ଶଙ୍କର ସାହୁ ଙ୍କ ସହ ସମସ୍ତ ଗୁରୁମା ମାନେ ପରିଚାଳନା କରିଥିଲେ । ପରିଶେଷରେ ସମସ୍ତ ଅତିଥି , ଅଭିଭାବକ ମାନଙ୍କୁ ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ବିକ୍ରମ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନକିଣା ସୁବ୍ୟବସ୍ଥିତ ପାଇଁ ଅଧିକ ସକ୍ରିୟ ହେଉଛି ଜିଲ୍ଲା ପ୍ରଶାସନ

## ଛଦ୍ମବେଶରେ ମଣ୍ଡି ପରିଦର୍ଶନ କଲେ ଜିଲ୍ଲାପାଳ



ଭଦ୍ରକ, ୩/୨ (ନି.ପ୍ର): ପଞ୍ଜିକୃତ ଚଷୀମାନଙ୍କ ଠାରୁ ଏଫ୍.ଏ.କ୍ୟୁ ମାନର ଧାନ ମଣ୍ଡି ଜରିଆରେ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ଦରରେ କିଣାଯିବା ପାଇଁ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଭଦ୍ରକ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ପରେ ଗତ ଜାନୁୟାରୀ ୫ ତାରିଖରୁ ଧାନକିଣା ଆରମ୍ଭ କରାଯାଇଛି । ସଠିକ୍ ଭାବେ ଧାନକିଣା କାର୍ଯ୍ୟ ସମ୍ପାଦନ ନେଇ ତଦାରଖ ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ଜିଲ୍ଲାପାଳ ଦିଲୀପ ରାଉତରାୟ ମଣ୍ଡି ପରିଦର୍ଶନ ଅବସରରେ ବିନା କଟନୀ ଛଟନୀରେ ଧାନ ବିକ୍ରୟ କରିଥିବା କେତେ ଜଣ ଚଷୀଙ୍କ ଠାରୁ ଶୁଣିଥିଲେ ବି ଜିଲ୍ଲାରେ ବିଭିନ୍ନ ମଣ୍ଡିରେ କଟନୀ ଛଟନୀ ଚାଲୁଥିବା ନେଇ ଅଭିଯୋଗ ଜିଲ୍ଲାପାଳଙ୍କ ପାଖରେ ପହଞ୍ଚୁଥିଲା। ଏହାର ସତ୍ୟତା ପରୀକ୍ଷଣ ପାଇଁ ଶନିବାର ଅପରାହ୍ନରେ ଜିଲ୍ଲାପାଳ ଜଣେ ଚଷୀବେଶରେ ହଠାତ୍ ଯାଇ ଧାମନଗର ର କଟ୍‌ସାହି ଧାନମଣ୍ଡିରେ ପହଞ୍ଚିଥିଲେ। ହାଫ୍ ପ୍ୟାଣ୍ଟ, ଗଞ୍ଜି ପିନ୍ଧି, ବେକରେ ଗାମୁଛା ପକାଇ, ପାଦରେ ଚପଲ, ମୁହଁରେ ମାସ୍କ ଲଗାଇ ଅନୁରୂପ ବେଶରେ ନିଜର ସୁରକ୍ଷା କର୍ମୀ ଓ ଡ୍ରାଇଭରଙ୍କୁ ନେଇ ମଣ୍ଡି ସଂଲଗ୍ନ ପରିବା ବଜାରରେ ୩ ଘଣ୍ଟା ବିତାଇ ଥିଲେ। ମଣ୍ଡିରେ ଧାନ ବିକ୍ରୟ ବ୍ୟବସ୍ଥା ନେଇ ଚଷୀମନାଙ୍କୁ ବିଭିନ୍ନ ବିଷୟ ପଚାରି ବୁଝିଥିଲେ ଏବଂ ଶେଷରେ ନିଜେ ଜଣେ ଚଷୀର ପରିଚୟ ନେଇ ୪ ତାରିଖକୁ ମିଳିଥିବା ଟୋକନ୍‌ରେ ଧାନ ବିକ୍ରୟ ପାଇଁ ମଣ୍ଡି ସମ୍ପାଦକଙ୍କୁ ଜଣାଇ କଟନୀ ଛଟନୀ ବାବଦରେ ଜାଣିବାକୁ ଚହିଁଥିଲେ। ୮ କେ.ଜି. ପର୍ଯ୍ୟନ୍ତ କଟନୀ ହେବା ନେଇ ସମ୍ପାଦକଙ୍କ ଠାରୁ ଜାଣି ଅଭିଯୋଗର ସତ୍ୟତାକୁ ଉପଲବ୍ଧି କରି ଉକ୍ତ ସମ୍ପାଦକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏ.ଆର.ସି.ଏସ୍.ଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ କି ଧାନ କିଣାରେ ମିଲରମାନଙ୍କ ମନମାନି ସମସ୍ୟାକୁ ଦୂର କରିବା ପାଇଁ ବାହାର ମିଲରଙ୍କୁ ଜିଲ୍ଲାରୁ ଧାନ କିଣିବା ପାଇଁ ଅନୁମତି ପ୍ରଦାନ ସମ୍ବନ୍ଧେ ସରକାରଙ୍କ ଅନୁମୋଦନ ପ୍ରାପ୍ତିପରେ ସମ୍ବଲପୁର ଜିଲ୍ଲାରୁ ୧୩ ଜଣ, ଯାଜପୁରରୁ ଜଣେ ଓ ଖୋର୍ଦ୍ଧାରୁ ଜଣେ ସମୁଦାୟ ୧୫ ଜଣ ମିଲର ସମ୍ମତି ପ୍ରକାଶ କରିଛନ୍ତି। ଆବଶ୍ୟକ ଅମାନତ ଜମା ପ୍ରଦାନ ଓ କାଗଜାଦି କାର୍ଯ୍ୟ ପରେ ସେମାନେ ଧାନ କିଣା ଆରମ୍ଭ କରିବେ ବୋଲି ଜଣାଯାଇଛି। ପ୍ରକାଶ ଥାଉ କି ଫେବୃୟାରୀ ୩ ତାରିଖ ସୁଦ୍ଧା ଜିଲ୍ଲାରୁ ସମୁଦାୟ ୧୧୯୨୨୯୬.୨୩ କ୍ୱିଣ୍ଟାଲ ଧାନ କିଣାଯାଇଛି। ସେଥିରୁ ୧୦୧୬୮୮୮.୨୩ କ୍ୱିଣ୍ଟାଲ ଧାନ ମିଲର ମାନେ ମଣ୍ଡିରୁ ଉଠାଇ ସାରିଥିବା ବେଳେ ୧୭୫୪୦୮ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ି ରହିଛି।

# ୫ରୁ ଆରମ୍ଭ ହେବ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ

ଭୁବନେଶ୍ୱର, ୩/୨ (ନି.ପ୍ର): ଆସନ୍ତା ୫ ତାରିଖରୁ ଆରମ୍ଭ ହେବ ଅନ୍ତର୍ଜାତିୟ ଐର ଖାରବେଳ ମହୋତ୍ସବ । ଯାହା ୭ ତାରିଖ ପର୍ଯ୍ୟନ୍ତ ଖଣ୍ଡଗିରି ପାନ୍ଥିକା ମଂଚରେ ଚାଲିବା ସହ ପ୍ରଦର୍ଶିତ ହେବ ଓଡ଼ିଶୀ, ପାଇକ, ଗୀତନାଟ୍ୟ, ସମ୍ବଲପୁରୀ, ମୋଗଲ ତାମସା । ପୂର୍ବ ସରକାର ସମୟରେ ନାଁ ବଦଳାଇ ଦିଆଯାଇଥିଲା । ୨୦୨୦ ରୁ ୨୦୨୩ ପର୍ଯ୍ୟନ୍ତ ଖାରବେଳ ମହୋତ୍ସବର ନାଁ ପରିବର୍ତ୍ତନ ହୋଇ ଖଣ୍ଡଗିରି ଉଦୟଗିରି ମହୋତ୍ସବ ନାଁରେ ହେଉଥିଲା । କିନ୍ତୁ ଚଳିତ ଥର ଠାରୁ ପୁନର୍ବାର ପୁରାତନ ନାଁ ସହ ଯୋଡି ହେବ ଅନ୍ତର୍ଜାତିକ ଶବ୍ଦ । ଚଳିତ ବର୍ଷ ଠାରୁ ଏହି ମହୋତ୍ସବର ନାମ ରହିବ ଅନ୍ତର୍ଜାତିୟ ଐର ଖାରବେଳ ମହୋତ୍ସବ ।

# ସିମୁଳିଆ ବଜାର ରାସ୍ତାର ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସର କଡା କାର୍ଯ୍ୟାନୁଷ୍ଠାନ



ବାଲିଆପାଳ, ୩/୨ (ନି.ପ୍ର): ବାଲିଆପାଳ ବ୍ଲକ ସିମୁଳିଆ ବଜାରରେ ବହୁତ ଦିନରୁ ଭିଡ଼ ଲାଗିରହୁଥିଲା ।ବାରମ୍ବାର ଖବର ପ୍ରସାରଣ ହେବାପରେ ଏବେ ରାସ୍ତାର ସମ୍ପ୍ରସାରଣ ହୋଇଛି, କିନ୍ତୁ ଭିଡ଼ ନିୟନ୍ତ୍ରଣ ହେଉନାହିଁ କ୍ଷପାର୍କିଂ ବ୍ୟବସ୍ଥା ନଥିବାରୁ ଗ୍ରାହକ ମାନେ ରାସ୍ତା ଉପରେ ଗାଡି ରଖିବା ସହିତ, ଉଠା ଦୋକାନୀ ମାନେ ମଧ୍ୟ ନିଜର ପସରା ମେଲେଇ ବସୁଛନ୍ତି କ୍ଷତେବେ ରବିବାର ଏହି ରାସ୍ତାର ଭିଡ଼ କୁ ନିୟନ୍ତ୍ରଣ କରିବାପାଇଁ ବାଲିଆପାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ଙ୍କ ନେତୃତ୍ୱରେ ପୋଲିସ ର ଟିମ ଭିଡ଼ ସ୍ଥାନରେ ପହଁଚି ଗାଡି ସହିତ ଉଠା ଦୋକାନୀଙ୍କୁ ରାସ୍ତାରୁ ଉଠାଇ ଦେଇଥିଲେ । ସାଧାରଣ ଲୋକ ରାସ୍ତା ଉପରେ ସାଇକେଲ, ଗାଡ଼ି ରଖିଥିବା ରୁ ଏଭଳି ଟ୍ରାଫିକ ସମସ୍ୟା ଦେଖାଦେଉଛି ବୋଲି ବ୍ରହ୍ମାନନ୍ଦ ସ୍ୱାଇଁ କହିବା ସହିତ ଆଗାମୀ ଦିନରେ ଏଭଳି ବେଆଇନ ଭାବେ ଗାଡି ପାର୍କିଂ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ସିମୁଳିଆ ମାର୍କେଟ ରେ ପାର୍କିଂ ବ୍ୟବସ୍ତା ନଥିବାରୁ ଲୋକେ ଗାଡି ମୋଟର କେଉଁଠି ରଖିବେ ବୋଲି ପ୍ରଶ୍ନ ଉଠିଛି ।ତେଣୁ ସ୍ଥାନୀୟ ପ୍ରଶାସନକୁ ତୁରନ୍ତ ପାର୍କିଂ ବ୍ୟବସ୍ତା କରିବାପାଇଁ ଜନସାଧାରଣ ଦାବି କରିଛନ୍ତି ।

# ବାବା ଆଖଣ୍ଡଳେଶ୍ୱରଙ୍କ ବାର୍ଷିକ ଅଭିଷେକ ପୂଜା



ଖଇରା, ୩/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବଜାରସ୍ଥିତ ବାବା ଅଖଣ୍ଡଳେଶ୍ୱରଙ୍କ ବାର୍ଷିକ ଅଭିଷେକ ପୂଜା ସୋମବାର ଦିବସ ବ୍ୟାପି ଯଜ୍ଞ ଓ ଭଜନ କିର୍ତ୍ତନ ପରିବେଷଣ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ୧୬ରୁ ଅଧୀକ ବ୍ରାହ୍ମଣଙ୍କ ଦ୍ୱାରା ଆଖଣ୍ଡଳେଶ୍ୱରଙ୍କ ପୁଜାର୍ଚ୍ଚନା ଓ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା । ନନ୍ଦ କୁମାର ପାଣି, ଯୋଗେଶ ଶତପଥି, ମିହିର କୁମାର ନାୟକ, ପଦ୍ମଲୋଚନ ମହାପାତ୍ର,ବିକ୍ରମ କୁମାର ମହାନ୍ତି ପ୍ରମୁଖଙ୍କ ଦ୍ୱାରା କୋଟିଆକୋଇଲି ନଦୀରୁ କଳସ ଅଣାଯାଇଥିଲା । ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି, ତ୍ରୟଲୋକ୍ୟ ଲେଙ୍କା, ଜଗତନାଥ ମହାନ୍ତି, ପିତାମ୍ବର ନାୟକ,ପିୟୁସ ଶତପଥି, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯଜ୍ଞକର୍ମ ପରିଚାଳନାରେ ସହଯୋଗ କରିଥିଲେ ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାସୁଦେବପୁର, ୩/୨ (ନି.ପ୍ର): ବାସୁଦେବପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜ କିଶୋର ମଳିକ ସଭାପତିତ୍ୱ କରିଥିଲେ। ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା, ସମାଜସେବା, ସାହିତ୍ୟ ,କଳା , ସଂସ୍କୃତି ସମ୍ପର୍କରେ ଆଲୋଚନା କରିବା ସହିତ ବିଦ୍ୟାଳୟର ବିଦ୍ୟାର୍ଥୀ ଓ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ପ୍ରଶଂସା କରିଥିଲେ। ପୌର ପାଳିକା ଅଧକ୍ଷା ନିବେଦିତା ବେହେରା, ବ୍ଲକ୍ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, କବି ଓ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିବେକାନନ୍ଦ ପଣ୍ଡା ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ରମାକାନ୍ତ ବାରିକ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ସହକାରୀ ଶିକ୍ଷକ ଜ୍ଞାନେଶ ଚନ୍ଦ୍ର ସାହୁ। ଶିକ୍ଷକ ପ୍ରଣୟ କୁମାର ମହାପାତ୍ର ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ଶିକ୍ଷକ ଶିକ୍ଷୟତ୍ରୀ କନକ ଲତା ଦାସ, ମହେଶ୍ୱର ରାଉତ, ପ୍ରକାଶ ଚନ୍ଦ୍ର ଖଟୁଆ, ଦମୟନ୍ତୀ ପାଢ଼ୀ, ସୌମ୍ୟା ସୁଚରିତା ବାରିକ, ସୁମତି ମହାନ୍ତି, ସଂଜୁଲତା ବାରିକ, ରତିକାନ୍ତ ସାହୁ,ରବିନ୍ଦ୍ର ଚଣ୍ଡ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida